ଏଠାରେ ଉପରୋକ୍ତ ଦୁଇ ସଭାରେ ସକଳ ଶ୍ରେଣୀର ଲୋକ ପ୍ରାୟ ସହସ୍ରାଧିକ ସମବେତ ହୋଇଥିବାର ଦୃଶ୍ୟ ପ୍ରୀତିକର ହୋଇଥିଲା । ସକଳ ବିଷୟ ଲିପିବଦ୍ଧ କଲେ ଏକ ଦୀର୍ଘ ପ୍ରବନ୍ଧ ହୋଇ ପାରେ । ତାଙ୍କର ଓ ତାଙ୍କ ଜମିଦ୍ର ଅକୃତ୍ରିମ କର୍ମମାନଙ୍କରୁ ଅଦ୍ୟାବଧ୍ୟ ମଧ୍ୟରେ ନମ୍ରତା ଶିକ୍ଷା ମିଳଇ ।

ତାଙ୍କ ଜନ୍ମିରୁ ଶିକ୍ଷା—ମନୁଷ୍ୟ ସୁଖ ଦୁଃଖରେ ଉଦାସ ହୋଇ ଜୀବନ ଯାପନ କରିବାକୁ ଅଛି ନାହିଁ । ପରନ୍ତୁ ସାଧୁ ଚେଷ୍ଟାଦ୍ଵାରା (ପରଶ୍ରମ ସହିତ) ସତ୍କର୍ମ ଅନୁଷ୍ଠାନହିଁ ତାହାର ଉଦ୍ଦେଶ୍ୟ ଅଟେ । ତାଙ୍କ ଜମିଦ୍ଦ ଅନୁଷ୍ଠିତ କର୍ମରୁ ଶିକ୍ଷା—ସଂସ୍କୃତ ଚର୍ଚ୍ଚା ଏବଂ ସ୍ତ୍ରୀ ଶିକ୍ଷାଦ୍ଵାରା ଦେଶର ପ୍ରକୃତ ମଙ୍ଗଳ ସାଧିତ ହୁଏ । ସାଧୁ କର୍ମରି ପୁରସ୍କାର ଓ ଅସତ୍ କର୍ମର ଦଣ୍ଡ (ପ୍ରାୟଶ୍ଚିତ୍ତ) ସକଳ ସମୟରେ ଈଶ୍ଵର ଦେଇଥାନ୍ତି । ପରିଶ୍ରମିର ପରିଶ୍ରମ କେବେହେଁ ବୃଥା ହୁଏ ନାହିଁ । ଭଗବାନଙ୍କ କର୍ମକ୍ଷେତ୍ରରେ ଯେ ଯାହା କରିବ ତାହାର ଫଳ ସେ ନିଶ୍ଚୟ ପାଇବ । ଅଲମତି ବିସ୍ତରେଣ ।

ପାଲଗିରି } ନ—ଅପଣଙ୍କର
୨୬।୭।୧୦ } ଶ୍ରୀ ଅଦ୍ଵୈତଚରଣ ପଟ୍ଟନାୟକ
ଡାକବ ଡାକର ପାଲଗିରି

ମହାଶୟ !

ରବିବାର ତା ୧୦ ରଖ ଜୁଲାଇ ସନ ୧୯୧୦ ମସିହା ଦିନ ଦଶ ଅଧାଜ ଘ ୧୨ ଟିକା ସମୟେ କାଠଯୋଡ଼ ନଦୀର ସ୍ୱଚ୍ଛଜଳ ପ୍ରଭାବର ଅବଲମ୍ବି ଧାଇଁ ଡରି ଅମ୍ଭ ନଗରର ପ୍ରସିଦ୍ଧ ସାନ ଘାଟରେ ସେପାରରୁ କାଠ ବୋଝାଇ ଖଣ୍ଡେ ପଟାଉଡ଼ ନୌକା ଅସି ପହଞ୍ଚିଲା ମାତ୍ରେ ପ୍ରଥମ-ସାଟ ଅଉଟ-ପୋଷ୍ଟର ଜଣେ ସେଖ୍ ଇନାଏ ଭୁଆ ନାମକ ଘାଟର ମୁଖ୍ୟ କନେଷ୍ଟବଲ ତାଠାରୁ ଅସି ନିଜ ଦକ୍ଷିଣା ବାବତରେ ବଡ଼ାଏ କାଠ ଉଠାଇବା ମାତ୍ରେ ଅର୍ଦ୍ଧ ପଇଡ଼ା ନାମକ ଜଣେ ମୁଣ୍ଡମୁହାଣିଆ ଡାଲମା କାଠ ବ୍ୟବସାୟୀ ଦକ୍ଷିଣା ଦେବାକୁ ବାରଣ କରିବାରୁ କାଠ ଧରାଧରି କରିବାରେ କନେଷ୍ଟବଲ ମୁସଲମାନ ହୋଇ ହିନ୍ଦୁ କାଠବ୍ୟବସାୟୀକୁ "ଦେ ଖେ-ଗା" ଶବ୍ଦଟି କହି ତଠାରୁ ଗୋଡ଼ାକୁ ଉଗଡ଼ ଯୋଡ଼ା ତାହାର କର ବ୍ରହ୍ମ-ପ୍ରହାର କଲା, ତହୁଁ ହିନ୍ଦୁଟି ନିଜର ଜାତି ଭୁକ୍ତମାନଙ୍କ ସମ୍ମୁଖରେ "ପଠାଣ" ହସ୍ତରୁ ଯୋଡ଼ା ଖାଇଲି ବୋଲି, ଲଜ୍ଜିତ ଅବସ୍ଥାରେ ଭୁନ ହୋଇ ରହିଗଲା । କନେଷ୍ଟବଲ ସମସ୍ତଙ୍କ ମଧ୍ୟରେ ଲଘୁ କନାଇ ଦୈନିକ ଦକ୍ଷିଣା ଅଦାୟ କରିବା ପରି ଉକ୍ତ ସମୟେ ୧୪ ଖଣ୍ଡା କାଠ ଅଦାୟ କଲା । ଶେଷରେ ଲକ୍ଷାବଶତଃ ଏତିଲା ଦେବାକୁ ଥାନାକୁ ଗଲା । ଲେଖକ ଘାଟରୁ ନିଜ ଘରକୁ ଫେରି ଅସିଲେ । ଭରସା କରୁଁ ଟାଉନର ସୁଦକ୍ଷ ସିନିୟର ପୁଲିସ ସବ୍-ଇନସ୍ପେକ୍ଟର ମହୋଦୟ ଏ ବିଷୟ ସ୍ଵୟଂ ତଦନ୍ତ କରି ସାନ ଉପରର ଅସୁ-ବିଧାମାନ ଦୂର କରିଇ ଘାଟୁଆମାନଙ୍କର ସୁବିଧା କରିବା ହେବେ ।

ତା ୧୯।୭।୧୦ ମସିହା ମଙ୍ଗଳବାର ସକାଳ ଅଧାଜ ୭।୮ ଟା ସମୟେ ମୁଣ୍ଡମୁହାଣିଆ ଧୋବେଇ ଯେନା ନାମକ ଜଣେ କାଠ ବ୍ୟବସାୟୀ ନିଜର ରଖିଥିବା ପଙ୍କାର ଉପରୁ ବାହେଲ ଭୁ-ସମ୍ପତ୍ତି ଉପରେ ଖଗଡ଼ିଲେ ନଡ଼ା ବୋଝାଇଥିଲା । ଏପରି ସମୟେ ପ୍ରଥମ ସାଟ ଅଉଟ-ପୋଷ୍ଟର ଜଣେ ମୁସଲମାନ କନେଷ୍ଟବଲ ସେଖ୍ ଇନାଏ ଭୁଆ ନାମକ ଯେନାକୁ ଶୁନ୍ଦନ ଦେଲା । ଶୁଣିବାରେ କନେଷ୍ଟବଲ ନିଜର ଦକ୍ଷିଣା ବାବତରେ ପ୍ରଥ-ମାବଧିରେ ଦୁଇପଇସା ଦକ୍ଷିଣା ବନ୍ଦୋବସ୍ତ କରି ଅଦାୟ କରି ଚାଲିଗଲା ।

ବୁଧବାର ତା ୨୦।୭।୧୦ ସାଲ ସକାଳ ଅଧାଜ ୮।୯ ସମୟେ ଘାଟରେ ମଦ ଏକାଥିବା ସେଖ୍ ଇନାଏ ଭୁଆ କନେଷ୍ଟବଲ ପ୍ରଭଗଡ଼ାରୁ ୧ ଖଣ୍ଡାଏ କାଠ ଦକ୍ଷିଣା ବାବତରେ ଅଦାୟ କରିବା ସମୟେ ଗରିବ କାଠ ବ୍ୟବସାୟୀ ଯୋଗୀ ସ୍ଵାଇଁ, ଚନ୍ତାମଣି ବାରିକ, କ୍ଷେତ୍ର ସ୍ଵାଇଁ, ବାଲୁ ପଧାନ, । ମୁ । ମୁଣ୍ଡମୁହାଣ । ଚନ୍ତାମଣି ରାଉତ, ଗୋପୀ ବିଶାଳ । ମୁ । ନରଣପୁର କାଠ ବ୍ୟବସାୟୀମାନେ କନେଷ୍ଟବଲକୁ କହିଲେ ଅମ୍ଭେମାନେ ଗରିବ ଲୋକ ମହାଜନଠାରୁ ଋଣ କରିବାକୁ କାଠ ଅଣିଅଛୁଁ ଅମ୍ଭେ ଦେଇ ନ ପାରୁଁ ତହୁଁ କଃ ବଳ ନାଃସହାୟ ଗରିବଙ୍କର ଅପତ୍ତି ନ ଶୁଣିବାରେ ଲେଗନ ଦଃ ବଲକୁ ପଚାରିଲେ "ତୁମ୍-ଲକଡ଼-କେଓଁ-ଲେଗେ ?" (ତୁମ୍ଭେ କାହିଁକି କାଠ ନେବ ?) ତହୁଁ କନେଷ୍ଟବଲ ଉତ୍ତର କଲା, ଅମ୍ଭେ ଏମାନଙ୍କ ପାଖ ଅଇନ ଛଡ଼ ଦେଉଁ ସେଥି ସକାଶେ କାଠ ନେଉଁ ସେ ଏଠାରେ ନ ଦେଲେ ଫାଣ୍ଡିରେ ଦେଇ ଅସିବେ । ଲେଖକ କନେଷ୍ଟବଲର ବାଣୀ ଶୁଣି ଘାଟ ଉପରେ ଠିଆ ହୋଇ ରହିଲେ ଗାଧୋ-ଥିବା ନିମ୍ନଲିଖିତ ଭଦ୍ରବ୍ୟକ୍ତିଙ୍କ ମୁହାଁଡ଼ରେ ଦଃ ବଳକୁ ପୁନଶ୍ଚ ଉପରୋକ୍ତ ବାଣୀ ପଚାରି ସାକ୍ଷୀ ରଖାଇ ଦେଇଅଛନ୍ତି । ଯଥା;—ଶ୍ରୀଯୁକ୍ତ ବାବୁ ଶ୍ୟାମାକାନ୍ତ ଘୋଷ ମହୋଦୟ ପେନସନ ପ୍ରାପ୍ତ ପୁଲିସ ଇନସ୍ପେକ୍ଟର, ଶ୍ରୀଯୁକ୍ତ ବାବୁ ଭୁଷାଳପ୍ରସାଦ ଚୌଧୁରୀ ମହୋଦୟ କଟକ ମିଉନିସିପାଲିଟିର ଜଣେ ଓଭରସିୟର, ଏପରି ଅନ୍ୟ କେତେକ ଭଦ୍ର-ବ୍ୟକ୍ତି ଅଛନ୍ତି । ଏ ବିଷୟମାନ ପୁଲିସ ବିଭାଗୀୟ କର୍ତ୍ତୃପକ୍ଷ ଲେଖକଙ୍କ ସଙ୍ଗେ ସାକ୍ଷାତ କଲେ ଅନାୟାସରେ ସେ ପ୍ରମାଣର ପଥ ଦେଖାଇଦେବେ ।

କାଠଯୋଡ଼ ତଟରେ ସର୍ବସାଧାରଣଙ୍କର ପାରଉତାର ହେବାର ସୁବିଧା ସକାଶେ ଗ୍ରାମ୍ୟ ମିଉନିସିପାଲିଟି ଖଣ୍ଡେ ନୌକା ଦେଇଅଛନ୍ତି । ଇଜାରଦାର ଜଣେ ଦୟାଳୁ ବ୍ୟକ୍ତି ଅଟନ୍ତି । ତାହାଙ୍କ ସମ୍ମୁଖରେ ଘାଟୋଇମାନେ ପାରଉତାର ହୁଅନ୍ତି ।

ଉତ୍ସାହ(ସାଦେ } ବଶମ୍ବଦ
ବଖାଦାରବାର ) } ହାକିମ ସେଖ୍ ଓ୍ୟାକୈଦୁଆ
ତା ୨୦।୭।୧୦ } ମୈଦାପଡ଼ା ସାହି

ମହାଶୟ !

ମୋର ବନ୍ଧୁବରର ମନୋଜ୍ଞବ ଅଳ୍ପ ପାଦସ ପର ଅପଣଙ୍କ କଲମର ସାହାଯ୍ୟପ୍ରାର୍ଥୀ ! ଗତ-ମାସର ଦୀପିକାରେ ବୁଝାମୁଁ ନଷ୍ଟିପ୍ ଶ୍ରୀଯୁକ୍ତ ସାରଦାଚରଣ ମିତ୍ରଙ୍କର ଅମ୍ଭ ଡାକ୍ତର କାଳର

ସମସ୍ତେଙ୍କରା ବିଷୟରେ ଯେଉଁ ଦେବବାଣୀ ଓ ତାହା ଉପରେ ଆପଣ ପଦେ ଯାହା ଆମ୍ଭଙ୍କୁ ଉପଦେଶ ଦେଇଥିଲେ ତାହା ଅକସ୍ମାତ ମୋର ଅନ୍ତର୍ଦୃଷ୍ଟି ନିହିତ ହୋଇଥିଲା । ଆପଣଙ୍କ ଲେଖାରୁ ପଢ଼ି ଉତ୍କଳୀୟମାନଙ୍କ ମଧ୍ୟରେ କାୟସ୍ଥ କରଣ ବା ଓଡ଼ିଆ, ବଙ୍ଗାଳୀ, ବ୍ରାହ୍ମଣ ଏତାଦୃଶ ଉତ୍କଳାଭିମୁଖଙ୍କର କିପରି ଏକ ସମାଜରେ ସ୍ଥାପିତ ହେବ ତାହାର ପ୍ରସ୍ତାବ ଆପଣଙ୍କ କଲମରୁ ଜାଣିବାକୁ ଉତ୍କଣ୍ଠା ବଢ଼ିଲାଣି । ଦେଶର ଅନ୍ୟାନ୍ୟ ନେତାମାନଙ୍କ କଲମରୁ ମଧ୍ୟ ଏ ବିଷୟରେ ଆଶୁ ଚର୍ଚ୍ଚା ହେବାର ସମ୍ଭବ । ଅତଏବ ଅନୁତାପର ବିଷୟ ଏହି ଯେ ଏତବେଳକାଳରେ ପୁଣି କଟକର ପଟ୍ଟନାୟକେ ଚୌଧୁରୀ ଏ ଦାସେ ଓ ସାଅନ୍ତେ ବସୁ ମିତ୍ର ଗୁପ୍ତ ଘୋଷକୁ ମହାଶୟମାନେ ଭୁଲାଇଦେଲେ ଭୋଜଥାଳରେ ହଜିଥି କଳ୍ପ କଣାଗଲା । ବୁଝିଲେତ ? ଆପଣମାନଙ୍କ ଭୋଜମଧ୍ୟ ଏତେ ଅପ୍ରାପ୍ତ ଯେ ଏକାଠି ହୋଇସ୍ଥ ହୋଇ ପିତୃଦ୍ୱାରରେ ବାପ ପୁଅ ଭାଇଭାଇ ହଳଅ ହାଣ୍ଡିରେତ କେବଳ ଚାଉଳ ଓ ପାଣି ଉତ୍ତପ୍ତ ଅଗ୍ନିରେ ଭାତ ଫୁଟିବା କଷ୍ଟସାଧ୍ୟ ଭାତ ହେଲେହେଁ ବଖାବଖି କଥା ପୁନର !

ମୁଁ ଗୋଟିଏ ଦରିଦ୍ର କୁଳୀନ କରଣ ଅଧିକନ୍ତୁ ସମାଜରେ ମୋର ପରିଚୟ ନାହିଁ ତଥାପି କରଣ ସମାଜରେ ମୋର ପୂର୍ବାହ୍ନିତ ପ୍ରତିଷ୍ଠା ବହୁ ଅଛି । ଆମ୍ଭ ବାସସ୍ଥାନ ଗୋଟିଏ ବିଖ୍ୟାତ କରଣଗ୍ରାମ ଓ ଗୋଟିଏ ବଡ଼ ବଙ୍ଗାଳୀବସ୍ତି ଓ ଗୋଟିଏ ବଡ଼ ମୁସଲମାନବସ୍ତି ସନ୍ନିକଟସ୍ଥ । ବଙ୍ଗାଳୀଙ୍କ ମଧ୍ୟରେ ପୂର୍ବପୁରୁଷରୁ ବଡ଼ବଡ଼ ଶ୍ରୀକଣ୍ଠ ଜମିଦାର ଇତ୍ୟାଦିର ଖ୍ୟାତ ଯେଉଁ ଅଧିକାଂଶ ଅଦ୍ୟପର୍ଯ୍ୟନ୍ତ 'ବାପ ନା' ଜାଣିଛନ୍ତି ଆମ୍ଭ କରଣ ବଙ୍ଗାଳୀଙ୍କର ଅନ୍ତର୍ବିବାଦ ଛଡ଼ା ଅନ୍ୟ ସର୍ବପ୍ରକାର ପୁରାତନ ବନ୍ଧୁତ୍ୱର ଦୃଢ଼ଦୃଢ଼ ଆଦର୍ଶ ରହିଅଛି । "ବେଗାର" ଦଅନ୍ତି ଓ ସାହିରେ 'ଭୂତ' ମଶାମଶି ଓ ଘରେ ହେବେ କେବେ କେମନ୍ତ ସକ୍ଷତ ଭୋଜନ ମଧ୍ୟ ଆମ୍ଭ ଘରରେ ଚଳେ । ବଙ୍ଗାଳୀ କାକାଙ୍କଘର ଓ ଆମ୍ଭ କରଣ ଜନାଙ୍କଘର ଏକ ବୋଲି କହିଲେ ହୁଏ । ଆମ୍ଭର ଏତେ ଘନିଷ୍ଠ ସମ୍ବନ୍ଧ ଏଥର ଗାଁର ସ୍ଥାନରେ ଦେଖିଲି ଅଧିକନ୍ତୁ ବାବୁମାନେ ଭାଙ୍ଗିବା ଉପରେ ଉଦ୍ୟତ । ଏତେ ଘନିଷ୍ଠ ସମ୍ବନ୍ଧକୁ ଆପଣମାନେ ସହରରେ ବସି କାଗଜରେ ଭାଙ୍ଗିଦେଲେ ? କଣ ନା ? "ତୋ ପୁଅ ନାହିଁତ ମୋ ପୁଅ ସଙ୍ଗରେ ଏକାଠି ଭୋଜ ମାଡ଼ିବ "ତୋ ପୁଅ ଯେଉଁ ଡାକ୍ତରଖାନାର ଔଷଧ ପାଇଲା ତାହାତ ମୋ ପୁଅକୁ ଦେଉ" ।

ମହାଶୟ ସମ୍ମିଳନୀ ସଙ୍ଗେ ଏହିପରି ହେଲା କଳଠାରୁ ମୋ ମନ ଘର ଧରିଲାଣି । ମୋର ବନ୍ଧୁ ଓ ଅତ୍ୟାଳାପରେ ଅଶୟ 'କାହା' ତାଙ୍କର ମୁଁ ସର୍ବଦା ଆସ୍ତିୟ ଆପଣମାନେ ବସି ଆମ୍ଭଙ୍କୁ ଆପଣା ଦ୍ୱାର ମନାକରିଦେଲେ କିପା ?

ମୁଁ କଲୁ ପିଲାଦିନରୁ ପିତାମାତାଙ୍କ ମୁଖରୁ ଶୁଣି ଆକାଶରୁ ଜାଣୁଣି ବାନ୍ଧୁଛ ! ମୋର ଆଶାଭୁଲାଦ ସମସ୍ତେ ପ୍ରସ୍ତାବ ନ ୧ମର ପ୍ରସ୍ତାବ ନ ୨ମର ଏପରି କରି କେବେକ କରଣ କାୟସ୍ଥ ବନ୍ଧୁଙ୍କୁ କହିଥିବ । ଅସମ୍ଭାବ୍ୟକୁ ସମ୍ଭାବ୍ୟ କରିବା ବକ୍ତୃତାକୁ ଦେଖି ମନେ ପାଗଳ ମନେ କରୁଥାରନ୍ତି । କଲୁ ମନେ ବୋଧ ହୁଏ ଏହି ମୂଳମନ୍ତ୍ର ଉପରେ ଉତ୍କଳୀୟଙ୍କର ଉତ୍କଳୀୟତ୍ୱର ଭିତ୍ତି ନିର୍ଭର କରେ । ବେହାର ବେହାରିମାନଙ୍କ ସହାୟେ ବଙ୍ଗଦେଶ ବଙ୍ଗାଳିଙ୍କ ସହାୟେ କଲୁ ଉତ୍କଳଦେଶରେ ଏପରି କୌଣସି ଜାତିର ପ୍ରାଧାନ୍ୟ ନାହିଁ ଯେ ତାଙ୍କୁ କେବଳ ଉତ୍କଳୀୟ ବୋଲି କହାଯିବ । ଏଣେ ଉତ୍କଳର ମୁସଲମାନମାନେ ଭାରତୀୟ ମୁସଲମାନଙ୍କର କ୍ଷୁଦ୍ରାଂଶ ବୋଲି ଆପଣାକୁ ଗର୍ବାନ୍ୱିତ କରନ୍ତି । ବାକି ରହିଲେ ଉତ୍କଳୀୟ ହିନ୍ଦୁ ଅର୍ଥାତ୍ ଓଡ଼ିଆବ୍ରାହ୍ମଣ, କରଣ, ଅନ୍ୟଜାତି ଓ ବଙ୍ଗାଳୀବ୍ରାହ୍ମଣ, କାୟସ୍ଥ ଓ ଏହିପରି ଅନ୍ୟଜାତି । ଉତ୍କଳରେ ଓଡ଼ିଆବ୍ରାହ୍ମଣ ଏତେ ବେଶୀ ଯେ ବଙ୍ଗାଳୀବ୍ରାହ୍ମଣମାନେ ହୁଏ ତାଙ୍କ ସହିତ ମିଳିବେ କିମ୍ବା ବଙ୍ଗଦେଶୀୟ ବଙ୍ଗାଳୀବ୍ରାହ୍ମଣଙ୍କ ସହିତ ମିଳି ନିଜର ଉତ୍କଳୀୟତ୍ୱ ଲୋପ କରାଇବେ । ପ୍ରଧାନ ଓ ଉତ୍କଳସନ୍ତାନୋଲ୍ଲେଖ ଯୋଗ୍ୟ ବୋଲି ରହିଲେ ଏ ଦେଶୀ କାୟସ୍ଥ ଓ କରଣ ।

ଏମାନଙ୍କର କ ସମ୍ବନ୍ଧ ବାସ୍ତବୀୟ ତାହା ଭାବି ଦେଖିଲେ ମନେ ବୋଧ ହୁଏ 'ଉତ୍କଳ' ନାମ ଲୋପ ହେବ କି ରହିବ । ଏ କଥା ମଧ୍ୟ ଆଗରୁ ଗଣନା କରିବା ଆବଶ୍ୟକ । କରଣପୁଏ କହିପାରନ୍ତି କେତେଟା କେସବଙ୍ଗାଳୀ ଉତ୍କଳୀୟ ନ ହେବେ ବୋଲି କଣ ଉତ୍କଳରେ ଆଉ କେହି ନାହାନ୍ତି ? "କେତେଣ ଏଦେଶୀୟ ବଙ୍ଗାଳୀ କହି ପାରନ୍ତି" ଏଦେଶରେ ଆମ୍ଭ ଜାତି ନାହାନ୍ତି ଯେ ଆମ୍ଭେ ନିଜର ଉତ୍କଳୀୟ ଜାତି ତିଆରି କରାଇବା—ଆମ୍ଭେ ଆମ୍ଭର ବଙ୍ଗଦେଶକୁ ବନ୍ଧୁ କରିବା—ଓଡ଼ିଆ ନ ହୋଇ ଉତ୍କଳୀୟ ରହିଥିବା ଓ କମେ ଶତବର୍ଷ ପୂର୍ବେ ଯେପରି ଥିଲା ସେହିପରି ହୋଇବ କରିବା—ପଢ଼ାପଢ଼ି ବାଣିଜ୍ୟ, ଶୁଳ୍କନୀ ଓ ମକଦ୍ଦମା ସବୁ ହେଲା କଲିକତାରେ ଏଠାରେ ଘର କରି କେବଳ ତାହାକୁ ସ୍ୱଦେଶ ଘର ପରି ବ୍ୟବହାର ନ କଲେ ଏସବୁ ଆଉ କଣ ହେବ ।"

କଲୁ ଦଶପୁରୁଷ ହେଲା ମୋର ଓ ତାହାଙ୍କ ପରିବାରର ଯେ ଘନିଷ୍ଠତା ତାହାତ ଲୋପ ପାଇବ ଅନ୍ୟ ପୁରୁଷକୁ ସହସ୍ର ବଙ୍ଗଦେଶୀୟ କାୟସ୍ଥ ଉତ୍କଳୀୟ ହୋଇଥିବେ—ସହସ୍ର ଅନ୍ୟଜାତି କରଣ ହୋଇଥିବେ— ଏ ଅଞ୍ଚଳ କାୟସ୍ଥ ଓ କରଣଙ୍କ ମଧ୍ୟରେ ଶିକ୍ଷା ବସ୍ତ୍ର ଅବଶ୍ୟମ୍ଭାବୀ— କେହି ଘର ଭାଙ୍ଗିଯିବେ ନାହିଁ ବା କାହାର ପୁଅ ଝିଅ ବାଡ଼ିଅ ରହିବେ ନାହିଁ । ଏହିପରି ଅନେକ କଥା ମନକୁ ଆସୁଛି । ତେବେ କଣ କଲେ ଆମ୍ଭ କରଣ ଓ କାୟସ୍ଥ ( ଓ ଆମ୍ଭ ଦେଶୀୟ ବ୍ରାହ୍ମଣ ଓ ବଙ୍ଗାଳବ୍ରାହ୍ମଣ ) ଏକଜାତି ହୋଇ ଗୋଟିଏ ଉତ୍କଳୀୟ ପ୍ରାଣ ଜାତି ହେବା ? ତାହା ନ କଲେ ଉତ୍କଳୀୟ ବୋଲି କଏ ଗଣ୍ୟ ହେବ; ସମ୍ବାଦ, ସମସ୍ତଙ୍କର କହିଁ ବା ଓଡ଼ିଆ ଲେଖିଲେ । ଚୈତନ୍ୟଦେବ ଓ ଜଗନ୍ନାଥ ଓଡ଼ିଆ ହୋଇ କିପରି ବଙ୍ଗଦେଶରେ ବନ୍ଦିବାନ୍ଧବ ହେଲେ ?

ତା ୨୩।୬।୧୦   ଶ୍ରୀ ଦି—   ଉଦ୍ଧୃତ

---

ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ଶ୍ରୀ | କପିଳେଶ୍ୱର ପାଣିଗ୍ରାହୀ | ଓସୁପାଳ | ଟ ୧( |
| ,, | ସୁଧାକର ସେନା | କଟକ | ଟ ୧୨ |
| ,, | ବାଳକୃଷ୍ଣ ସାହୁ | ବଳ୍ପିବଜାର | ଟ ॥ |
| ,, | ମେଷରସ ଦ, କଲ୍ଲସ ଘସ ବୋ | କଟକ | ଟ ॥ |
| ,, | ଅର୍ଦ୍ଧେନ୍ଦୁ ମହାନ୍ତି | ଭୂଆ ପୁରୁଷୋତ୍ତମପୁର | ଟ ୧ |
| ,, | ବ୍ରଜନାଥ ଦାସ | ପୁରୀ | ଟ ॥ |
| ,, | ଭରତଚନ୍ଦ୍ର ପଟ୍ଟନାୟକ | ଗାଲଗେର | ଟ ॥ |
| ,, | ହରେକୃଷ୍ଣ ଦାସ | ଲକ୍ଷ୍ମୀପଡ଼ା | ଟ ॥ |
| ,, | ତହସିଲଦାର, ସବଡିଭିଜନ | କଟକ | ଟ ॥ |
| ,, | କୃଷ୍ଣଚନ୍ଦ୍ର ଚୌଧୁରୀ | ବାଙ୍କପଡା | ଟ ୨।୦ |
| ,, | ପରମାନନ୍ଦ ଦାସ | ନଳକ-ତୋଠମୂଳ | ଟ ୧ : |
| ,, | ସାଧୁଚରଣ ସାହୁ | ସଙ୍କୁନ | ଟ ॥ |
| ,, | କୃତ୍ତିବାସ ଦାସ | କୁଟୋଳ | ଟ ॥ |
| ,, | ଗଙ୍ଗାଧର ସତ୍ପଥୀ | ରଣପୁର | ଟ ୧୧ |
| ,, | ଦୁଃଖହରଣ ମହାନ୍ତି | ସମଦଥ | ଟ ୧ |
| ,, | ଜୟରାମ ମହାପାତ୍ର | ଦୁର୍ଗାପାଳ | ଟ ॥ |
| ,, | ବୈଦ୍ୟନାଥ କାନଗୋ | ଇଞ୍ଜିନିୟର | ଟ ॥ |
| ,, | ସନାତନ ପଟ୍ଟନାୟକ | ଘୋଡ | ଟ ॥ |
| ,, | ଡାଃ ଲକ୍ଷ୍ମୀକାନ୍ତ ଦାସ | ଏଡ଼ଭାଲ | ଟ ୨ |
| ,, | ଜ, ସି, ନାୟକ | ଝାଞ୍ଜି | ଟ ୨ |
| ,, | ତ୍ରୈଲୋକ୍ୟନାଥ ଘୋଷ | ବର୍ଦ୍ଧମାନ | ଟ ୧ |
| ,, | କୃଷ୍ଣଚରଣ ପଧାନ | ସରଦେଇପୁର | ଟ ॥ |
| ,, | ବାଞ୍ଛାନିଧି ଓଝା | ସମ୍ବାସା | ଟ ॥ |
| ,, | ବଂଶୀଧର ଖଟୁଆ | ସୁଜନପୁର | ଟ ୧୨ |

ନୂତନ ପୁସ୍ତକ !! ନୂତନ ନାଟକ !!

# "ବାଲ୍କିପିଣ୍ଡ" ।

ପରମ ଉପାଦେୟ ବାଲ୍ମିକି ରଚିତ ରାମାୟଣର ସତୀ ଶିରୋମଣି ୰ ସୀତାଦେବୀ କର୍ତ୍ତୃକ ଶ୍ରାଦ୍ଧୋପଲକ୍ଷେ ବାଲିପିଣ୍ଡଦାନ ଘଟଣାଟିକୁ ଅବଲମ୍ବନ କରି ନାଟକାକାରରେ ସୁଲଳିତ ଗୀତସହ ଲିଖିତ ହୋଇଅଛି । ଏ ପୁସ୍ତକ ଯେ ବହୁଜନପ୍ରଶଂସିତ ତାହା ନିମ୍ନରେ କେତୋଟି ପତ୍ରର ଉଦ୍ଧୃତାଂଶରୁ ଜଣାଯିବ, ଯଥା—

ଶ୍ରୀଯୁତ ଢେଙ୍କାନାଳାଧୀଶ୍ୱର— * *

I may say that on the whole I have been pleased with it * *

ଶ୍ରୀଯୁତ ମୟୂରଭଞ୍ଜାଧୀଶ୍ୱର— * *

It is written quite of the pace of a rising author, destined to leave his mark in the field of *Uria* literature * *

ଶ୍ରୀଯୁତ ଅଷ୍ଟଦୁର୍ଗାଧୀଶ୍ୱର— * *

ଏହିପରି ଅଧିକ ନାଟକ ରଚନା କରି ଉତ୍କଳ ଭାଷାର ଶ୍ରୀବୃଦ୍ଧି ସାଧନ କରନ୍ତୁ ।

ବାମଣ୍ଡାର ସୁନାମଧନ୍ୟ ରାଜଭ୍ରାତା

ଶ୍ରୀ ବଳଭଦ୍ର ଦେବ ବଡ଼କୁଅର ! **

ଆପଣଙ୍କ ଭାଷା ସୁଲଳିତ ଓ ସରଳ ଏଣୁ ବଡ ମନୋମୁଗ୍ଧକର ହୋଇଅଛି । ପୁଣ୍ୟ ଶ୍ଳୋକ ବାଲ୍ମିକୀଙ୍କ ଗ୍ରନ୍ଥ ଅବଲମ୍ବନରେ ଆପଣ ଯେଉଁ ସୁନ୍ଦର ନାଟକ ପ୍ରଣୟନ କରିଅଛନ୍ତି ମୁଁ ଏଥି ନିମନ୍ତେ ବଡ ଧନ୍ୟବାଦ ଦେଉଅଛି ।

ଶ୍ରୀଯୁତ ଗୋପାଳଚନ୍ଦ୍ର ପ୍ରହରାଜ ବି,ଏଲ **

I predict that if you persevere in your attempt, your productions will be valuable additions to the drmatic literature of Orissa

ଶ୍ରୀଯୁତ ଶଶିଭୂଷଣ ରାୟ— * *

ଆପଣଙ୍କ ଏହି ଲେଖା ସର୍ବାଂଶେ ହୃଦୟଗ୍ରାହୀ ଓ ଅତି ସରସ ହୋଇଅଛି ।

ଏହା ବ୍ୟତୀତ ପ୍ରଧାନ ସାହିତ୍ୟ ସେବକ ବାବୁ ଶ୍ରୀ ପଣ୍ଡିତମୋହନ ସେନାପତି ଓ ବାବୁ ରାମଶଙ୍କର ମିଶ୍ର ବ, ଏଲ ପ୍ରମୁଖ ବହୁ ବ୍ୟକ୍ତି ଏ ପୁସ୍ତକ ସମ୍ବନ୍ଧେ ଭୂୟସୀ ପ୍ରଶଂସା କରି ଅଭିମତ ଦେଇଅଛନ୍ତି । ସେମାନ ବହୁତ ଥିବାରୁ ସ୍ଥାନାଭାବ କାରଣରୁ ଏଠାରେ ସନ୍ନିବେଶ ହୋଇ ନ ପାରିଲା ।

୭୦ ପୃଷ୍ଠା ବିଶିଷ୍ଟ ଏହି ପୁସ୍ତକର ମୂଲ୍ୟ ୮୦ ୵ ମାତ୍ର । ଏ ପୁସ୍ତକ ସଙ୍ଗେ ଯେଉଁମାନେ ୮୦ ୵ ମୂଲ୍ୟର ଅଭିବ ଉଚ୍ଚ ଭଦ୍ରସଂଯୁକ୍ତ ସଜ୍ଜନ ପ୍ରଶଂସିତ କବିତା ପୁସ୍ତକ "କମଳ ମହାଭାବ" କ୍ରୟ କରିବେ ସେମାନଙ୍କୁ ଆଗାମୀ ଅକ୍ଟୋବର ଶେଷ ସୁଦ୍ଧା ଉଭୟ ପୁସ୍ତକ ଡାକ ମାସୁଲ ବାଦ୍ ୮୦ । ୭ ମୂଲ୍ୟରେ ଦିଆଯିବ । ନିମ୍ନ ସ୍ୱାକ୍ଷରକାରୀଙ୍କଠାରେ ପ୍ରାପ୍ତବ୍ୟ ।

*Chandra Sahhar Pany*
*Examiner of Accounts*
*Dhenkanal, Orissa*

25|5-10



# NOTICE.

## SAVE YOUR EYE SIGHT.



"D" shaped Eye preservers fitted with best tinted optiical flat glass in nickle frame from Rs 5 - to Rs 8-8

" " with 2nd quality glass " 3-8

**PEBBLES.**

Pebble spectacles in metal frame,, 4-8

" " Best quality in nickle from Rs 5-8 to " 10

" " Rolled Gold Rs 10 to " 15

*ASTIGMATIC LENSE*

prices on application

Do not use cheap spectacles

The Eye is the most delicate ORGAN AND MUST HAVE THE BEST.

# WILLIAM PIRES.

Registered optician of the British Optical Association

OF

## LONDON.

*1910 PATTERN.*



Complete with tools, gas-lamp, bell.

| | | |
|---|---|---|
| Fitted with Continental tyre | | Rs 80 |
| " " | Dunlop ... | " 85 |
| " " | French Red ... | " 95 |

discount 5°/ₒ for Cash
Credit to approved customes

——o——

Carriage Rubber Tyres I can new rubber tyre carriages at 25 °\ₒ cheaper than Calcutta charges and also a saving of Rail charges.

WILLIAM PIRES.

Opposite Union Club, Mission Road,

CUTTACK.

ନିମ୍ନଲିଖିତ ଠିକଣାରେ ବାଇସେକଲ, ଛତା ଏବଂ ଘଡିଗାଡ଼ିର ଭଲ ସହାସେ ରବର ପାଯାଇ ଯାଏ ।

ଉଇଲମ ପାଯାରସ
ମିଶନ ରୋଡ୍
କଟକ



ଦୁର୍ଗାପୂଜା ଉପଲକ୍ଷେ ।

# ପୁସ୍ତକ ବିତରଣ ।

# ବୃତ୍ରବଧ ନାଟକ ।

# ମୂଲ୍ୟ ଆଠଅଣା ମାତ୍ର

ପୁସ୍ତକ ସମ୍ବନ୍ଧରେ ଅଭିମତ ।

ରାଜା ବ୍ୟାଘ୍ରକୃଷ୍ଣଗଣେଶ୍ୱର ପାଲଦେବ-ପାଲଲହଡ଼ାଧୀଶ୍ୱର ଲେଖିଅଛନ୍ତି;—

" * * * * ନାଟକ ଖଣ୍ଡି ଯେ ଅଭିନୟର ଗୋଟିଏ ଅଭିନବ ଉତ୍ତମ ସାମଗ୍ରୀ ଏଥିରେ ମୋର ଅଣୁମାତ୍ର ସନ୍ଦେହ ନାହିଁ ।"

ବାମଣ୍ଡା ରାଜଭ୍ରାତା ଶ୍ରୀଯୁକ୍ତ ବଳଭଦ୍ର ଦେବ ବଡ଼କୁମର:—

" * * ବାସବ ବିଜୟୀ ବୃତ୍ରର ଜୀବନ, ଶଚୀଦେବୀଙ୍କ ଦେବେନ୍ଦ୍ରାଣୀ ପଦ ଉଦ୍ଧାର ସ୍ପୃହା ବୈରୀପରି ଐନ୍ଦ୍ରିଲାର ଦୁର୍ବ୍ୟବହାର, ସରଳମୟ ପୂତ-ପଙ୍କଜ-ସୌରଭ-ସ୍ୱପ୍ନଗ୍ଧ ଇନ୍ଦୁବାଳାର ପତିଭକ୍ତି ଓ ବାସବାଦି ଦେବତାମାନଙ୍କ ଉପକାରାର୍ଥ ମହର୍ଷି ଦଧୀଚିଙ୍କର ନିଃସ୍ୱାର୍ଥଭାବେ ବଜ୍ରଧାତ୍ରିତ ଶରୀରୋତ୍ସର୍ଗ ଇତ୍ୟାଦି ସୁକୌଶଳ କାବ୍ୟ କଳାପଦ୍ୱାରା ଆପଣ ବର୍ଣ୍ଣନା କରିଅଛନ୍ତି । ଭାଷା ସରଳ ଓ ସୁଖ ପାଠ୍ୟ ହୋଇଅଛି ।"

ଉତ୍କଳର ପ୍ରଧାନ ନାଟକ-କାର ଶ୍ରୀଯୁକ୍ତ ରାମଶଙ୍କର ରାୟ ।

" * * * * ଉତ୍କଳ ସାହିତ୍ୟ ଭଣ୍ଡାରରେ ଏହା ("ବୃତ୍ର-ବଧ") ଗୋଟିଏ ଉତ୍କଳମଣି ସ୍ୱରୂପ ବୋଇଲେ ଅତ୍ୟୁକ୍ତି ହେବ ନାହିଁ ।"

ଏହିପରି ଅନେକ ଅଛି । ପୁସ୍ତକ ପାଠକଲେ ପାଠକ ସାଧାରଣ ନିଜେହିଁ ଅନୁଭବ କରିପାରିବେ । କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ, ଅରୁଣୋଦୟ ପୁସ୍ତକାଳୟରେ, ସତ୍ୟବାଦୀ ସମିତି ପୁସ୍ତକାଳୟରେ ଏବଂ ବାଲେଶ୍ୱର ଦଶୋର ପ୍ରେସ ପୁସ୍ତକାଳୟରେ ପ୍ରାପ୍ତବ୍ୟ । ଯେଉଁମାନେ ଆଜଠାରୁ ଦୁର୍ଗାପୂଜା ମଧ୍ୟରେ ଏହି ପୁସ୍ତକ ଆମଠାରୁ ଗ୍ରହଣ କରିବେ ସେମାନଙ୍କୁ ବିନା ମୂଲ୍ୟରେ "ଅଦ୍ଭୁତ ପରିବର୍ତ୍ତନ" ନାମକ ଖଣ୍ଡିଏ ଉତ୍କୃଷ୍ଟ କବିତା ପୁସ୍ତକ ଉପହାର ଦେବୁଁ । ଶୀଘ୍ର ଗ୍ରହଣ କରନ୍ତୁ । ବିଳମ୍ବରେ ହତାଶ ହେବାକୁ ପଡିବ ।

୨୧।୭।୧୦
କୋଠପଦା ଗ୍ରାମ
ପୋଃ ଅଃ କୁଆଁପାଳ
। ଜି । କଟକ

ପ୍ରାପ୍ତିସ୍ଥାନ ।
ଶ୍ରୀ ଜଗନ୍ନାଥ ପଣ୍ଡା

## NOTICE.

Wanted a Mistress for the Girls' School on Rs 15 per month. None need apply who has not passed the middle vernacular examination and is not trained under the new scheme of education. Applications should reach this office before the 15th August 1910.

Nayagurh State, 26-7-10 } G. MOHANTI Superintendent.

## NOTICE

A large commodious house with ample grounds (area about one acre) called the Ghumsar Kotha belonging at present to the Chaudhuries of Bhingarpur and formerly partly to the Tributary Raja of Keonjhor situated on Revenue and rent free land immediately on the Baradanda (i e, the great Jaggannath Car road at Puri) with the temple of Jaggannath directly in sight, will be sold by public auction on the 6th of September next at 2 P M. at the said house. The house is fit for the residence of Rajas, Ranies and other noble men and ladies desireous of living permanently or occasionally at Puri or for the Establishment of such charitable institutions as pilgrim rest houses, annachhatras, pilgrim hospitals &c. &c. The great Rath Jatra (i.e. the Jaggannath Car fetival procession) passes along the front of the house.

The house was put up to sale in accordance with previous advertisement on the 15 March last but as all the bidders could not attend on that date, the bids were not accepted by the District Judge. The bid this time will be held for 3 days continuously if necessary from the 6th Sept, 1910. The District Judge is expected to be present at Puri on the occasion.

Other particulars may be had on application to the undersigned.

Cuttack, 28-710 } H. N. Ray, Common Manager Bhingarpur Ch's. Estate under the District. Judge Cuttack.

Postal address
Hemendra Nath Ray
Common manager
Cuttack

ଅତ୍ର ଦଣ୍ଡପଥ ଜିଲ୍ଲାରେ ବ୍ୟାଘ୍ରୋପଦ୍ରବ ଅତ୍ୟନ୍ତ ପ୍ରବଳ ହୋଇଥିବାରୁ ଏତଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଅଛି କି ଯେ କି ମନୁଷ୍ୟଭକ୍ଷି ବ୍ୟାଘ୍ର ବଧ କରି ରାଜସର୍କାରରେ ଦେଖାଇବ ତାହାଙ୍କୁ ପ୍ରତି ମନୁଷ୍ୟଭକ୍ଷି ବ୍ୟାଘ୍ର ନିମନ୍ତେ ଏକଶତ ଟ ୧୦୦୲ କା ପୁରସ୍କାର ଦିଆଯିବ ।

ଶ୍ରୀ ନାରାୟଣ ଦେଓ ବର୍ମ୍ମ ରାଜା
। କ । ଦଣ୍ଡପଥ।

## ବିଜ୍ଞାପନ ।

ଯେହେତୁ କଟକ ଜିଲ୍ଲା ଅନ୍ତର୍ଗତ ସଦର ଜଗତସିଂହପୁର, ତିର୍ତ୍ତୋଲ, ସାଲେପୁର ଓ ବାଙ୍କୀ ଥାନା ମଧ୍ୟସ୍ଥିତ ସମସ୍ତ କାଞ୍ଜିହାଉସ (ପାଉଣ୍ଡ) ସନ ୧୯୧୦ ମସିହା ଅଗଷ୍ଟ ମାସ ତା ୧୫ ରିଖଠାରୁ ସନ ୧୯୧୩ ମସିହା ମାର୍ଚ୍ଚ ମାସଶ୍ଚି ତା ୩୧ ରିଖ ପର୍ଯ୍ୟନ୍ତ ୨ ବର୍ଷ ୮ ମାସ ନିମନ୍ତେ ସନ ୧୯୧୦ ମସିହା ଅଗଷ୍ଟ ମାସ ତା ୧୩ ରିଖ । ମୁ । ସନ ୧୩୧୭ ସାଲ ମାସ ତ     ନ ଦିବା ଘ ୧୨ ଘା ସମୟରେ କଟକ ସଦର ଲୋକେଲବୋର୍ଡ଼ ଅଫିସରେ ଶ୍ରୀଯୁକ୍ତ ଶ୍ରୀ ଚେୟାରମେନ ବାହାଦୂରଙ୍କ ହଜୁରରେ ପ୍ରକାଶ୍ୟ ଡାକ ନିଲାମଦ୍ୱାରା ଇଜରା ବନ୍ଦୋବସ୍ତ କରାଯିବ ଅତଏବ ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଯେଉଁମାନେ ଡାକ ନିଲାମରେ ଇଜରା ନେବାକୁ ଇଚ୍ଛା କରନ୍ତି ସେମାନେ ଉକ୍ତ ଉପରଲିଖିତ ତାରିଖରେ ନିଲାମ ସ୍ଥାନରେ ଉପସ୍ଥିତ ହୋଇ ଡାକ ନିଲାମରେ ଇଜରା ନେଇ ପାରିବେ । ଯାହାଙ୍କ ଡାକ ସର୍ବାପେକ୍ଷା ଉଚ୍ଚ ଦର ହେବ ଓ କୌଣସି ଆପତ୍ତି ନ ଥିଲେ ତାଙ୍କ ଡାକରେ ନିଲାମ ସ୍ଥିର କରାଯିବ ଓ ନିଲାମ ସହିତ ତତ୍କ୍ଷଣାତ୍ ଅର୍ଥାତ୍ ନିଲାମ ଡାକ ଶେଷ ହେଲାକ୍ଷଣି ନିଲାମି ଜରସମଜର ଚତୁର୍ଥାଂଶ ଜାମିନ ସ୍ୱରୂପ ଅବିଲମ୍ବେ ଦାଖଲ କରିବେ ଓ ବାକି ଜରସମଜ ନିରୂପିତ କିସ୍ତି ଅନୁସାରେ ଦାଖଲ କରିବାକୁ ହେବ । ଉକ୍ତ ଚତୁର୍ଥାଂଶ ଟଙ୍କା ନିଲାମ ଶେଷ ହେବାମାତ୍ରେ ଦାଖଲ ନ ହେଲେ ପୁନ ନିଲାମ କରାଯିବ ଓ ପ୍ରତ୍ୟେକ କ୍ୱାଟରର ଖଜଣା ସେହି କ୍ୱାଟରର ପ୍ରଥମ ତାରିଖରେ ଅଗାମୀ ଦେବାକୁ ହେବ ନ ଦେଲେ ତହିଁର ଯେ କ୍ଷତି ହେବ ତାହା ଇଜାରାଦାରଙ୍କୁ ଦେବାକୁ ହେବ । ନିଲାମ ସ୍ଥିର ହେଲାରୁ ସହିତ ନିର୍ଦ୍ଧିଷ୍ଟ ଷ୍ଟାମ୍ପ କାଗଜରେ ବୋର୍ଡ଼ ଚେୟାରମେନଙ୍କ ନିରୂପିତ ସର୍ତ୍ତ ଅନୁସାରେ ସ୍ୱଇଚ୍ଛାମତେ କବୁଲିୟତ ଲେଖିଦେଇ ରେଜିଷ୍ଟରି କରିଦେବେ । ଉପରୋକ୍ତ ନିଲାମ ଅବା ସମ୍ପର୍କୀୟ କୌଣସି ସମ୍ବାଦ ବୁଝିବାକୁ ଆବଶ୍ୟକ ହେଲେ ସଦର ଲୋକେଲବୋର୍ଡ଼ ଅଫିସରେ ହାଜର ହୋଇ ବୁଝି ପାରିବେ ।

ପ୍ରକାଶ ଥାଉ କି କାଞ୍ଜିହାଉସମାନ କେବଳ ଭଦ୍ର ଓ ସଙ୍ଗତିପନ୍ନ ଲୋକମାନେ ନିଲାମ ଡାକ ପାରିବେ ଇତ୍ୟନ୍ତରେ ଯଦ୍ୟପି ନିଲାମ ଖରିଦଦାର ସେପରି ବ୍ୟକ୍ତି ଥିବାର ପ୍ରମାଣ ନ ହେବ ତାହାହେଲେ ତତ୍କ୍ଷଣାତ୍ ତାହାର ଡିପାଜିଟ ଜବତ କରି ଦେବ ଓ ଉପଯୁକ୍ତ ସମୟ ମଧ୍ୟରେ ପାଉଣ୍ଡ ଅନ୍ୟ ଭଦ୍ର ସଙ୍ଗତିପନ୍ନ ଲୋକଙ୍କୁ ପୁନ ଡକା କରାଯିବ ।

| ଥାନା କଟକ | ଥାନା ଜଗତସିଂହପୁର |
|---|---|
| ୧। ବିଦ୍ୟାଧର ପୁର | ୧। ତୋରାଙ୍ଗ |
| ୨। ଲହରକଣ୍ଟା | ୨। କାଥଲୀ |
| | ୩। ବଳିପୁର |
| ଥାନା ବାଙ୍କି | |
| ୧। ଘାଥପୁର | ଥାନା ତିର୍ତ୍ତୋଲ |
| ଥାନା ସାଲେପୁର | |
| ୧। କଲେଶ୍ୱର ପୁର | |

N. C. Mittra
Chairman

# ଉତ୍କଳ ଦୀପିକା ।

## JAJPUR EXHIBITION.

We publish, in the correspondence column of this issue, a letter from a respectable gentleman of Jajpur commenting on the accounts of the exhibition held there a few months ago. There are several matters which require explanation and we specially invite the attention of the District Magistrate to the propriety of employing Presidents of Village Panchaits in collecting subscriptions for the exhibition. We agree with the suggestion of the writer that the accounts of receipts and disbursements in detail, particularly the names of subscribers, should be published in newspapers or separately and distributed freely. It is not sufficient, to lay them on table in office for inspection of the public. We cannot believe that it is seriously proposed as alleged by the writer, that the inspection is limited to a week only after which the accounts will be destroyed. We trust the Exhibition Committee will reconsider this etxraordinary hasty disposal if actually contemplated and the District authorities will be moved to interfere in the matter.

## UTKLYAS—PAST AND PRESENT.

One of the English poets sang—

"Home, Home, Sweet Home,
There is no place like Home."

Orissa is the land we live in. She has charms which nowhere on earth can we find. Wherever we may roam our hearts are unconsciously attracted to her. The lofty hills, the shady woods, the sweet lull or wild roar of. ocean waves, the stately towers of Bhubaneswar, Puri and Kanarak, the magnificent rivers, the ever-pleasing Chilka have a unique attraction for us. We have been living here for generations. Our fore-fathers lived and worked here and when it pleased

Split by PDF Splitter
Digitized by srujanika@gmail.com

Split by PDF Splitter



God to call them away, they laid down their moral frames here. Our first breath we drew in Orissa and God willing we shall draw our last breath here and lay down our bones on the soil of Orissa as did our fore-fathers. We say Orissa has peculiar charms. Go to Benares, Ayodhya, Haridwar or Brindaban, the very names of which fill a Hindu with ecstasy, you find but a partial conception of the grand Hindu Religion. Benares knows no other God but Siva. *Bhola Sub Denawallah* (Siva is the bestower of all blessings) resounds from every throat. The devotees are all engrossed with one idea, one aspect of the supreme diety. Turning to Ayodhya you see that Rama and his consort Sita have captivated the hearts of the people there, who recognise no other divinity but *Sita Ram*. As you come to Haridwar your ears are assailed by loud shouts of "*Ganga mai ke jay*." The people do believe that godess Ganga is their saviour. The ancient city of Brindaban is the citadel of *Radha Rani* and a devotee finds his solace in her and her alone. There was a time when the Shaibas, Saktas, Vaishnabas, Jains and other sects of Hindus fought terribly each for respective individual superiority. The Brahminism did all it could to keep its hold on the people. A keen observer will not fail to notice how this struggle told on the progress of the Hindus. It was to save them from these dissension that a mighty intellect was born in Orissa. He it was who threw oil on troubled waters. He established the worship of Jagannath, raised a temple where votaries of all sects found their solace. The priest-ridden Brahminism had to yield a great deal before this grand conception of divinity. The food offered to Lord Jagannath is Mahaprasad, the holiest of food that can be eaten by a Brahmin and a Sudra out of the same plate. The Lord won't take this food unless it is cooked by a non-Brahmin *Swar*. The strong prejudices of a caste against caste give way and the angularities smoothed. Bimala, the emblem of *Sakti*, finds a right-hand place in the temple while Siva comes forward to watch the gates. All the 33 crores of *Deva Devi*, the various manifestations of the Supreme God, find their abode here. There can not be any doubt that the man who conceived this idea of unification and exercised his keen intellect and mighty influence to bring about a union of different jarring elements, was a benefactor of no ordinary type. Orissa of old presented this unique feature, preached peace and good will, captivated the hearts of all by catholicity of her views and pointed out with a bold clear hand that the path of true progress lay not in discord and dissension but in cultivation of brotherhood. The superb beauty of this grand and glorious conception hushed into silence the sectarian strifes that threatened to bring ruin in their train, and even at this distant date attracts devotees, no matter what their sects may be, from all parts of the great Continent of Hindustan. We say the noble example of the Utkalyas of old ought to inspire the younger generation. The spirit in which the young Utkal Conference was conceived should guide us in all our dealings. Let not mere selfishness or wild pranks or whinings of a few irresponsible and short-sighted people misguide us from our right path. Let us rise above all petty jealousies and strive to live as men.

---

ପୁରୀ ମାର୍କଣ୍ଡେଶ୍ୱର ପୁଷ୍କରିଣୀ ଜଳ ବାହାରି ଯିବା ବାଟ ସଫା ହେଲେ ମାର୍କଣ୍ଡେଶ୍ୱର ସାହିରେ ୫୦-୪୯୮ ଡେସିମଲ ଜମି ପୁରୀ ମ୍ୟୁନିସିପାଲିଟିର ବ୍ୟୟରେ ଖଲାସ ହେବ ବୋଲି ବଙ୍ଗ ଗବର୍ଣ୍ଣମେଣ୍ଟ କଲିକତା ଗେଜେଟରେ ଘୋଷଣା ପ୍ରଚାର କରିଅଛନ୍ତି ।

---

ଗତ ତା ୨୩ ରଖରେ ଶେଷ ହେବା ସପ୍ତାହରେ ଭାରତରେ ପ୍ଲେଗ ରୋଗରେ ୫୫୪ ମୃତ୍ୟୁ ହୋଇଥିଲା । ଏହା ଗତ ସପ୍ତାହର ୫୭୪ ମୃତ୍ୟୁ ସଙ୍ଗେ ପ୍ରାୟ ସମାନ ହୋଇବାକୁ ହେବ । ପ୍ରଦେଶ ମଧ୍ୟରେ ବମ୍ବେ, ମଧ୍ୟପ୍ରଦେଶ ଓ ପଞ୍ଜାବରେ ପୂର୍ବାପେକ୍ଷା କିଛି ଅଧିକ ଓ ଅନ୍ୟାନ୍ୟ ପ୍ରଦେଶରେ କିଛି ଊଣା ଦେଖାଯାଏ ।

---

ବଙ୍ଗ ଶିକ୍ଷାବିଭାଗର ଡାଇରେକ୍ଟର ମାନ୍ୟବର କୁଚଲର ସାହେବ ଗସ୍ତରେ ବାହାରି ଗତମାସ ତା ୨୮ ରଖରେ ମେଦିନୀପୁରରେ ଥିଲେ ଅସନ୍ତା ତା ୧୦ ରଖରେ ଏ ନଗରରେ ପହଞ୍ଚିବାର ଅଛି । ଏଠାରୁ ଛୋଟନାଗପୁର, ବାଙ୍କିପୁର ମଜଫରପୁରପ୍ରଭୃତି ପରିଦର୍ଶନ କରି ଆଗାମୀ ମାସ ତା ୩ ରଖରେ ରଣାଘାଟରେ ପହଞ୍ଚି ସେଠାରୁ ଦାର୍ଜିଲିଂକୁ ଯିବେ । ଆଶା କରୁଁ ତାହାଙ୍କ ଶୁଭାଗମନରେ ଅମ୍ଭମାନଙ୍କର ଶିକ୍ଷାସମ୍ବନ୍ଧୀୟ ଅଭାବର କିଛି ପ୍ରତିକାର ହେବ ।

---

ଗତ ତା ୨୮ ରଖରେ ଶେଷହେବା ସପ୍ତାହର ବର୍ଷା ସାଧାରଣ ଅବସ୍ଥାରୁ କିଛି ଉପରେ ଥିଲା । ଆରବ ସାଗରର ସ୍ରୋତ ସ୍ୱାଭାବିକ ଗତି ଦକ୍ଷିଣଦିଗରୁ ବାହାରି ଯାଉଥିଲା ଏବଂ ବଙ୍ଗସାଗରର ସ୍ରୋତ ପୂର୍ବବଙ୍ଗରେ ବଳ ଦେଖାଇଥିଲା । ଉପରବ୍ରହ୍ମ, ପୂର୍ବବଙ୍ଗ, ବିହାର, ଯୁକ୍ତପ୍ରଦେଶର ପୂର୍ବଭାଗ ଓ ମାନ୍ଦ୍ରାଜରେ କିଛି ଅଧିକ ଏବଂ ଛୋଟନାଗପୁର, ଓଡ଼ିଶା, ଯୁକ୍ତପ୍ରଦେଶର ପଶ୍ଚିମାଞ୍ଚଳ ଓ ହାଇଦରାବାଦରେ ପ୍ରାୟ ସ୍ୱାଭାବିକ ଥିଲା । ଓଡ଼ିଶାରେ ଏ ସପ୍ତାହର ଜଳର ପରିମାଣ ଊଣା ଥିଲା ।

---

ଉତ୍କଳ ସମ୍ମିଳନୀ ଦୀର୍ଘକାଳ ନୀରବ ରହି ଗୋଟିଏ ବିଜ୍ଞାପନ ଶିକ୍ଷାଦାନ ବିଷୟରେ ଏ ଥର ତାର ଗତ ସପ୍ତାହର ପ୍ରଥମରେ ବାହାର କରିବାର ଦେଖି ସମସ୍ତ ଉତ୍କଳ ଆନନ୍ଦ ହେବ ସନ୍ଦେହ ନାହିଁ । ସେହି ବିଜ୍ଞାପନରେ ବଙ୍ଗଳାର ନବ ପ୍ରତିଷ୍ଠିତ ସାବୋର କୃଷି କଲେଜରେ ପଢ଼ିବା ସକାଶେ ଏକଜଣ ଉତ୍କଳୀୟକୁ ମାସକୁ ୨୦ ଟଙ୍କା ଲେଖାଏଁ ବୃତ୍ତି ଦିଆଯିବାର ଲେଖାଅଛି । ଭରସା କରୁଁ ଅନେକ ଛାତ୍ର ଆବେଦନ କରିବେ ଓ ସମ୍ମିଳନୀ ପରିଶେଷ ଭାବରେ ଯୋଗ୍ୟ ପାତ୍ର ବାଛି ନେବେ ।

---

ଆଗାମୀ ସେପ୍ଟେମ୍ବର ମାସ ତା ୯ ରଖରୁ ଦଶ ଦିନ ହାଇକୋର୍ଟ ଦଶହରା ଛୁଟି ଉପଲକ୍ଷେ ବନ୍ଦ ହୋଇ ନୂଆମାସ ଉତ୍ତାରୁ ନଭେମ୍ବରମାସରେ ଖୋଲିବ । ପ୍ରଧାନ ବିଚାରପତି ସର ଲରେନ୍ସ ଜେନକିନ୍ସ ଓ ବିଚାରପତି ହୋମଉଡ଼ ମହୋଦୟମାନେ ତହିଁ ପୂର୍ବରୁ ଅଧିକା ଏକମାସର ଛୁଟୀ ନେଇ ବିଲାତ ଯାଉଅଛନ୍ତି । ମାନ୍ୟବର ବିଚାରପତି ହାରିଙ୍ଗଟନ ମହୋଦୟ ପ୍ରଧାନ ବିଚାରପତିଙ୍କ ଅନୁପସ୍ଥିତିକାଳରେ ଏକଟିଂ ରୂପେ ତାଙ୍କ କାର୍ଯ୍ୟ କରିବେ । ଲେଦରଷ୍ଟନ ବିଚାରପତି ବିଚାରପତି ଜେନକିନ୍ସ ମହୋଦୟଙ୍କ ଅନୁପସ୍ଥିତିରେ ହାଇକୋର୍ଟର ଏ ଅସ୍ଥାୟୀ ପଦପାଇଁ ମନୋନୀତ ହେବ ।

—✻—

ଯଶୋହର ଜିଲ୍ଲା ନଡ଼ାଇଲ ମହକୁମା ଅନ୍ତର୍ଗତ ଖୈରବୁଲାଗ୍ରାମରେ ଗତ ଶ୍ରାବଣମାସ ତା ୨ ରେ ଗୋଟିଏ ଉପନୟନହେତୁ ହୋଇ ସେହି ଗ୍ରାମର ଜ ୧୨ ଣ ଏବଂ ଗତ ଆଷାଢ଼ମାସ ତା ୨୫ ରେ ଫରିଦପୁରଜିଲ୍ଲା ଅନ୍ତର୍ଗତ ହାଟ୍ଟନପାଥ ଗ୍ରାମର ଏକ ଉପନୟନହେତୁରେ ଜ ୨୦ଣ କାୟସ୍ଥ ଉପବୀତ ଗ୍ରହଣ କରିଅଛନ୍ତି । ଏ ଦୁଇସ୍ଥାନରେ ଗ୍ରାମର ପୁରୋହିତମାନେ କାର୍ଯ୍ୟ ସମାଧା କରିଥିଲେ ଏବଂ ବଡ଼ ୨ ପଣ୍ଡିତମାନେ ଆମନ୍ତ୍ରିତ ହୋଇ ପୂଜା ପାଇଥିବା ସ୍ୱଗର ବଶ୍ୟ । ଉଭୟସ୍ଥାନର ଉପବୀତଧାରୀ କାୟସ୍ଥମାନଙ୍କର ନାମ ବଙ୍ଗଳାର ସୁପ୍ରସିଦ୍ଧ ଆନନ୍ଦବଜାର ପତ୍ରିକାରେ ପ୍ରକାଶିତ ହୋଇଅଛି ।

—:0:—

Digitized by srujanika@gmail.com

Split by PDF Splitter



ଗତପୂର୍ବ ଭଦ୍ରବାରଦିନ ହାଇକୋର୍ଟର ବାରିଷ୍ଟର ଶ୍ରୀଯୁକ୍ତ ନର୍ଣାଥରନ୍ତ ଘୋଷ ମହାଶୟଙ୍କ ସହିତ ଭୂମାସ ଘୋଷଡା ମଜୁମଦାରଙ୍କ ଶୁଭ-ବିବାହ କାର୍ଯ୍ୟ ସମ୍ପନ୍ନ ହୋଇ ଯାଇଅଛି । ଏ ବିବାହ ଉତ୍ସବରେ ହାଇକୋର୍ଟର ପ୍ରଧାନ ବିଚାରପତି ଓ ଅନ୍ୟାନ୍ୟ ୟୁରୋପୀୟ ଓ ଦେଶୀୟ ମାନ୍ୟଗଣ୍ୟ ଲୋକେ ନିମନ୍ତ୍ରିତ ହୋଇଥିଲେ । ପ୍ରଧାନ ବିଚାରପତି ମହୋଦୟ ଲାଇଟ ଅଫ ଏସିଆ ନାମକ ଖଣ୍ଡିଏ ପୁସ୍ତକ ଭେଟି ଅଛନ୍ତି । ଅନ୍ୟ ଉପସ୍ଥିତ ଲୋକେ ବସ୍ତ୍ର, ଅଳଙ୍କାର ଓ ପୁସ୍ତକାଦି ଉପହାର ଦେଇଅଛନ୍ତି । ବିବାହ-ସମୟରେ ଏଇଟ ହାନ ହୋମର ପରିବର୍ତ୍ତ ମାତ୍ର ଦୁର୍ଭାଗ୍ୟକ୍ରମେ ଅମ୍ଭ ଦେଶର ଲୋକେ ଏହାକୁ ବୁଝିନପାରି ମଣ୍ଡନାହାନ୍ତି । ଏହା ଦାରିଦ୍ର୍ୟର ଚିହ୍ନ ।

---

ମୟୂରଭଞ୍ଜ ମହାରାଜା ଆପଣା ଅନୁଚର ବର୍ଗ ସମଭିବ୍ୟାହାରେ ଜାପାନର ୟୋକୋହାମା ନଗରରେ ଜୁନମାସ ତା ୧୩ ରିଖରେ ପହଞ୍ଚିଥିଲେ । ବଡ଼ ରାଜ୍ୟ ଏବଂ ସେଠା ଶାସନପ୍ରଣାଳୀ ଦେଖି ଅଭିଜ୍ଞତା ଲାଭ କରିବା ଇଚ୍ଛାର ବଶବର୍ତ୍ତୀ ହୋଇ ମହାରାଜା ମହୋଦୟ ପ୍ରଥମେ ଜାପାନ ରାଜ୍ୟକୁ ଯାଇଅଛନ୍ତି । ସେଠାରେ ଜାପାନ-ସରକାର ଏବଂ ଭାରତୀୟ ଛାତ୍ରଗଣ ଦ୍ୱାରା ଅଭ୍ୟର୍ଥିତ ହୋଇ ସେଠାରୁ ପ୍ରଧାନ ନଗର ଟୋକିଓରେ ବିରାଜମାନ ହେଲେ । ଜାପାନ ରାଜ୍ୟର ନାନାସ୍ଥାନର ପ୍ରାକୃତିକ ଶୋଭା ଇତ୍ୟାଦି ସନ୍ଦର୍ଶନ ପୂର୍ବକ ମହାରାଜା ମହୋଦୟ ଗତ ଜୁଲାଇମାସ ତା ୫ ରିଖରେ ଆମେରିକାକୁ ଯାଇଥିବାର କଥିତ ହୁଏ । ଜାପାନ ରାଜ୍ୟରେ ସ୍ତ୍ରୀଲୋକମାନଙ୍କର ବିଶ୍ୱବିଦ୍ୟାଳୟ ମଧ୍ୟ ସେ ପରିଦର୍ଶନ କରିଅଛନ୍ତି ।

---

ଆଜିକାଲି ବଜାରରୁ ଅତିଶୟ ମନ୍ଦ ଘିଅ ଆସୁଅଛି ଏବଂ ସେ ଘିଅରେ ପ୍ରସ୍ତୁତ ହୋଇଥିବା ମିଠାଇ ଇତ୍ୟାଦି ଖାଇ ଅନେକ ଲୋକ ବାନ୍ତି ଓ ଝାଡ଼ା ଇତ୍ୟାଦି ରୋଗରେ ଆକ୍ରାନ୍ତ ହେଉଅଛନ୍ତି । ମିଉନିସିପାଲିଟିର ବର୍ତ୍ତମାନ ଜଣେ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ରକ୍ଷକ ଥିବାସ୍ଥଳେ ମନ୍ଦ ଘିଅ ଦମନ ନ ହେବା ଦୁଃଖର ବିଷୟ । କଲିକତାର ବଜାରରୁ ସେହିପରି ମନ୍ଦ ଘିଅ ଆସିଥିଲା ଏବଂ ସେଠାରେ ବାସ କରୁଥିବା ଉତ୍କଳୀୟ ଶ୍ରମିକମାନେ ବଜାରରୁ ଚଳିଶିଅ ବଣି ଖାଇ ବେମାର ପଡ଼ିବାରୁ ତାହା ବନ୍ଦ କରି ବିସ୍କୁଟ ଇତ୍ୟାଦି ବାଧ୍ୟ ହୋଇ ଖାଇ ଜୀବନ ବଞ୍ଚାଉଅଛନ୍ତି । ଯେବେ ଦେଶ ଲୋକେ ଏଥିପ୍ରତି ସମୁଚିତ ଦୃଷ୍ଟି ନ ରଖିବେ ତମ୍ଭ ସାମାନ୍ୟ ଭୁଇଁପଇସା ଠକାଇନେବା ସକାଶେ ଲୋକଙ୍କୁ ମନ୍ଦ ଦ୍ରବ୍ୟ ବିକ୍ରି କରିବେ ସେବେ ମୁଖରେ ସ୍ୱଦେଶୀ ୨ ବୋଲି ଚିତ୍କାର କରିବାରେ କିଛି ଲାଭ ନାହିଁ ।

---

ଗତ ୧୯୦୯ ସାଲରେ କଲିକତା ବନ୍ଦର ବାଟେ ୧୨୬୧୯ କୁଲି ସମୁଦ୍ରବାଟେ ବିଦେଶ ଟାପୁସମୂହକୁ ଯିବାକାରଣ ରେଜିଷ୍ଟ୍ରି ଭୁକ୍ତ ହୋଇଥିଲେ । ଏହା ତହିଁ ପୂର୍ବବର୍ଷର ସଂଖ୍ୟାରୁ ସାତହଜାର ଊଣା ଅଟେ । ଭଲ ଫସଲ ଏବଂ ଖାଦ୍ୟଦ୍ରବ୍ୟର ମୂଲ୍ୟ ହ୍ରାସ ପୁଣି ଦେଶରେ ମୂଲ ମିଳିବାର ସୁବିଧା କୁଲି ଚାଲାଣ ଊଣା ପଡ଼ିବାର କାରଣ କଥିତ ହୋଇଅଛି । ଅଧିକାଂଶ କୁଲି ଯୁକ୍ତପ୍ରଦେଶ ଓ ଅଯୋଧ୍ୟା ଅଞ୍ଚଳର ଅଟନ୍ତି । ସେହିବର୍ଷ ପ୍ରାୟ ୪ ହଜାର କୁଲି ଟାପୁସମୂହରୁ ଫେରିଆସିଥିଲେ ଏବଂ ସେମାନେ ପ୍ରାୟ ୭ ଲକ୍ଷ ଟଙ୍କା ଅର୍ଥାତ୍ ଜଣପ୍ରତି ଟ ୧୭୫ ଙ୍କା ସଙ୍ଗେ ଆଣିଥିଲେ । ଅନ୍ୟକଥାରେ ପ୍ରାୟ ୧୬ ଶତ କୁଲି ବ ସେମାନଙ୍କ ମଧ୍ୟରେ ୭୨ ଶତ ବାଳକ ଥିଲେ କିଛି ସଞ୍ଚିତ ଅର୍ଥ ଆଣି ନ ଥିଲେ । ସର୍ବାପେକ୍ଷା ନେଟାଲ ଟାପୁର କୁଲିମାନଙ୍କର ଅର୍ଜନ ଅଧିକ । ସେମାନେ ପ୍ରାୟ ଆଠଲକ୍ଷ ଟଙ୍କା ମନିଅର୍ଡର ଯୋଗେ ଘରକୁ ପଠାଇଥିଲେ ।

—*—

ପଶୁ ଚିକିତ୍ସା ସମ୍ପର୍କରେ ବଙ୍ଗଗବର୍ଣ୍ଣମେଣ୍ଟ ଆଦେଶ ପ୍ରଚାର କରିଅଛନ୍ତି ଯେ ସେମାନଙ୍କର ପଦର ଉପାଧି ଭେଟିରିନେରି ଅଶିଷ୍ଟାଣ୍ଟ ହେବ ଓ ସେମାନେ କୃଷି ବିଭାଗର ଅଧୀନରେ ରହିବେ । ସେମାନଙ୍କର ବେତନ ପ୍ରଥମେ ଟ ୩୦ ଙ୍କା ହେବ ଓ ପ୍ରତି ପାଞ୍ଚ ବର୍ଷରେ ଟ ୫ ଙ୍କା ଲେଖାଏଁ ବୃଦ୍ଧି ହୋଇ ଊର୍ଦ୍ଧ୍ୱ ସୀମା ଟ ୪୫ ଙ୍କା ହେବ । ନ ୨ ବର୍ଷ କାର୍ଯ୍ୟପରେ ଉଚ୍ଚ ଶ୍ରେଣୀକୁ ଉନ୍ନତ ପାଇବାର ଯୋଗ୍ୟ ହେବେ ଓ ଯେ ଉନ୍ନତ ପାଇବ ତାହାର ବେତନ ଟ ୫୦ ଙ୍କା ହେବ । ବୁଲା ଅଶିଷ୍ଟାଣ୍ଟମାନେ ମାସକୁ ଟ ୧୫ ଙ୍କା ଲେଖାଏଁ ଯାତ୍ରା ଖରଚ ଏବଂ ଟ ୧୦ ଙ୍କା ଲେଖାଏଁ ସ୍ଥାନୀୟ ଖରଚ ପାଇବେ । ପଶୁଚିକିତ୍ସାଳୟର ଭାରପ୍ରାପ୍ତ କର୍ମଚାରୀମାନେ ମରହାଣି ବସାଘର ଅଥବା ଟ ୫ ଙ୍କା ଲେଖାଏଁ ଘର ଭଡ଼ା ପାଇବେ । ଏଥିରୁ ସର୍ବସାଧାରଣ ବୁଝିବେ ଯେ ଯେଉଁମାନେ ସରକାରୀ ପଶୁଚିକିତ୍ସା ବିଦ୍ୟାଳୟରେ ପଢ଼ି ଉତ୍ତୀର୍ଣ୍ଣ ହେବେ ସେମାନେ ନିର୍ବାହ ହେବା ଭଳି ଚାକରି ପାଇ ପାରିବେ ।

---

ଗତ ତା ୨୯ ରିଖରେ ସ୍ୱର୍ଗୀୟ ମହାତ୍ମା ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କର ୧୯ ବାର୍ଷିକ ମୃତାହ କଲିକତା, ଢାକା, ଏଲାହାବାଦ ପ୍ରଭୃତି ପ୍ରଧାନନଗର ଏବଂ ବଙ୍ଗର ଅନ୍ୟାନ୍ୟ ଅନେକ ସ୍ଥାନରେ ପ୍ରକାଶ୍ୟ ସଭାରେ ପ୍ରତିପାଳିତ ହୋଇଥିଲା । ପ୍ରତ୍ୟେକ ସ୍ଥାନରେ ଅନେକ ଭଦ୍ରଲୋକ ଉପସ୍ଥିତ ହୋଇଥିଲେ ଏବଂ କେତେକ ଗଣ୍ୟ ମାନ୍ୟବ୍ୟକ୍ତି ମୃତ ମହାତ୍ମାଙ୍କର ଗୁଣ କୀର୍ତ୍ତନ କରିଥିଲେ । ଏକସଭରେ କେତେକ ସୁଶିକ୍ଷିତ ଓ ସମାଜହିତୈଷୀ ହିନ୍ଦୁ ସ୍ୱର୍ଗୀୟ ପଣ୍ଡିତଙ୍କ ଯୁକ୍ତି ଓ ଶାସ୍ତ୍ରବ୍ୟାଖ୍ୟା ଗ୍ରହଣ କରି ବିଧବାବିବାହ ଆବଶ୍ୟକସ୍ଥଳେ ପ୍ରଚଳନର ଚେଷ୍ଟା କରୁଥିବା ଓ ସେହିପ୍ରକାର ଅନ୍ୟ ଏକ ଦଳ ହିନ୍ଦୁ ତହିଁ ବିରୁଦ୍ଧରେ ଘୋର ଆନ୍ଦୋଳନ କରିବାର ଦୃଶ୍ୟ ପ୍ରୀତିକର ନୁହେ । ଏଥିରୁ କେବଳ ଏତିକି ଜଣାଯାଏ ଯେ ଆମ୍ଭେମାନେ ଆମ୍ଭମାନଙ୍କର ମହାତ୍ମାମାନଙ୍କର ପ୍ରକୃତମତ ପାଳନର ଯୋଗ୍ୟ ହୋଇନାହୁଁ । ସାମାଜିକ ଦୁରବସ୍ଥା ଗାଢ଼ରୂପେ ଚିନ୍ତାକରିବାରେ ପ୍ରବୃତ୍ତ ହେଲେ ଏପରି ମତଭେଦ ସ୍ଥିର ରହିପାରିବ ନାହିଁ । ଏ ନଗର ଭିକ୍ଟୋରିଆସ୍କୁଲ ଘରେ ସେ ଦିନ ଏହି ଉପଲକ୍ଷରେ ସଭା ଓ ଗୁଣ କୀର୍ତ୍ତନ ହୋଇଥିଲା ।

---

ଗଡ଼ଜାତ ବାସିନୀରେ ପ୍ରକାଶ ଯେ ନରସିଂହପୁର ରାଜା ଶ୍ରୀମନ୍ ସାଧୁଚରଣ ହରିଚନ୍ଦନ ମହାପାତ୍ର ବନ୍ଧୁଭାବରେ ତାଳଚେର ଗଡ଼ରେ ଗତ ତା ୨୦ ରିଖ ସକାଳ ଘ ୮ ଘା ବେଳେ ଉପସ୍ଥିତହୋଇ ଦି ୪ ନ ସେଠାରେ ଅବସ୍ଥାନ କରିଥିଲେ । ତାଳଚେର ରାଜା ବନ୍ଧୁଙ୍କର ଯଥୋଚିତ ସମାଦରରେ ସ୍ୱଜନବାଟୀରେ ଅଭ୍ୟର୍ଥନା କରି ଛାପାଖାନା ଶିଳ୍ପାଗାର, ଡାକ୍ତରଖାନା ଭିକ୍ଟୋରିଅ ସତ୍ରମନ୍ଦିର, ଜେଲଖାନା, ଡରେଶୀ ସ୍କୁଲପ୍ରଭୃତି ଦେଖାଇଥିଲେ ଏବଂ ଆମୋଦ ପ୍ରମୋଦ ନିମନ୍ତେ ବିବିଧ କ୍ରୀଡ଼ା ନାଟକାଭିନୟ, ସଙ୍ଗୀତାଦିର ଅନୁଷ୍ଠାନ ହୋଇଥିଲା । ତଶୋର ସାହିତ୍ୟ ସଭାର ସଭ୍ୟଗଣ ଏକ ବିଶେଷ ଅଧିବେଶନରେ ନରସିଂହପୁର ରାଜାଙ୍କୁ 'ସଭାପତି ପଦରେ ବରଣ କରି ନଗରବାସିଙ୍କ ତାହାଙ୍କୁ ସମ୍ମାନ କରିବାର ସୁଯୋଗ ଦେଇଥିଲେ ଏବଂ ସଭାପତି ମହୋଦୟ ନିଜ ବକ୍ତୃତାରେ ସେ ସମ୍ମାନ ନିମନ୍ତେ ବିନୟ ଓ କୃତଜ୍ଞତା ପ୍ରକାଶ କରି ତାଳଚେରଗଡ଼ ରାଜାଙ୍କର ଅବାଳବୃଦ୍ଧ ଓ ସହପାଠୀ ପୁନଶ୍ଚ ବିଶେଷ ପ୍ରୟୋଜନ ଥିବାର କହିଥିଲେ । ରାଜାମାନଙ୍କର ଏପରି ମିଳନ ଓ ପରସ୍ପର ରାଜ୍ୟ ପାଳନର ବିବିଧ ଅନୁଷ୍ଠାନମାନ ସନ୍ଦର୍ଶନ କଲ୍ୟାଣକର ଅଟେ ।

Digitized by srujanika@gmail.com

Split by PDF Splitter



ରାଜଦ୍ରୋହୀ ସାଭାରକାରଙ୍କ ଯେଉଁ ଅଦ୍ଭୁତ-କାଣ୍ଡ ସଂଘଟିତ ହୋଇଅଛି । ସାଭାରକାର ମୋରିଅନରେ ଆସୁଥିବା ଜାହାଜର ଶୌଚଗୃହ ଭିତରୁ କେଉଁପରି ଜଳାବାଟେ ସମୁଦ୍ରକୁ ଡେଇଁ-ପଡ଼ି ପହଁରିଯାଇ ବନ୍ଦରଠାରେ ପହଞ୍ଚିଲାରୁ ସେଠାରେ ପହରା ଦେଉଥିବା ସନ୍ତ୍ରୀକୁ ନିକଟ-ବର୍ତ୍ତୀ ମାଜିଷ୍ଟ୍ରେଟଙ୍କ ନିକଟକୁ ଘେନିଯିବାକୁ କହିଲେ । ମାର୍ସେଲସ ବନ୍ଦର ଫରାସି ରାଜ୍ୟ-ଭୁକ୍ତ । ସେଠାର ସନ୍ତ୍ରୀ ତାଙ୍କୁ ଫରାସି ମାଜିଷ୍ଟ୍ରେ-ଟଙ୍କ ନିକଟକୁ ଘେନିଯିବା ଉଚିତ ଥିଲା । ମାତ୍ର ସାଭାରକାର ପଳାୟନ କରି ବନ୍ଦରରେ ପହଞ୍ଚି-ବାରୁ ତାଙ୍କୁ ଧରିବାକାରଣ ଜାହାଜର ଲୋକେ ପଛେ ପଛେ ହୋଇଥିଲେ । ସନ୍ତ୍ରୀ ଜାହାଜର କର୍ମ-ଚାରୀଙ୍କୁ ସାଭାରକାରଙ୍କୁ ଅର୍ପଣ କରିବାରୁ ତାଙ୍କୁ ଭାରତବର୍ଷକୁ ଅଣାଯାଇଅଛି ମାତ୍ର ସେ ବୋମ୍ବା-ଇଠାରେ ପହଞ୍ଚିବା ସଙ୍ଗେ ସଙ୍ଗେ ଫରାସି ଗବର୍ଣ୍ଣମେଣ୍ଟ ତାଙ୍କୁ ପ୍ରତ୍ୟର୍ପଣ କରିବାକାରଣ ଇଂରାଜ ଗବର୍ଣ୍ଣ-ମେଣ୍ଟଙ୍କୁ ଲେଖିଅଛନ୍ତି । ଜଣେ ଫରାସି ମହିଳା ତାରବାର୍ତ୍ତା ଦେଇ ସାଭାରକାରଙ୍କ ପକ୍ଷରୁ ବାରି-ଷ୍ଟର ନିଯୁକ୍ତ କରିଅଛନ୍ତି ଏବଂ ସେ ଫରାସି ଗବର୍ଣ୍ଣମେଣ୍ଟଙ୍କୁ ପ୍ରତ୍ୟର୍ପିତ ହେବେ କି ନାହିଁ ଏ ବିଷୟ ନିଷ୍ପତ୍ତି ହେବାପର୍ଯ୍ୟନ୍ତ ମୋକଦ୍ଦମାର ବିଚାର ବନ୍ଦ ଅଛି । ଏ କାଣ୍ଡ ସମ୍ପୂର୍ଣ୍ଣ ଅଦ୍ଭୁତ ଏବଂ ଏଥିରୁ ଅନେକ ରହସ୍ୟ ଉଦ୍‌ଘାଟିତ ହେବ ।

---

ମାନ୍ଦ୍ରାଜଠାରେ ସେଠା ଶିକ୍ଷକମାନଙ୍କ କଲେଜର ଏକ ସଭାରେ ଶ୍ରୀ ବାସନ୍ତୀ ମହୋଦୟା ସମୁପସ୍ଥିତ ଥାଇ ଅଙ୍ଗଲୋକମାନଙ୍କ କଥିତ ଗବର୍ଣ୍ଣମେଣ୍ଟଙ୍କ କାର୍ଯ୍ୟର ଅପ୍ରକୃତ କଥା ପ୍ରକାଶ-ହେବାରୁ ଛାତ୍ରମାନଙ୍କର ମନ ଖରାପ ହେଉଥିବାର ପ୍ରକାଶ କଲେ । ସେହି ସଭାରେ ସର୍ ଏସ୍ ସୁବ୍ରହ୍ମଣ୍ୟ ଆୟାର ମହାଶୟ ସଭାପତିର ଆସନ ଗ୍ରହଣ କରିଥିଲେ । ସେ ଭାରତର ଶିକ୍ଷାକାର୍ଯ୍ୟ ଏଦେଶୀୟ ପ୍ରଥାନୁସାରେ ଚଳାଇବାକାରଣ ଭାରତୀୟ ଜନସାଧାରଣଙ୍କର କର୍ତ୍ତବ୍ୟ ଏବଂ ଧର୍ମ-ସମ୍ବନ୍ଧୀୟ ଯେଉଁ ମଠବାଡ଼ିମାନ ଅଛି ତହିଁର ଉପସ୍ୱତ୍ୱାଂଶ ଶିକ୍ଷାକାର୍ଯ୍ୟରେ ବ୍ୟୟିତ ହେବା ଉଚିତ ବୋଲି କହିଲେ । ସେ ଦେଖାଇଲେ ଯେ ଉକ୍ତ ଦାତାମାନଙ୍କର ପ୍ରକୃତ ଉଦ୍ଦେଶ୍ୟ ଶିକ୍ଷା ବିସ୍ତାର । ଆମ୍ଭେମାନେ ଏ ପ୍ରସ୍ତାବର ପକ୍ଷପାତୀ । ମଠବାଡ଼ି-ମାନଙ୍କରେ ମାଲି ମୋକଦ୍ଦମା ଓ ନାନା ଅସତ୍ କାର୍ଯ୍ୟରେ ଯେଉଁ ଧନ ବ୍ୟୟିତ ହେଉଅଛି ତହିଁର ଦଶମାଂଶ ଶିକ୍ଷାପ୍ରଦାନ କାର୍ଯ୍ୟରେ ବ୍ୟୟିତ ହେଉଥିଲେ ମଠର ଉନ୍ନତି ସଙ୍ଗେ ସଙ୍ଗେ ଲୋକ-ଙ୍କର ତଥା ଦେଶର ଉନ୍ନତି ହୋଇପାରନ୍ତା । ମାତ୍ର ଏଥିପ୍ରତି କାହାର ଦୃଷ୍ଟି ନାହିଁ । ସୁଶିକ୍ଷାର ବିସ୍ତାର ନ ହେଲେ ଅଶାନ୍ତି ରହିତ ହେବ ନାହିଁ ।

—୦※୦—

କୃଷି କଲେଜର 'ବୃତ୍ତି ଦାନ ବିଷୟରେ ଉତ୍କଳ ସମ୍ମିଳନୀର ଏକ ଅଧିବେଶନ ଗତ ରବି-ବାର ହେବାର ବିଜ୍ଞାପନ ପ୍ରଚାର କରି ସମ୍ପା-ଦକ ବାବୁ ଗୋକୁଳାନନ୍ଦ ଚୌଧୁରୀ ତହିଁ ପୂର୍ବ ଦିନରେ ପୁତ୍ରର ପୀଡ଼ା ସମ୍ବାଦ ପାଇ କଟକରୁ କଲିକତା ବାହାରି ଗଲେ । ରବିବାର ସଭା-କାଳରେ କେତେଜଣ ସଭ୍ୟ ସଭାରେ ଉପସ୍ଥିତ ହୋଇ ସେ କଥା ଶୁଣି ବାହୁଡ଼ି ଗଲେ । ଅନି-ବାର୍ଯ୍ୟ କାରଣରେ ସମ୍ପାଦକ ସଭା ସ୍ଥାନରେ ରହି ପାରିଲେ ନାହିଁ ଏଥିରେ ତାହାଙ୍କର ଦୋଷ ନାହିଁ । ମାତ୍ର ସହକାରୀ ସମ୍ପାଦକ ଥିବା ପ୍ରତ୍ୟକ୍ଷେ ତାହାଙ୍କୁ କଲେ ଅଥବା ବିଜ୍ଞାପନଦ୍ୱାରା କାଗଜପତ୍ର ବା ସେ ଦିନର କାର୍ଯ୍ୟ ସମ୍ବନ୍ଧୀୟ କିଛି ଉପଦେଶ ନ ଦେବା ଗୁରୁତର ତ୍ରୁଟି ଅଟେ ଏହା ସେ ଅବଶ୍ୟ ସ୍ୱୀକାର କରିବେ । ଏହି ସମ୍ମିଳନୀର ଅଧିବେଶନ ଅବସରରେ ଓ ସଭ୍ୟ-ଙ୍କର ଉପସ୍ଥିତି ଅତି କ୍ଷୀଣ ତହିଁ ଉପରେ ସମ୍ପା-ଦକଙ୍କର ମନୋଯୋଗ ଅତ୍ୟନ୍ତ ଅଧିକ ନ ହେଲେ କିପରି କାର୍ଯ୍ୟ ହେବ ? ଅନେକ ଲୋ-କଙ୍କ ଧାରଣା ଯେ ସମ୍ପାଦକର ହେଳା ହେତୁ ସମ୍ମିଳନୀର ଦୁରବସ୍ଥା ଘଟିଅଛି । ଆମ୍ଭେମାନେ ଆଶା କରୁଁ ସମ୍ପାଦକ ଶୀଘ୍ର ଏ ଧାରଣା ଘୁଞ୍ଚାଇ ଦେବେ ।

---

ବଙ୍ଗଦେଶର ଶାସନ ଦୁଇ ଖଣ୍ଡ ଭଗ୍ନ ହେବାର ପ୍ରତିବାଦ ସ୍ୱରୂପ ବ ୨ ର୍ଷ ହେଲା ଅଗଷ୍ଟ ମାସ ତା ୭ ରିଖରେ ସମସ୍ତ ବଙ୍ଗରେ ବୟକଟ ବା ବର୍ଜନ ନାମରେ ଗୋଟିଏ ପର୍ବ ପ୍ରତିପାଳିତ ହୋଇ ଆସୁଅଛି । ଅସନ୍ତା କାଲି ସେ ପର୍ବ ହେବ । ଅଦ୍ୟାପ୍ୟ 'ବର୍ଷ ପର ତାହା ପ୍ରତିପାଳିତ ହେବାର ବିଷୟ ଶୁଣି ମାନ୍ୟବର ବର୍ଦ୍ଧମାନର ମହାରାଜ ବାହାଦୁର ଏକ ବିଜ୍ଞାପନଦ୍ୱାରା ଜଣାଇ ଦେଇଅଛନ୍ତି ଯେ ବୟକଟ ବ୍ୟାପାର ନାନା ଅନର୍ଥ ଅଶାନ୍ତି ଓ ଜାତୀୟ ବିଦ୍ୱେଷର ପ୍ରବ-ର୍ତ୍ତକ ଥିବାରୁ ସେ ପର୍ବ ପାଳନ କରିବା ଉଚିତ ନୁହେ । ଯେବେ ଲୋକମାନେ ଏହି ଉପଦେଶ ନ ଶୁଣିବେ ତେବେ ଆଇନାନୁସାରେ ତାହା ବନ୍ଦ କରାଯିବ । ଗବର୍ଣ୍ଣମେଣ୍ଟଙ୍କ ଆଦେଶ କେହି ନ ମାନିବାର କଥା ନାହିଁ ଏବଂ ଆଜ ସବ ଶାହୁଲେ ତାହା ଜଣାଯିବ । ମାନ୍ୟବର ଏହାବେଳେ ଆଇନ ଜାରି ନ କରି ପୂର୍ବରୁ ସାବଧାନ କରି ସୁବିଜ୍ଞର କାର୍ଯ୍ୟ କରିଅଛନ୍ତି । ଯେଉଁମାନେ ଏହି ଉପଦେଶକୁ ଅନ୍ୟାୟ ମନେ କରନ୍ତି 'ସେମାନଙ୍କର ଚିନ୍ତା କରିବା ଉଚିତ ଯେ ବ ୬. ର୍ଷ କାଳ ଏହି ପର୍ବରେ ମାତି କି ଫଳ ପାଇଲେ ଓ ଇଷ୍ଟଦେବତା ନାମରେ ଯେଉଁ ଦୃଢ଼ ପ୍ରତିଜ୍ଞା କରିଥିଲେ ତାହା କେତେଦୂର ସ୍ଥିର ରହିଲା ? ଅନ୍ତରର ନିଷ୍ଠା ନ ଥିଲେ କେବଳ ଜଗତା ବଲ୍ଗା ଗଣ୍ଡଗୋଳରେ ଅନିଷ୍ଟ ଭିନ୍ନ କିଛି ଫଳ ହୁଏ ନାହିଁ । ସୁତରାଂ ଗବର୍ଣ୍ଣମେଣ୍ଟ କିମ୍ବା ଆଉ କିଏ ସେମାନଙ୍କୁ ଅଟକ କରିବ ?

—※※—

ଗତବର୍ଷ ସୋମବାରଦିନ ସମବାୟ ଋଣ-ସମିତିସମ୍ବନ୍ଧୀୟ ଯେଉଁ ବୈଠକ ହୋଇଥିଲା ତହିଁରେ ସମିତିର ସଂଖ୍ୟା ୬୯୫ ଠାରୁ ୬୮୮ ଏବଂ ମୂଳଧନର ପରିମାଣ ୬୭ ଲକ୍ଷ ସ୍ଥଳେ ୮୦ ଲକ୍ଷ ହୋଇଥିବାର ପ୍ରକାଶ ହେଲା । ଏଥିରୁ ସମବାୟ ଋଣସମିତି ଲୋକଙ୍କରେ ଆଦୃତ ହେଉଥିବାର ଦେଖାଯାଏ । ଶିକ୍ଷିତ ଲୋକମାନେ ଅଦ୍ୟାପି ଏଥିପ୍ରତି ଆକୃଷ୍ଟ ହୋଇ ନ ଥିବା ଏବଂ ସେମାନେ ଇଚ୍ଛା କଲେ ମହାଜନଙ୍କ ହାତରୁ ରଇତମାନଙ୍କୁ ରକ୍ଷା କରିପାରିବାର କଥା ଉକ୍ତ ବୈଠକରେ ପଡ଼ିଥିଲା । ଆମ୍ଭମାନଙ୍କ ମତରେ ଶିକ୍ଷିତ ଲୋକମାନେ ଶିକ୍ଷାଗୁଣରୁ ବର୍ତ୍ତମାନ ସ୍ୱାର୍ଥାନ୍ୱେଷୀ ହୋଇ ସ୍ୱୟଂ ମହାଜନୀ କରି ସାଧାରଣ ମହାଜନ ପରି ରଇତମାନଙ୍କର ରକ୍ତ ଚୋଷୁଅଛନ୍ତି । ସେମାନେ ଯେବେ ଅଳ୍ପସୁଧରେ ଋଣ ଦେଇ ଉତ୍ତମ ଆଦର୍ଶ ଦେଖାନ୍ତେ ତେବେ କେତେ ରକ୍ଷା ହୁଅନ୍ତା । ଓଡ଼ିଶା ଗରିବ ବୋଲି ଏହି ଶିକ୍ଷିତ ବ୍ୟକ୍ତିମାନେ ଏହିକାଳରେ ଚଲାଇ କରନ୍ତି ପୁଣି ଅତ୍ୟଧିକରେ ଉଚ୍ଚ ସୁଧରେ ଟଙ୍କା ଋଣ ଦେଇ ଦରିଦ୍ରତା ଓ ଅଭାବ ବଢ଼ାଉ ଅଛନ୍ତି । ବାଙ୍କି ଓ ଟୋମପଟାର ପ୍ରଜାମାନଙ୍କର ସମବେତ ଚେଷ୍ଟାରେ ଯେ ସମସ୍ତ ସମବାୟ ଋଣସମିତି ସ୍ଥାପିତ ହୋଇଅଛି ତହିଁପାଇଁ ବଙ୍ଗଦେଶରୁ ଶତକଡ଼ା ବାର୍ଷିକ ଆଠଟଙ୍କା ସୁଧରେ ପ୍ରାୟ ଅଧ-ଲକ୍ଷ ଟଙ୍କା ଆସିଅଛି ମାତ୍ର ଓଡ଼ିଶାର କେହି-ବ୍ୟକ୍ତି ସେ ନିୟମରେ ଏପର୍ଯ୍ୟନ୍ତ ଟଙ୍କା ଯୋଗାଇ ନାହିଁ । ଯେଉଁମାନେ ଏ ସବୁକୁ ଦେଖି ଶୁଣି ସୁଦ୍ଧା ସୁବାଟକୁ ନ ଆସି ଈର୍ଷାରେ ପୋଡ଼ିମରୁ-ଅଛନ୍ତି ସେମାନଙ୍କୁ ବାଟେଇବା କାଠିକର ଶାଠ । ସେମାନଙ୍କୁ ସୁମତି ଦେବାକାରଣ ଆମ୍ଭେମାନେ ଅହରହ ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଅଛୁ ।

—୦—

ଗତଜୁଲାଇ ମାସ ତା ୨ ରିଖର 'ଉତ୍କଳ-ଷ୍ଟାର' ର ସମ୍ପାଦକୀୟ ସ୍ତମ୍ଭରେ ବିବାଦ ମୀମାଂସା ଆଶାରେ ବଙ୍ଗାଳୀ କବୁଲରେ ଓଡ଼ିଆର ସ୍ୱତ୍ୱ ବିଷୟକ ଯେଉଁ ପତ୍ର ପ୍ରକାଶିତ ହୋଇଥିଲା ଓ

Digitized by srujanika@gmail.com

Split by PDF Splitter



ଯହିଁ ସମ୍ବନ୍ଧରେ ଓଡ଼ିଶାର କେତେକ ସମ୍ବାଦପତ୍ରରେ ନାନା ସମାଲୋଚନା ବାହାରିଅଛି ଗତ ସପ୍ତାହର 'ଉତ୍କଳ ଷ୍ଟାର' ରୁ ପ୍ରକାଶ ଯେ ସେହି ପତ୍ର ବାବୁ ଗୋକୁଳାନନ୍ଦ ଚୌଧୁରୀ ପ୍ରାୟ ଦୁଇ ବର୍ଷ ହେଲା ବାବୁ ଯୋଗେନ୍ଦ୍ରନାଥ ବୋଷ ଛଦିବାରକ୍ ଘରେଇ ଭାବରେ ଲେଖିଥିଲେ । ପତ୍ରଲେଖକ କହନ୍ତି କି ସେ ପତ୍ର 'ସମ୍ବାଦପତ୍ରରେ ପ୍ରକାଶ ହେବା ତାହାଙ୍କର ଅଭିପ୍ରାୟ ନ ଥିଲା । ମାତ୍ର ସହଯୋଗୀ କହନ୍ତି କି ଲେଖକ ଯୋଗେନ୍ଦ୍ର ବାବୁଙ୍କୁ ତାହା ସମ୍ବାଦପତ୍ରରେ ପ୍ରକାଶ କରିବାର ଅନୁମତି ଦେଇଥିଲେ ଏଥିରେ କୌଣସି ଏକ ପକ୍ଷର ଭ୍ରମ ବା ବିସ୍ମୃତି ହେବାର ଅନୁମାନ ହୋଇ ପାରେ । ମାତ୍ର ଗୁଜାଶଟା ଯେ ସ୍ଥଳେ ବ୍ୟକ୍ତିଗତ ନ ହୋଇ ଏକ ପ୍ରଦେଶରେ ବାସ କରୁଥିବା ଦୁଇ ପ୍ରଧାନ ସମ୍ପ୍ରଦାୟ ସମ୍ପର୍କରେ ଅଟେ ଏବଂ ଦେଶର ମଙ୍ଗଳ ନିମନ୍ତେ ସେଥିର ମୀମାଂସା ଏକାନ୍ତ ଆବଶ୍ୟକ ସେ ସ୍ଥଳେ ଆମ୍ଭେମାନେ ମନେକରୁ କି ସହଯୋଗୀ ତାହା ପ୍ରକାଶ କରିବାରେ ତାହାର ଦୂଷିତ ହେବାର କାରଣ ନାହିଁ । ବାବୁ ଗୋକୁଳାନନ୍ଦ ଚୌଧୁରୀ ଜଣେ ସୁଶିକ୍ଷିତ ପ୍ରବୀଣ ଉତ୍କଳ ଓ ମାନ୍ୟବ୍ୟକ୍ତି ଏବଂ ଅନେକ ସାଧାରଣ କାର୍ଯ୍ୟର ଭାର ନେଇଅଛନ୍ତି ; ସେ ଅନେକ ମଙ୍ଗଳର ଆଧାର ସ୍ଥଳ । ସ୍ୱହାତର ଲେଖା ସେ କଥିତ ହେବା ସ୍ଥଳେ ଗତ ୨ ୬ ବର୍ଷରେ ବିଶେଷତଃ ବର୍ତ୍ତମାନ୍ ଆଲୋଚନା ଦୃଷ୍ଟିରେ ତାହାଙ୍କ ମତ କଣ ତାହା ବିସ୍ତାରିତ ପ୍ରକାଶ କରନ୍ତୁ ଏବଂ ସେ ସ୍ୱୟଂ ସୀ ପ୍ରଧାନତଃ ଉତ୍କଳର ସମ୍ପର୍କରେ ଥିବା ସ୍ଥଳେ ଉତ୍କଳ ସମାଜରେ ତାହାଙ୍କ ଗୁଣିବାର ଯତ୍ନବାନ୍ ହେବା ସକାଶେ ତାହାଙ୍କୁ ବିଶେଷ ଅନୁରୋଧ କରୁଅଛୁଁ ।

---

### ପାର୍ଲିଆମେଣ୍ଟରେ ଭାରତ ବଜେଟ ।

ଗତମାସ ତା ୨୭ ରିଖ ଦିନ ବିଲାତ ପାର୍ଲିଆମେଣ୍ଟ ମହାସଭାରେ ଭାରତୀୟ ଅଣ୍ଡରସେକ୍ରେଟରୀ ଭାରତବର୍ଷର ଚଳିତବର୍ଷର ବଜେଟ ଉପସ୍ଥିତ କରି ପ୍ରକାଶ କଲେ ଯେ ଗବର୍ଣ୍ଣରଜେନେରଲଙ୍କ କାର୍ଯ୍ୟ ନିର୍ବାହକ ସଭାର ବାଣିଜ୍ୟ ବିଷୟକ ସଦସ୍ୟପଦରେ ଶ୍ରୀଯୁକ୍ତ କ୍ଲାର୍କ ସାହେବ ଏବଂ ସେହି ସଭାର ଶିକ୍ଷା ବିଷୟକ ସଭ୍ୟ ପଦରେ ବଟଲର ସାହେବ ନିଯୁକ୍ତ ହେଲେ । ଅଫଗାନିସ୍ଥାନର ସୀମାସମ୍ବନ୍ଧୀୟ କମିଶନରମାନଙ୍କର ଭାବକୁ ଦେଖିଲୁ ସୀମାବିବାଦ ଶେଷ ହେବାର ଆଶା କରାଯାଏ । ଭୁଟାନ ସଙ୍ଗେ ସନ୍ଧି କରିବାରୁ ଗବର୍ଣ୍ଣମେଣ୍ଟ ନେପାଳ, ଭୁଟାନ ଓ ସିକିମରେ ବୈଦେଶିକ ରାଜାଙ୍କ ହସ୍ତକ୍ଷେପ ନ ହେବା ସମ୍ବନ୍ଧେ ଦୃଢ଼ ସଂକଳ୍ପ କରିଥିବାର ବୁଝାଯିବ ଏବଂ ସେଠା ରାଜାମାନଙ୍କର ସଂକଳ୍ପ ଭବିଷ୍ୟତସମ୍ବନ୍ଧରେ ଦୃଢ଼ ଅଟେ । ଭବିଷ୍ୟତ ଓ ଚୀନର ଅନ୍ତରଙ୍ଗ ଅବସ୍ଥାରେ ଗବର୍ଣ୍ଣମେଣ୍ଟ ହସ୍ତକ୍ଷେପଣ କରିବେ ନାହିଁ ଏବଂ ଚୀନର ସାଧୁସ୍ୱଭାବପ୍ରତି ସନ୍ଦେହ କରିବାର କୌଣସି କାରଣ ନାହିଁ । ଭାରତର କୃଷିର ଅବସ୍ଥା ଭଲ ହୋଇ ତତ୍ସଙ୍ଗେ ବାଣିଜ୍ୟର ଉନ୍ନତି ଓ ଖାଦ୍ୟଦ୍ରବ୍ୟ ସୁଲଭ ହୋଇଥିବା ଆନନ୍ଦଜନକ ମାତ୍ର ମେଲେରିଆ ଓ ପ୍ଲେଗ ରୋଗର ଉପଦ୍ରବ ବଢ଼ିବା ଦୁଃଖର ବିଷୟ । ଶିମଲାଠାରେ ମେଲେରିଆ ରୋଗସମ୍ବନ୍ଧୀୟ ଯେଉଁ କମିଶନ ବସିଥିଲା ତତ୍କର୍ତ୍ତୃକ ଅନୁମୋଦିତ ହୋଇଥିବା ନିବାରଣ କାର୍ଯ୍ୟରେ ପରିଣତ ହେଲେ ଅନେକ ଉପକାର ହେବ । ଲର୍ଡ କର୍ଜନର ମହୋଦୟଙ୍କ ପ୍ରସ୍ତାବିତ ସଂସ୍କାର କାର୍ଯ୍ୟ ଶେଷ ହେବା ଓ ଅଭ୍ୟନ୍ତରର ଉନ୍ନତିଯୋଗୁଁ ସୈନିକ ବ୍ୟୟ ଊଣା ହୋଇଅଛି । ଚୀନ ସଙ୍ଗେ ଅଫିମ ବେପାର ଯେଉଁ ସନ୍ଧି ହୋଇଅଛି ତଦ୍ୱାରା ପ୍ରଥମ ପାଞ୍ଚବର୍ଷରେ ଅଧିକ କ୍ଷତି ନ ହେଲେହେଁ ଶେଷ ପାଞ୍ଚବର୍ଷରେ ଲୋକସାନ ଅଧିକ ପଡ଼ିବ । ସେ ମିଅଦ ପରିବର୍ତ୍ତନ କରିବା ସହଜ ବା ବାଞ୍ଛନୀୟ ନୁହେ । ଟିକସ ବୃଦ୍ଧିସମ୍ବନ୍ଧରେ ସେ କହିଲେ ଯେ ଲୋକଙ୍କର ଜୀବନ ଧାରଣର ଅତ୍ୟାବଶ୍ୟକୀୟ ଦ୍ରବ୍ୟ ଉପରେ ପାନ୍ଥଲଟାଏ ଟିକସ ବଢ଼ି ନାହିଁ । ମଦ ଏବଂ ତମାଖୁ ଉପରେ ଯେ ଟିକସ ବସିଅଛି ତାହା ଯଥୋପଯୁକ୍ତ ଅଟେ । ଆମଦାନୀ ତମାଖୁ ସଙ୍ଗେ ଭାରତର ତମାଖୁ ପ୍ରତିଯୋଗିତା କରୁ ନାହିଁ ମାତ୍ର ପ୍ରକୃତ ପ୍ରତିଯୋଗିତା କରୁଥିବା କେତେକ ଦ୍ରବ୍ୟର ମାସୁଲ ଅଦ୍ୟାପି ବିବେଚନାଧୀନ । ବଜେଟରେ ବିଶେଷ ଅସନ୍ତୋଷଜନକ କିଛି ନାହିଁ ମାତ୍ର ପ୍ରତ୍ୟେକ ବିଷୟରେ ମିତବ୍ୟୟିତା ଚଳାଇବାର ଭାବ ସ୍ପଷ୍ଟରୂପେ ଜଣା ଯାଏ ଏବଂ ସେ ବିଷୟ ବର୍ତ୍ତମାନ ଷ୍ଟେଟସେକ୍ରେଟେରୀ ମହୋଦୟ ବିବେଚନା କରୁଅଛନ୍ତି । ବିଲାତର ପ୍ରଜାତନ୍ତ୍ର ଶାସନ ସଙ୍ଗେ ଭାରତର ଜଟିଳ ଦାୟିତ୍ୱପୂର୍ଣ୍ଣ ଶାସନକୁ ଯୋଗ କରିବାହେତୁ ରାଜନୀତିର ସମସ୍ୟା କଠିନ ହୋଇଅଛି । ବ୍ରିଟେନ ପ୍ରତିବର୍ଷ ଆପଣାର ଦାୟିତ୍ୱ ନିର୍ବାହ କରିବାର ଦୃଢ଼ ସଂକଳ୍ପ ଦେଖାଉଅଛି । ସଭ୍ୟମାନେ ଆପଣା ବକ୍ତୃତାରେ ଇଂରାଜ ତଥା ଭାରତୀୟ ଲୋକଙ୍କ ସକାଶେ ବୁଝି ସୁଝି କଥା ବ୍ୟବହାର କରିବେ । ଭାରତର ବିସ୍ତୃତ ପ୍ରଜାବର୍ଗ ଅଶିକ୍ଷିତ ଏବଂ ଅଳ୍ପସଂଖ୍ୟକ ଶିକ୍ଷିତ ଲୋକେ ଅଶାନ୍ତିସକାଶେ ଦାୟୀ ଅଟନ୍ତି । ମଇଦା ରବଟାରେ ଅଳ୍ପମାତ୍ର ସିଡ଼ିସନ ମିଶାଇଲେ ତାହା ଫଳ ବେଶି ହୁଏ ପ୍ରାଚ୍ୟଲୋକଙ୍କୁ ପ୍ରତୀଚ୍ୟଲୋକଙ୍କ ସଙ୍ଗେ ମିଶାଇବାରୁ ଗଲେ ଅଶାନ୍ତି ଅବଶ୍ୟମ୍ଭାବୀ ମାତ୍ର ଯେ ଭଲ କାର୍ଯ୍ୟ କରିବାକାରଣ ଆମ୍ଭମାନେ ତାଙ୍କୁ ଶିକ୍ଷା ଦେଇଅଛୁଁ ସେହି କାର୍ଯ୍ୟ ଚଳାଇବାକାରଣ ଉପଯୁକ୍ତ ସୁବିଧା ଏବଂ ଉପାୟ ବିଧାନ ନ କଲେ ଅଶାନ୍ତି ଭୟାନକରୂପ ଧାରଣ କରିବ । ବର୍ତ୍ତମାନ ଭାରତବର୍ଷର ଅବସ୍ଥା ଏମନ୍ତ ଯେ ତାହାକୁ ଭଲରୂପେ ଚଳାଇ ନେଲେ ଭାରତରେ ଇଂରାଜଶାସନ ବହୁକାଳ ରହିବାର ପ୍ରମାଣିତ ହେବ ମାତ୍ର ବିଗାଡ଼ି ଦେଲେ ସର୍ବନାଶ ହେବ । ନରହତ୍ୟା, ଷଡ଼ଯନ୍ତ୍ର ଏବଂ ଉତ୍ତେଜକ କାରୁଣୀ ଯେତେପ୍ରକାର ଅଶାନ୍ତିର ଘଟନା ଘଟିଅଛି ତାହା ସହାନୁଭୂତିର ଉପଯୋଗୀ ନୁହେ ଏବଂ ଏହା ବିସ୍ତାରିତ ହେଲେ ଦେଶବ୍ୟାପୀ ଦୁର୍ଦ୍ଦଶା ଏବଂ ଅତ୍ୟାଚାରମୂଳକ ଶାସନର ବଳ ଏମନ୍ତ ଅବନତି ଘଟିବ କି ଯହିଁରୁ ଲୋକେ ଶାହୀ ଛାଡ଼ି ସୈନିକ ଶାସନର ଆଶ୍ରୟ ନେବାକୁ ବାଧ୍ୟ ହେବେ । ଗବର୍ଣ୍ଣମେଣ୍ଟ ଆପଣା କର୍ତ୍ତବ୍ୟକାର୍ଯ୍ୟ କରିବାକୁ ନ ପାରିଲେ ତାହା ପରିତାପ ହେବାର କଥା ଏବଂ ତଦ୍ୱାରା ଇତିହାସରେ ତାଙ୍କ ବଦନାମ ରହିବ । ଭାରତର ଅଧିକାଂଶ ଲୋକେ ଉତ୍ତମରୂପେ ଏ ବିଷୟ ବୁଝିପାରି କର୍ମଚାରୀମାନଙ୍କୁ ନିବାରଣ କରିବାକୁ ସର୍ବତୋଭାବେ ପ୍ରସ୍ତୁତ ଅଛନ୍ତି । ଗତ ଛମାସ ମଧ୍ୟରେ ଲୋକଙ୍କର ମନ ଗବର୍ଣ୍ଣମେଣ୍ଟଙ୍କ ଆଡ଼କୁ ଟଳିଅଛି ଏବଂ ତାହ ସାଧାରଣ କାର୍ଯ୍ୟର ଅଧିକ ସୁବିଧା ଘଟିବ ଗବର୍ଣ୍ଣମେଣ୍ଟଙ୍କ ନିୟମହେତୁ ଘଟିଅଛି । ବର୍ତ୍ତମାନ ଦ୍ୟାଯୁଗଙ୍କର ଅଶାନ୍ତିକୁ ଅଣାଭଜନକ ଅଶାନ୍ତିରୁ ଅନ୍ତର କରିବା ଅତିବିଶାରଦର କାର୍ଯ୍ୟ । ଗବର୍ଣ୍ଣମେଣ୍ଟ ସହାନୁଭୂତିପୂର୍ଣ୍ଣ ଭାବରେ ବିପକ୍ଷଜନକ କାର୍ଯ୍ୟମାନ ବୃଦ୍ଧି ଭଲ କାର୍ଯ୍ୟ ଚଳାଇ ଯେଉଁଠାରେ ଅପରାଧ ସଂଘଟିତ ହେବ ତାହା କଠୋର ହସ୍ତରେ ଦମନ କଲେ ଚରମରେ ଅଶାନ୍ତିରୁ ଅବ୍ୟାହତି ମିଳିବ । ବିଲାତ ଗବର୍ଣ୍ଣମେଣ୍ଟ ଏହି କାଳର ବଶବର୍ତ୍ତୀ ହୋଇ ଭାରତ ଗବର୍ଣ୍ଣମେଣ୍ଟଙ୍କୁ ଅବଜ୍ଞତା କରୁଥିବାରେ ଅଦ୍ଭୁତଭାବେ ସଂଗ୍ରାମ କରିବାରେ ସାହାଯ୍ୟ କରୁଅଛନ୍ତି ଏବଂ ସେ ହେତୁ ନୂତନ ସମ୍ବାଦପତ୍ର ଓ ରାଜଦ୍ରୋହ ସଭାଦଳନ ସମ୍ବନ୍ଧୀୟ ଆଇନ ଅନୁମୋଦନୀୟ । ଗବର୍ଣ୍ଣମେଣ୍ଟଙ୍କ ବିରୁଦ୍ଧରେ ନିନ୍ଦା ଓ ଅଯଥାର୍ଥ କଥାସେନ ଯେଉଁ ଯୁବକ ଅବଧାରଣା କରା ଯାଉଅଛି ତାହା ଏତଦ୍ୱାରା ସମ୍ପୂର୍ଣ୍ଣରୂପେ ନିବାରିତ ହେବ । ପୁଲିଶ ବିଭାଗର ସଂଶୋଧନସମ୍ବନ୍ଧରେ ଗବର୍ଣ୍ଣମେଣ୍ଟ ଯେ କାର୍ଯ୍ୟ କରୁଅଛନ୍ତି ତାହା ପ୍ରତ୍ୟେକ ସାଧୁଲୋକ ସ୍ୱୀକାର କରିବେ । ସେ ବିଭାଗର ଦୋଷ ଦେଖାଇ

Digitized by srujanika@gmail.com

ତାହା ପ୍ରତିକାର କରିବାର ଉପାୟ କହିଦେଲେ ଉପକାର ହେବ । ମାତ୍ର ପୁଲିସର ଏଠା ସେଠା ଅକାର୍ଯ୍ୟ ଦେଖାଇ ତାହାକୁ ପୁଲିସର ବ୍ୟବହାର ବୋଲି ଦେଖାଇବା, କୌଣସି ସ୍ଥଳରୁ କେତେକ କଥା ଉଦ୍ଧାର କରି ତାହାର ରୂପ ବଦଳାଇବା ଏବଂ ଲୋକ ବିଶେଷର କଥାକୁ ଗବର୍ଣ୍ଣମେଣ୍ଟଙ୍କ କର୍ତ୍ତବ୍ୟ ବୋଲି କହି ଆଇନର ସାଗବର୍ଣ୍ଣ ଦ୍ୱୀପାନ୍ତର ଦଣ୍ଡ ଥିବାସ୍ଥଳେ ଅତ୍ୟାଚାର ବିରୁଦ୍ଧରେ ଗବର୍ଣ୍ଣମେଣ୍ଟ କିଛି କରୁ ନ ଥିବାର କହିବା, ଅଯୌକ୍ତିକ ଦମନସମ୍ବନ୍ଧୀୟ ଗବର୍ଣ୍ଣମେଣ୍ଟଙ୍କ ଚେଷ୍ଟାକୁ ଅଶିକ୍ଷିତ କହିବା ଭିନ୍ନ ଆଉ କିଛି ନୁହେ । କୌଣସି ହିନ୍ଦୁ ଆନ୍ଦୋଳନକାରୀ ଅଥବା ପାର୍ଲିୟାମେଣ୍ଟର ମେମ୍ବର ଗବର୍ଣ୍ଣମେଣ୍ଟଙ୍କୁ ଅଙ୍କ ଏବଂ ପକ୍ଷଦୁଷ୍ଟ ହେବାର ବୋଲିବା ସମାନଭାବେ ରାଜଦ୍ରୋହସୂଚକ ଅଟେ ଏବଂ ତାହା କହିବାର ହେବା ସଙ୍ଗତ । ଏହିପରେ କନ୍ନ ସେକ୍ରେଟେରୀ ମହୋଦୟ କାଳରେ ଭାରତୀୟ ଶାସନ ସମ୍ବନ୍ଧେ ଯେଉଁ ସଂସ୍କାର ସଭା ସ୍ଥାପିତ ହୋଇଅଛି ତଦ୍ୱାରା ଉତ୍ତମ କାର୍ଯ୍ୟ ହେଉଥିବା ଓ ନୂତନ ସଭାଗୃହ ଏହି ଅଗଷ୍ଟ ମାସରୁ ଖୋଲିଲେ କାର୍ଯ୍ୟ ସୁବିଧା-ଜନକ ହେବା ମଧ୍ୟ ଭାରତର ଶିକ୍ଷାକାର୍ଯ୍ୟ ନବନିଯୁକ୍ତ ଶିକ୍ଷାମେମ୍ବରଙ୍କ କର୍ତ୍ତୃକ ତତ୍ପର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତପର୍ଯ୍ୟନ୍ତ ବ୍ୟାପିଯିବା ଏବଂ ଭାରତ ସଭା ସଂଗଠନ ଆଇନଦେଇ ଭାରତର ଅବସ୍ଥା ଗତ ଛମାସ ମଧ୍ୟରେ ଉନ୍ନତ ହୋଇଥିବା ଓ ନୂତନ ବେସରକାରୀ ମେମ୍ବରମାନେ ତର୍କ ବିତର୍କ ଚଳାଇବା ଭାବରୁ ଗବର୍ଣ୍ଣମେଣ୍ଟଙ୍କ ନାନା ସମର୍ଥିତ ହୋଇଥିବା ପୁଣି ଉତ୍କଣ୍ଠାରୁ ବ୍ୟୟ କଟାଇବା ସମ୍ବନ୍ଧେ ଭାରତର ଅଙ୍କୁର ଘୋଷଣା କରିବା ଏବଂ ଭାରତଗବର୍ଣ୍ଣମେଣ୍ଟ ଯେପରି ଦୃଢଚିତ୍ତ ଓ ଚଳାଇ ପ୍ରକୃତ ଉନ୍ନତି ଯଥାର୍ଥ ସଂସ୍ଥାପନ କରିବା ରୂପେ ଚଳିବାପ୍ରତି ସମସ୍ତଙ୍କର ସହାନୁଭୂତି ରହିବା ସଙ୍ଗତ ବୋଲି କହି ପ୍ରକାଶ କଲେ ଯେ ଲର୍ଡ ମିଣ୍ଟୋ କଠିନ ଶାସନକାର୍ଯ୍ୟ ଚଳାଇ କାଳରୁ ଫେରି ଅସୁଅଛନ୍ତି ଏବଂ ସେ ଦକ୍ଷତା ସହିତରେ ଭାରତର ଦାୟିତ୍ୱପୂର୍ଣ୍ଣ ଶାସନ ଚଳାଇ କୃତକାର୍ଯ୍ୟ ହୋଇଥିବା ହେତୁ ଦେଶଲୋକଙ୍କର କୃତଜ୍ଞତା ପ୍ରାପ୍ତ ହେବେ । ସେ ପାଞ୍ଚବର୍ଷକାଳ ଯେଉଁ ଶାସନକାର୍ଯ୍ୟ ଚଳାଇ ଅଛନ୍ତି ତାହା ଅଶେଷ ଫଳପ୍ରଦ ଏବଂ ସେହେତୁ ସେ ଆପଣାର କଡ଼ାଇ କରିପାରନ୍ତି । ଶେଷରେ ନୂତନ ବଡ଼ଲାଟ ଲର୍ଡ ହାର୍ଡିଞ୍ଜ ମହୋଦୟ ତାଙ୍କର ଗୁଣଗ୍ରାମ ଓ ଦକ୍ଷତା ରଖିଥିବା ଲୋକଙ୍କଠାରୁ ସମ୍ୟକରୂପେ ଅବଗତ ହେବାର କହି ଆପଣାର ବକ୍ତବ୍ୟ ଶେଷ କଲାରୁ ବଜେଟସମ୍ବନ୍ଧେ ତର୍କ ବିତର୍କ ଚଳିଲା । ବଲ୍ଫାମ ସାହେବ ଭାରତୀୟଲୋକଙ୍କ ବାଣିଜ୍ୟସମ୍ବନ୍ଧୀୟ ସଭ୍ୟପଦରେ ନିଯୁକ୍ତ ନ କରିବା କାର୍ଯ୍ୟକୁ ନିନ୍ଦା କଲେ । ମାକଡୋନାଲ୍ଡ ସାହେବ କହିଲେ ଯେ ଭାରତବାସୀ ବଡ଼ା କଷ୍ଟରେ ନିର୍ବାସିତ ହେଉଥିବା ଏବଂ ସମ୍ବାଦପତ୍ର ଆଇନ ଜାରି ଥିବାସ୍ଥଳେ ସମାଲୋଚନା କରିବା ଅସମ୍ଭବ । ପୁଲିସର ଉନ୍ନତି ଯଥାର୍ଥ ହେବା ଦରକାର ଏବଂ ଉଦାରନୀତି ପ୍ରଚଳିତ ହେବା ଉଚିତ । କଙ୍ଗ ସାହେବ କୃଷ୍ଣାନଗରଙ୍କପ୍ରତି ରେଲବୋର୍ଡର ଅନ୍ୟାୟ ବିଷୟ ଉଲ୍ଲେଖ କଲେ । ଥିଓଡୋର ମୋରିସନ ସାହେବ ଅଫିମ ରପ୍ତାନୀ ଉପରେ ମାସୁଲ ବସାଇବାରେ ଗବର୍ଣ୍ଣମେଣ୍ଟ ଭଲ କରୁଥିବାର କହିଲେ । ତତ୍ପରେ କେନ୍-ଉଡ ସାହେବ ସମ୍ବାଦପତ୍ର ଓ ରାଜଦ୍ରୋହ ସଭା ଦମନସମ୍ବନ୍ଧୀୟ ଆଇନ ବିରୁଦ୍ଧରେ ପ୍ରସ୍ତାବ ଆଗତ କରି କହିଲେ ଯେ ନୂତନ ବ୍ୟବସ୍ଥାପକ ସଭାରେ ସରକାରୀ ସଭ୍ୟ ସଂଖ୍ୟା ବୃଦ୍ଧି ହୋଇଥିବାର ଦେଖି ଜର୍ମାନୀ ଓ ଅଷ୍ଟ୍ରିୟାର ଲୋକ ମନେ ହୋଇ ଅତ୍ୟନ୍ତ ଲଜ୍ଜାର ଅଛି । କେଥର ହାର୍ଡି ମହାଶୟ ଏ ପ୍ରସ୍ତାବକୁ ସମର୍ଥନ କରି ଭାରତ ଗବର୍ଣ୍ଣମେଣ୍ଟ ଲମ୍ବଶାଟପଟାଳିର ଲୋକଙ୍କ ଉପରେ ନିର୍ଭରପୂର୍ବକ ଶିକ୍ଷିତ ମଧ୍ୟବିତ୍ତଲୋକମାନଙ୍କୁ ଛାଡ଼ିଦେଇ ଭଗ୍ନଦଣ୍ଡ ଉପରେ ସାମ୍ରାଜ୍ୟ ରକ୍ଷା କରୁଥିବାହେତୁ ତାହାର ପତନ ଅବଶ୍ୟମ୍ଭାବୀ ବୋଲି ପ୍ରକାଶ କଲେ । ଏଥିଉତ୍ତାରୁ ଘୋର ଆନ୍ଦୋଳନ ଲାଗିଲା । ଲର୍ଡ ରୋନାଲ୍ଡ ସାହେବ ଓ ରସ ସାହେବମାନେ ମାକଡୋନାଲ୍ଡ ଓ କେଥର ହାର୍ଡିଙ୍କ ଉଚ୍ଚାରିତ ବାକ୍ୟକୁ ନିନ୍ଦା କଲେ । ଅବଶେଷରେ ପ୍ରସ୍ତାବଟି ସପକ୍ଷରେ କେ ୪୭ ଜଣ ମାତ୍ର ବିପକ୍ଷରେ କେ ୨୭୭ ଜଣ ମତ ହେବାରୁ ତାହା ଅଗ୍ରାହ୍ୟ ହେବା ପରେ କମିଟି ହୋଇ ବଜେଟ ଅନୁମୋଦିତ ହେଲା ।— ପାର୍ଲିୟାମେଣ୍ଟ ମହାସଭାରେ ଏଥର ବଜେଟ ବିଷୟ ବିଚାର କରିବାକାରଣ ଭିନ୍ନପକ୍ଷରୁ ଅଧିକ ମେମ୍ବର ଉପସ୍ଥିତ ଥିବାର ଦେଖି ଆନନ୍ଦିତ ହୋଇଅଛୁଁ । ଏଥିରୁ ଇଂରାଜମାନେ ଭାରତର ଅଭିଜ୍ଞତା ଲାଭ କରିବାକାରଣ ଏକାନ୍ତ ଇଚ୍ଛୁକ ହୋଇଥିବାର ଦେଖାଯାଏ । ପ୍ରତ୍ୟେକ କାର୍ଯ୍ୟର ଭଲ ମନ୍ଦ ଉଭୟ ପାର୍ଶ୍ୱ ଅଛି ଏବଂ ଶାସନରୂପ ଗୁରୁତର କାର୍ଯ୍ୟରେ ନ ଥିବାର କେହି କହି ନ ପାରନ୍ତି । ମନ୍ଦପାର୍ଶ୍ୱ ଦେଖାଇ ଦେବାର ଲୋକ ଥିବା ବାଞ୍ଛନୀୟ କାରଣ ତାହା ନ ଥିଲେ କାର୍ଯ୍ୟର ଭଲ ମନ୍ଦ ବିଚାରଦ୍ୱାରା ସମୁଚିତ ଉପାୟ ବିଧାନ ହୋଇ ନ ପାରେ । ତଥାପି କହିବାର ବାଗ ଅଛି ଏବଂ ସେ ବାଗ ଯେ ଜାଣେ ସେ ଗବର୍ଣ୍ଣମେଣ୍ଟଙ୍କ ସୁଦ୍ଧା ଏକ ବାଟରୁ ଅନ୍ୟ ବାଟକୁ ଟାଣି ନେଇପାରେ । ଆମ୍ଭେମାନେ ବଜେଟର ଆନ୍ଦୋଳନର ପ୍ରଧାନ୍ୟ ବିଷୟମାନ ଠିକ୍ କହିଲୁଁ । ଏଠାରେ କହିବୁ ଗବର୍ଣ୍ଣମେଣ୍ଟଙ୍କ ସଦିଚ୍ଛା ଉପଲବ୍ଧି କରି ରାଜଭକ୍ତି ସହକାରେ ଆପଣାର ଓ ଦେଶର ଉନ୍ନତି ବିଧାନରେ ବ୍ରତୀ ହେଉନ୍ତୁ ।

---

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ ।

ପ୍ରେସିଡେନ୍ସି କଲେଜର ପ୍ରଫେସର ଡାକ୍ତର ଇନ୍ସପେକ୍ଟର ଜେନେରଲ ଟି, ସି, ଓର ସାହେବ ମା ୨୧୮ ଦିନ ଛୁଟି ପାଇଲେ ।

ବାଲେଶ୍ୱର ଜିଲ୍ଲାର ଧାମନଗରର ସବରେଜିଷ୍ଟ୍ରାର ମୌଲବୀ ସୈୟଦ ମୁସ୍ତାଫା ଅଲି ଏକମାସ ଛୁଟି ପାଇଲେ ଓ ସେହି ଜିଲ୍ଲାର ସଦର ରେଜିଷ୍ଟ୍ରି ଅଫିସର ହେଡ କିରାଣି ବାବୁ ଶମ୍ଭୁନାଥ ଦାଶ ତାଙ୍କ କାର୍ଯ୍ୟରେ ନିଯୁକ୍ତ ହେଲେ ।

କଟକ ସଦର ରେଜିଷ୍ଟ୍ରେସନ ଅଫିସର ହେଡକିରାଣି ମୁନ୍ସି ସେଖ ଇମାମବକ୍ସ ସନ ୧୯୧୦ ସାଲ ତା ୧ ରଖରୁ ଅନ୍ୟ ଆଦେଶ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ାର ସବରେଜିଷ୍ଟ୍ରାର ନିଯୁକ୍ତ ହେଲେ ।

ବେଙ୍ଗଲ ନାଗପୁର ରେଲୱେର ୩ୟ ଶ୍ରେଣୀ ପ୍ରଫେସ ଇଞ୍ଜିନିୟର ବାବୁ ଦେବେନ୍ଦ୍ରନାଥ ସେନ ଓ ଏ, ଦ, ଏସ, ରଡ଼ସଲ୍ଡ ସାହେବ ସନ ୧୯୦୯ ସିପ୍ଟେମ୍ବର ତା ୧୧ ରଖରୁ ୨ୟ ଶ୍ରେଣୀକୁ ଉନ୍ନତି ପାଇଲେ ।

କଟକର ୩ୟ ଶ୍ରେଣୀର ପ୍ରଫେସ ଇଞ୍ଜିନିୟର ବାବୁ ଜଗନ୍ନାଥ ବସୁ ସନ ୧୯୦୯ ଅକ୍ଟୋବର ତା ୧୨ ରଖରୁ ଅସ୍ଥାୟୀଭାବେ ୨ୟ ଶ୍ରେଣୀକୁ ଉନ୍ନତି ପାଇଲେ ।

ବାବୁ ଗିରିଶଚନ୍ଦ୍ର ରାୟ ଏମ୍ ଏ କଟକ ରେଭେନ୍ସା କଲେଜିଏଟ ସ୍କୁଲର ସହକାରୀ ଶିକ୍ଷକ ନିଯୁକ୍ତ ହେଲେ ।

ଗତ ତା ୧ ରଖରେ ଶେଷହେବା ସପ୍ତାହରେ ବୃଷ୍ଟିର ପରିମାଣ କଟକରେ ସେ ୧୧୩/, ବାଲେଶ୍ୱରରେ ସେ ୧୩ର ଅନୁଗୁଳରେ ସେ ୧୬୩, ପୁରୀରେ ସେ ୧।୮/ ଓ ସମ୍ବଲପୁରରେ ସେ ୧୩୩, ଏବଂ ଗଡ଼ଜାତ ମଧ୍ୟରେ ସର୍ବୋଚ୍ଚ ଉର୍ଦ୍ଧ୍ୱ ମାନେ ସେ ୨୨ ର ଓ ସର୍ବନିମ୍ନ ତିଗିରିଆରେ ସେ ୧୧ ର

ସେହି ସପ୍ତାହର ବୃଷ୍ଟିର ପରିମାଣ ଯଥା କଟକ ୩ ବାଲେଶ୍ୱର ୪୧, ଅନୁଗୁଳ ୧୩, ପୁରୀ ୪୧ ଓ ସମ୍ବଲପୁର ୨ ଇଞ୍ଚ ଏବଂ ଗଡ଼ଜାତ ମଧ୍ୟରେ ସର୍ବୋଚ୍ଚ ଅଠମଲ୍ଲିକ ଓ ବୌଦ୍ଧରେ ୩ ଓ ସର୍ବନିମ୍ନ ଅଠଗଡ଼ରେ ୨ ଇଞ୍ଚ ।

---

## ସ୍ଥାନୀୟ ସମ୍ବାଦ ।

ଏ ସପ୍ତାହ ଆରମ୍ଭରୁ ତା ୪ ର ପର୍ଯ୍ୟନ୍ତ ପ୍ରତିଦିନ ବର୍ଷା ଓ ତହିଁ ମଧ୍ୟରେ ଗତ ମଙ୍ଗଳବାର ରାତ୍ରର ରୁଦ୍ଧବାର ବର୍ଷା-ପାଏ ଉଚ୍ଚ ପବନସହିତ ଅନବରତ ଜଳଧାର ପଡ଼ୁଥିଲା । ନଦୀମାନ ଘୋଲିଆ ହୋଇଅଛି ଓ କେତେ ଘର ଭାଙ୍ଗି ପଡ଼ିଅଛି । ସେହିଦିନ ଏ ନଗରରେ ୪୧ ସୁଦ୍ଧରେ ୩ ଓ ବାଲେଶ୍ୱରରେ ୨ ଇଞ୍ଚ ଜଳ ପଡ଼ିଥିଲା, ମହାନଦୀ କାଠଯୋଡ଼ିର ନଦୀ ବଢ଼ିଅଛି, ତାଠାରେ ୨° ଫିଟ ଜଳ ଉଠିଥିଲା । ନୂଆ ଓ ଅମଳକୁ ଧାନ ଏ ବର୍ଷାରେ ହେତୁ ସେମାନଙ୍କ ବ୍ୟସ୍ତ କରୁଅଛି ।

Split by PDF Splitter
Digitized by srujanika@gmail.com

୧୯୦୯ ମସିହାର ବଙ୍ଗପ୍ରଦେଶର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସାନିଟରି କମିଶନରଙ୍କ ରିପୋର୍ଟ ପ୍ରତି ଗବର୍ଣ୍ଣମେଣ୍ଟଙ୍କ ନିର୍ଦ୍ଧାରଣୀ ବାହାରିଅଛି । ପ୍ରକାଶ ଯେ ବର୍ଷାକାଳର ବୃଷ୍ଟି ଶୀଘ୍ର ଆରମ୍ଭ ହୋଇ ଉତ୍ତମରୂପେ ଯଥାସମୟାନୁସାରେ ଜଳ ଲାଗିବାରେ ଫସଲ ଭଲ ହୋଇଥିବା ହେତୁ ଲୋକଙ୍କ ସ୍ୱାସ୍ଥ୍ୟ ସାଧାରଣତଃ ଭଲ ଥିଲା । ପୂର୍ବ ପୂର୍ବବର୍ଷ ଅପେକ୍ଷା ବର୍ତ୍ତିତବର୍ଷରେ ଜନ୍ମ ସଂଖ୍ୟା ଅଧିକ ଏବଂ ମୃତ୍ୟୁ ସଂଖ୍ୟା ଊଣା ଥିଲା ଏବଂ ସନ ୧୯୦୪ ଠାରୁ ଏପରି ଫଳ ଅନ୍ୟ କୌଣସି ବର୍ଷ ଘଟି ନ ଥିଲା । ଅତସ୍ଥଳ ଛଡ଼ା ସମସ୍ତ ପ୍ରଦେଶରେ ଜନ୍ମ ସଂଖ୍ୟା ପୂର୍ବବର୍ଷ ୧୮,୨୩,୨୧୬ ସ୍ଥଳେ ଗତବର୍ଷ ୧୯,୦୯,୫୪୬ ଥିଲା । ଲୋକ ୫ ଅବସ୍ଥା ଉନ୍ନତ ହୋଇଥିବା ଏଥିର କାରଣ ଅଟେ । ଓଡ଼ିଶାର ଅବସ୍ଥା ଗତବର୍ଷ ଭଲ ନ ଥିବାରୁ ତାହା ଛଡ଼ା ଅନ୍ୟ ସମସ୍ତ ସ୍ଥାନରେ ଜନ୍ମର ପରିମାଣ ବଢ଼ିଅଛି । ମୃତ୍ୟୁ ସଂଖ୍ୟା ପୂର୍ବବର୍ଷ ୧୯,୪୮,୫୧୩ ସ୍ଥଳେ ଗତବର୍ଷ ୧୫,୪୩,୯୬୧ ହୋଇଥିଲା । ଓଲାଉଠା, ଜ୍ୱର ଓ ଆମାଶୟରୋଗର ଉପଦ୍ରବ ଊଣା ହେବା ହେତୁ ଏ ଫଳ ଘଟିଅଛି । ୧୮୯୯ ମସିହାଠାରୁ ଏ ପର୍ଯ୍ୟନ୍ତ ବାର୍ଷିକ ମୃତ୍ୟୁ ସଂଖ୍ୟା ମଧ୍ୟରେ ଗତବର୍ଷର ସବାପେକ୍ଷା ନ୍ୟୂନ ଅଟେ । ବର୍ଷ ମଧ୍ୟରେ ପାଟନା ସବାପେକ୍ଷା ଅଧିକ ଅସ୍ୱାସ୍ଥ୍ୟକର ସ୍ଥାନ ଥିବାର ଦେଖାଯାଏ । ସେଠାରେ ଜନ୍ମ ସଂଖ୍ୟା ବଢ଼ି ନାହିଁ ଏବଂ ମୃତ୍ୟୁ ସଂଖ୍ୟା ସବାପେକ୍ଷା ଅଧିକ । ଓଡ଼ିଶାରେ ତହିଁ ପୂର୍ବବର୍ଷ ମୃତ୍ୟୁ ସଂଖ୍ୟା ସବାପେକ୍ଷା ଅଧିକ ଥିଲା ମାତ୍ର ଗତବର୍ଷ ସବାପେକ୍ଷା କମ ଥିଲା । ଜନ୍ମ ମୃତ୍ୟୁର ରେଜିଷ୍ଟରୀ ଠିକରୂପେ ରଖାଯାଉ ନ ଥିବା ହେତୁ ମାନ୍ୟବର ଲେପ୍ଟଲାଟ ମହୋଦୟ ଦୁଃଖିତ ହୋଇ ଜିଲ୍ଲା ହାକିମମାନଙ୍କୁ ସାବଧାନ କରି ଦେଇଅଛନ୍ତି । ରେଜିଷ୍ଟରୀ ତଦନ୍ତ କରି ଦେଖାଯାଇଅଛି ଯେ ଜ୍ୱର ରୋଗରେ ଯେତେ ଲୋକଙ୍କର ମୃତ୍ୟୁ ହୋଇଥିବାର ଲେଖାଯାଇଅଛି ପ୍ରାୟ ତହିଁର ଅର୍ଦ୍ଧେକ ଅନ୍ୟ ରୋଗରେ ମରିଅଛନ୍ତି । ଯେତେ ସ୍ଥାନରେ ରେଜିଷ୍ଟରୀ ରଖାଯାଇ ଥିଲା ତହିଁ ମଧ୍ୟରୁ ୬୧ ସ୍ଥାନରେ ଓଲାଉଠା ରୋଗ ଆଦୌ ଦେଖାଯାଇ ନ ଥିଲା ମାତ୍ର ତହିଁ ପୂର୍ବବର୍ଷ କେବଳ ଗୋ ୬ ଟି ସ୍ଥାନ ଛଡ଼ା ଅନ୍ୟ ସମସ୍ତ ସ୍ଥାନରେ ତାହା ପ୍ରବଳ ଥିଲା । ଓଲାଉଠା ମାଡ଼ିବା ସ୍ଥାନମାନଙ୍କରେ କୂଅର ଜଳ ପୋଟାସ ପରମାଙ୍ଗାନେଟ୍‌ଦ୍ୱାରା ପରିଷ୍କାର କରିବାରେ ଭଲ ଫଳ ହୋଇଥିବାର ଜଣାଯାଏ । ୧୯୦୫ ମସିହାରୁ କ୍ରମାଗତ ବସନ୍ତ ରୋଗରେ ଅଧିକ ଲୋକ ମରୁଅଛନ୍ତି ଏବଂ ଗତବର୍ଷ ମଧ୍ୟ ମୃତ୍ୟୁ ସଂଖ୍ୟା ବଢ଼ିଥିଲା । ମାତ୍ର ପିଲାଙ୍କ ମୃତ୍ୟୁ ସଂଖ୍ୟା ପୂର୍ବବର୍ଷ ହେଲା ଊଣା ହେବାଦ୍ୱାରା ଟୀକା ଦେବାର ଫଳ ସୁନ୍ଦର ପ୍ରତିପନ୍ନ ହେଉଅଛି । ପ୍ଲେଗରୋଗର ମୃତ୍ୟୁ ସଂଖ୍ୟା ବର୍ତ୍ତିତ ବର୍ଷରେ ଊଣା ଥିଲା ଏବଂ ୧୯୦୧ ମସିହାଠାରୁ ବାର୍ଷିକ ମୃତ୍ୟୁ ସଂଖ୍ୟା ମଧ୍ୟରେ ଏହା ସବାପେକ୍ଷା ଊଣା ଥିଲା । ପୂର୍ବବର୍ଷ ପ୍ରାୟ ବର୍ତ୍ତିତବର୍ଷରେ ମୁଦ୍ଧା ଗୋ ୧୩ ଜିଲ୍ଲାରେ ପ୍ଲେଗରୋଗ ଦେଖାଯାଇ ନାହିଁ । ପ୍ଲେଗ ଟୀକା କେବଳ ୨୦୪ ଜଣ ନେଇଥିଲେ । ଏ ଟୀକା ନେଇଥିବା ଲୋକଙ୍କର ପ୍ଲେଗ ହୋଇ ନ ଥିଲେ ସୁଦ୍ଧା ଲୋକଙ୍କର ଏଥିରେ ବିଶ୍ୱାସ ନାହିଁ । ରୋଗହେବା ସ୍ଥାନ ଛାଡ଼ିଯିବାରୁ ଲୋକେ ଭଲ ପାଉଅଛନ୍ତି । ବର୍ଣ୍ଣିତ ତେଲ ପାଣିରେ ମିଶାଇ ପରିଷ୍କାର କରିବାଦ୍ୱାରା ରୋଗ ନିବାରଣ କରିବା ଯେମନ୍ତ ବ୍ୟୟସାଧ୍ୟ ସେମନ୍ତ ସାବଧାନତା ସହିତ କରିବା ପ୍ରୟୋଜନୀୟ ମାତ୍ର ମୂଷା ମାରିବା ଦ୍ୱାରା ରୋଗ ନିବାରଣର ଉପାୟ ଅଧିକ ଅଦ୍ଭୁତ ହେବାର ଦେଖାଯାଏ । ବେହାର ଅଞ୍ଚଳର ବିଶେଷତଃ ମୁଙ୍ଗେର ଓ ସାରନରେ ଅନେକ ମୂଷା ମରାଯାଇଥିଲା । ଜ୍ୱର ରୋଗରେ ୧୯୦୮ ମସିହାରେ ୧୧,୮୪,୬୦୪ ମରିଥିବା ସ୍ଥଳେ ବର୍ତ୍ତିତ ବର୍ଷରେ କେବଳ ୧୦,୫୭,୩୭୭ ମରିଥିଲେ । ସଦର ଓ ମଫସଲ ଉଭୟସ୍ଥ ମୃତ୍ୟୁ ସଂଖ୍ୟା ଊଣା ହୋଇଥିଲେହେଁ ସଦର ଅପେକ୍ଷା ମୋଫସଲର ମୃତ୍ୟୁ ସଂଖ୍ୟା ଊଣା ଅଟେ । ଉତ୍ତର ବାଙ୍ଗଡ଼ ପୁରରେ ମେଲେରିଆ ନିବାରଣର ଉପାୟ ଅବଲମ୍ବିତ ହୋଇଥିଲା ଏବଂ ତାହା ସଫଳ ହୋଇଥିବାର ଜଣାଯାଏ । ମେଲେରିଆ ରୋଗ ମାଡ଼ିଥିବା ସ୍ଥାନକୁ ଜ ୧୯ ଣ ସବ୍‌ଆସିଷ୍ଟାଣ୍ଟ ସର୍ଜନ ପଠାଯାଇ ଥିଲେ ଏବଂ ଗତବର୍ଷ ଅପେକ୍ଷା ପ୍ରାୟ ଦ୍ୱିଗୁଣ କୁଇନାଇନ ବିକ୍ରୟ ହୋଇଅଛି । ଆମାଶୟ ରୋଗ ଊଣା ଥିଲା । ଯେଉଁ କାରଣରୁ ଓଲାଉଠା ରୋଗ ପ୍ରବଳ ହୋଇ ନ ଥିଲା ସେହି କାରଣରୁ ଏ ରୋଗ ମଧ୍ୟ ମାଡ଼ି ନ ଥିବାର ଜଣାଯାଏ । ଓଡ଼ିଶା ଏହି ରୋଗରେ କଟେଶ ପୀଡ଼ିତ ହୁଏ ଏବଂ ସେଠାରେ ମୃତ୍ୟୁର ପରିମାଣ ଏତଦ୍ରୋଗଜନିତ ଊଣା ଥିଲା । ସାହାବାଦ୍ ମୃତ୍ୟୁ ପୂର୍ବବର୍ଷ ସଙ୍ଗେ ପ୍ରାୟ ସମାନ । ଡାକ୍ତର ସାହେବମାନେ ୭୦ ହଜାର ପରମାଙ୍ଗନେଟ ଲବେଟ ବଣ୍ଟ ବଣ୍ଟ ଲୋକଙ୍କ ବାଣ୍ଟିଥିଲେ ଏବଂ ଶତକଡ଼ା ୮୫ ସଫଳ ହୋଇଥିଲା । ସାହାବାଦ ଜିଲ୍ଲାର ଏହା ଉତ୍ତମ ଦୃଷ୍ଟାନ୍ତ ଅଟେ । ମିଉନିସିପାଲିଟିମାନ ସ୍ୱାସ୍ଥ୍ୟୋନ୍ନତିକର କାର୍ଯ୍ୟରେ ଅଧିକ ଟଙ୍କା ବ୍ୟୟ କରୁଥିବାର ଦେଖି ମାନ୍ୟବର ଲେପ୍ଟଲାଟ ମହୋଦୟ ସନ୍ତୁଷ୍ଟ ହୋଇଅଛନ୍ତି, ଏବଂ ଗବର୍ଣ୍ଣମେଣ୍ଟଙ୍କ କର୍ତ୍ତୃକ ପ୍ରଦତ୍ତ ହୋଇଥିବା ସାର୍ଦ୍ଧ ଶହେ ଲକ୍ଷ ଟଙ୍କା ଜଳ ଯୋଗାଇବା ବା ନାଳ ନିର୍ମାଣ କାର୍ଯ୍ୟରେ ଲାଗିଅଛି । ସାନିଟରି କମିଶନରଙ୍କ ସହିତ ଐକ୍ୟ ହୋଇ ଗବର୍ଣ୍ଣମେଣ୍ଟ ଆଦେଶ ଦେଇଅଛନ୍ତି ଯେ ସରକାରୀ ସାହାଯ୍ୟ ଟଙ୍କା ଏଣିକି କେବଳ ବଡ଼ ବଡ଼ କାର୍ଯ୍ୟ ମାନଙ୍କରେ ବ୍ୟୟିତ ହେବ । ହାବଡ଼ା ପ୍ରଭୃତି ସ୍ଥାନମାନଙ୍କ ପ୍ରାୟ ପୂର୍ବର ନାଳ ନିର୍ମାଣ କାର୍ଯ୍ୟ ବର୍ଷ ମଧ୍ୟରେ ଶେଷ ନ ହୋଇ ଚାଲୁଥିଲା । ଅବଶେଷରେ ବିଭାଗୀୟ କାର୍ଯ୍ୟର ସଫଳତା ହେତୁ ଲେପ୍ଟଲାଟ ମହୋଦୟ ସେନିଟରି କମିଶନର ଓ ତାଙ୍କ ଅଧୀନସ୍ଥ କର୍ମଚାରୀମାନଙ୍କୁ ଧନ୍ୟବାଦ ଦେଇ ଅଛନ୍ତି ।—ଉପର ଲିଖିତ ବିବରଣରୁ ସ୍ୱାସ୍ଥ୍ୟ ବିଭାଗୀୟ କାର୍ଯ୍ୟ ସୁନ୍ଦରରୂପେ ଚାଲିଥିବାର ଏବଂ ଗବର୍ଣ୍ଣମେଣ୍ଟଙ୍କ ଏଥିପ୍ରତି ଦୃଷ୍ଟି ରହିଥିବାର ଦେଖାଯାଏ । ଅକାଳ ହେତୁ ଦୁର୍ବର୍ଷ ଉପସ୍ଥିତ ହେଲେ ଲୋକ ମୃତ୍ୟୁ ଅଧିକ ଘଟିବା ହେବା ସ୍ୱାଭାବିକ ତଥାପି ସୁପାଳକରେ ସୁଦ୍ଧା ସାଧାରଣ ସ୍ୱାସ୍ଥ୍ୟ ସାଧନର ଉପାୟ ନ ଥିଲେ ଲୋକମାନେ ସ୍ୱାସ୍ଥ୍ୟ କବଳ ପଲ୍ଲୀ ହୋଇ ମରନ୍ତେ । ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟ ଗତ ବର୍ଷ ଉତ୍ତମ ହୋଇଥିବା ହେତୁ ଲୋକେ ଅବଶ୍ୟ କୃତଜ୍ଞ ଅଛନ୍ତି ଏବଂ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ଏବମ୍ଭୂତ ଯତ୍ନ କରୁଥିବା ହେତୁ ଆମ୍ଭେମାନେ ଗବର୍ଣ୍ଣମେଣ୍ଟଙ୍କଠାରେ ଋଣୀ ।

---

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ ।

ସମ୍ବଲପୁର ବଡ଼ଗଡ଼ର ସଦରନ୍ତ ତହସିଲଦାର ବାବୁ କ୍ଷେତ୍ରବାସନାଥ ମିଶ୍ର ତିନି ମାସ ଛୁଟି ପାଇବାରୁ ବାଲେଶ୍ୱରର ସବ୍‌ଡେପୁଟି କଲେକ୍ଟର ବାବୁ ହରେକୃଷ୍ଣ ନାୟକ ନିଯୁକ୍ତ ହେଲେ ।

ଯୋଗେଶ ସବ୍‌ରେଜିଷ୍ଟ୍ରାର ବାବୁ ରଘୁନାଥପ୍ରସାଦ ଶାହା- ସ୍ୱର କେନ୍ଦ୍ରାପଡ଼ାକୁ ବଦଳି ହେଲେ ।

ଜଗତ୍‌ସିଂହପୁରର ଜଏଣ୍ଟ ସବ୍‌ରେଜିଷ୍ଟ୍ରାର ମୌଲବୀ ସୟଦ ଅବଦୁଲ ଗଫୁର ଯୋଗେଶକୁ ବଦଳି ହେଲେ ।

ତିର୍ତ୍ତୋଳର ବାବୁ ଉପେନ୍ଦ୍ରନାଥ ପାଲ ବନ୍ଦୋବସ୍ତରୁ ଜଗତ୍‌ସିଂହପୁରର ଜଏଣ୍ଟ ସବ୍‌ରେଜିଷ୍ଟ୍ରାର ହେଲେ ।

ବାବୁ ସର୍ବେଶ୍ବର ସମ୍ବନ୍ଧିତ ଅନ୍ୟ ଅଦେଶ ପର୍ଯ୍ୟନ୍ତ ଜଗତ୍‌ସିଂହପୁରରେ ସବ୍‌-ରେଜିଷ୍ଟ୍ରାରର କାର୍ଯ୍ୟ କରିବେ।

ସହକାରୀ ଇନ୍‌ସ୍‌ପେକ୍ଟର ସ୍ତି ପି ଏମ ହ୍ୟାରିସନ୍ ସାହେବ ଛୁଟିରୁ ଫେରଆସି ବାଲେଶ୍ବର ଡିଭିଜନରେ ଅବସ୍ଥାପିତ ହେଲେ।

ପୁରୀ ସ୍କୁଲ ସବ୍‌-ଇନସପେକ୍ଟର ବାବୁ ମାଧବଚନ୍ଦ୍ର ଦାସ ଏକମାସ ଛୁଟୀ ନେବାରୁ ପୁରୀ ଟ୍ରେନିଂ ସ୍କୁଲର ହେଡ୍‌ମାଷ୍ଟର ବାବୁ ହରିହର ମିଶ୍ର ସେ କାର୍ଯ୍ୟରେ ନିଯୁକ୍ତ ହେଲେ।

ଗତ ତା ୮ ରଖ ଶେଷହେବା ସପ୍ତାହରେ ଓଡ଼ିଶାର ଚାଉଳ ଦର ଯଥା କଟକରେ ସେ ୧୦।/, ବାଲେଶ୍ବରରେ ସେ ୧୩୮, ଅନୁଗୁଳରେ ସେ ୧୨୩, ପୁରୀରେ ସେ ୧୨।/, ସମ୍ବଲପୁରରେ ସେ ୧୩। ଓ ଗଡ଼ଜାତ ମଧ୍ୟରେ ସର୍ବୋଚ୍ଚ ଦାମରେ ସେ ୨୨ ଓ ସର୍ବନିମ୍ନ ଅଠମଲ୍ଲିକରେ ସେ ୧୦।

ସେହିସପ୍ତାହର ବୃଷ୍ଟିର ପରିମାଣ ଯଥା କଟକ ୧୦.୮୧, ବାଲେଶ୍ବର ୩.୭୭, ଅନୁଗୁଳ ୭.୦୧, ପୁରୀ ୩.୬୧ ଓ ସମ୍ବଲପୁରରେ ୫.୭୦ ଇଞ୍ଚ ଏବଂ ଗଡ଼ଜାତମଧ୍ୟରେ ସର୍ବୋଚ୍ଚ ପାଲଲହଡ଼ାରେ ୫.୭୨ ଓ ସର୍ବନିମ୍ନ ନୟାଗଡ଼ରେ ୦.୩୭ଇଞ୍ଚ

---

## ସ୍ଥାନୀୟ ସମ୍ବାଦ।

ଏଠା କମିଶନର ଶ୍ରୀଯୁକ୍ତ ଯେ, ଏଚ ଇ ଗାଲେଟ ଗତ ଶୁକ୍ରବାର ରାତ୍ରରେ ସମ୍ବଲପୁର ଗମନ କଲେ, ସେଠାରେ ସପ୍ତାହାଧିକ ରହି ଅଫିସ କାର୍ଯ୍ୟ ପରିଦର୍ଶନ କରି ବାଲେଶ୍ବରକୁ ଯିବେ ଓ ଲେଃଗଃ ବାହାଦୁରଙ୍କ ଆଗମନ ଅପେକ୍ଷାରେ ରହିବେ।

ଆଗାମୀ ତା ୨୪ ରଖରେ ଲେଃଗଃ ବାହାଦୁର ବାଲେଶ୍ବର ଆଗମନ କରିବାର ଶୁଣାଯାଏ କିନ୍ତୁ ତାଙ୍କର ଭ୍ରମଣ ପ୍ରୋଗ୍ରାମ ଏ ପର୍ଯ୍ୟନ୍ତ ପ୍ରକାଶିତ ହୋଇ ନାହିଁ।

ଗତ ତା ୧୦ ରିଖରେ ଶିକ୍ଷା ବିଭାଗର ଡାଇରେକ୍ଟର ଶ୍ରୀଯୁକ୍ତ କୁଚଲର ସାହେବ ଏ ନଗରର କଲେଜ ଓ ସ୍କୁଲ ଓ ପାଠଶାଳା ପରିଦର୍ଶନ କରି ତା ୧୧ ରଖ ଗୁରୁବାର ରାତ୍ରରେ କଲିକତା ପ୍ରତ୍ୟାଗମନ କଲେ।

ଏ ସପ୍ତାହରେ ଏ ନଗରରେ ନେତ୍ରପୀଡ଼ା ଲାଗିଥିଲା ପ୍ରାୟ ବର୍ଷା ନାହିଁ। ନଈ ଅନେକ ଛଡ଼ି ଯାଉଅଛି।

ଜ୍ବର ଓ ଝାଡ଼ା ବଢ଼ୁଅଛି ଓ ଆମାଶୟଝାଡ଼ା ଅନେକ ନଗରବାସୀମାନଙ୍କ କଷ୍ଟ ଦେଉଅଛି।

## ବଳରାମପୁର ସମ୍ବାଦ।

ଏଠା କେନେଲର ବାବୁ ରଘୁନାଥ ଆଚାର୍ଯ୍ୟ ଜଣ ମୁଖ୍ୟ କାର୍ଯ୍ୟକର୍ତ୍ତା ରୂପେ ସମସ୍ତ କାଗଜପତ୍ର ଲୁଣ୍ଠନ କରିବାରେ ଜଣା ଏବଂ ଦରବାର କରି ତାହାଙ୍କି ସସ୍‌ପେଣ୍ଡ କରାଯାଇଅଛନ୍ତି। ତାଙ୍କ ସ୍ଥାନରେ କେଉଁଠାରୁ ଅନ୍ୟ ସମୟେ ନିଯୁକ୍ତ ହେବାରେ ସମସ୍ତେ ଦୁଃଖିତ।

ଅନ୍ୟ ବର୍ଷ ଏ ସମୟରୁ ବିଲସବୁ ବେଶ ଭଲ ହୋଇ ନ ଥିଲା ସାଂପ୍ରତ ହେବ ସାମାନ୍ୟ ବର୍ଷା ହେବାରେ ତାହା ହେଉଅଛି ମାତ୍ର ପୁଣି ମେଘ ଛାଡ଼ିଯାଉଅଛି।

ସ୍ଥାନୀୟ ସ୍ବାସ୍ଥ୍ୟ ଏକପ୍ରକାର ଭଲ ଅଛି।

ଏଠାର ପଞ୍ଚାୟତରେ ଶ୍ରୀ ପିଲିପି ଜେମାଙ୍କ ଯତ୍ନରେ ଗୋଟିଏ ପଡ଼ା ମଣ୍ଡପ ନିର୍ମାଣ ହୋଇ ସେଥିରେ ଶ୍ରୀମାନ ଶ୍ରୀ ଚନ୍ଦ୍ରଚୂଡ଼ାଧିପତି ରଜା ବାହାଦୁରଙ୍କ ପ୍ରେରିତ ଶ୍ରୀ ଶ୍ରୀ ରାଧା ମାଧବ ମୂର୍ତ୍ତି ବିଜେକରିବା କଥା ସ୍ଥିର ହୋଇଅଛି। ପୁଣ୍ୟାତ୍ମାମାନଙ୍କର ପୁଣ୍ୟମୟ କାର୍ଯ୍ୟରେ ଈଶ୍ବର ମଙ୍ଗଳ ବିଧାନ କରନ୍ତୁ।

## କେନ୍ଦ୍ରାପଡ଼ା ସମ୍ବାଦ।

ଗତସପ୍ତାହ ମଙ୍ଗଳବାର ଦିନ ଗଣେଶ ଚତୁର୍ଥୀ ଓ ନୂଆ ଖାଇରେ ଅତିବାହିତ ହେଲା। ବୃଷ୍ଟି ଓ ପବନର ବେଗ ଦୃଷ୍ଟିରୁ ବର୍ଷା ସଂଖ୍ୟା ପର୍ଯ୍ୟନ୍ତ ସମାନଭାବେ ଥାଇ ବହୁ ଚାଷୀଙ୍କର ସୁଖ ଧାନମାନଙ୍କରେ ଜଳିବାରୁ ଲୋକେ ଭୟ କରୁଥିଲେ ଏବେ ନିରାପଦ ଅଶ୍ବାସ ଚିହ୍ନ ଦେଖାଯାଉଅଛି। ଆଶାକରି ଚାଷୀମାନଙ୍କ ଉନ୍ନତିର ସମ୍ଭାବନା ଆରମ୍ଭ ହୋଇଅଛି।

ଗତସପ୍ତାହରେ ଅଳ୍ପ ବୃଷ୍ଟି ହେବାରୁ ଓଡ଼ିଶାର କଟକ ଅଟେ ଦ୍ବୀପ ଚାରିଦିଗ ନଷ୍ଟପ୍ରାୟ ଅନେକ ଜିଲ୍ଲାର ଭୂମି ଅଧିକାରୀ ଜଣାଗଲା ବିଭିନ୍ନ ଗ୍ରାମର ଲୋକ ଅଳ୍ପ ବଳି ଉପଦ୍ରବ ଏକମାତ୍ର ପ୍ରାର୍ଥନା।

ଦେଶୀୟ ମ୍ୟୁନିସିପାଲିଟିର ନବପ୍ରବର୍ତ୍ତିତ ମନୋନୟନ ପ୍ରଥମରେ କାର୍ଯ୍ୟାରମ୍ଭ ହୋଇ ଇତିମଧ୍ୟରେ ଭୋଟଦାତାମାନଙ୍କର ( Voters) ତାଲିକା ପ୍ରସ୍ତୁତ ହୋଇସାରିଅଛି। କାର୍ତ୍ତିକ ବେଳକୁ ଓ ତଦୁର୍ଦ୍ଧ୍ବ କରଦାତାମାନଙ୍କ ଭୋଟଦାତା ଶ୍ରେଣୀରେ ଭୁକ୍ତ ହୋଇଅଛନ୍ତି।

ଗତ ମଙ୍ଗଳବାର ରାତ୍ରରେ ଏଠାର ମୁନସଫ ବାବୁଙ୍କ ଘରରେ ଅଗ୍ନି ଲାଗି ଜଳିଯାଇଅଛି। ବଡ଼ ଦୁଃଖର ବିଷୟ ଯେ ସେଥିରେ ଯେତେ ଗୋଟିଏ ଗାଈବାଛୁରୀ ସହିତ ପୋଡ଼ି ମରିଅଛି। ଗୁହାଳ ଧୂଆଁ ଦେଇ ଛାଡ଼ିଦେବାରେ ଏ ଦୁର୍ଘଟନା ଘଟିଅଛି।

ଏ ବର୍ଷ ଫସଲର ଅବସ୍ଥା ଦେଖି ଲୋକେ ଉତ୍କଣ୍ଠିତ ମଧ୍ୟରେ ତାଙ୍କୁ ଧାନ ଛାଡ଼ିବାକୁ ଇଚ୍ଛା କରିଲେ। ତାହାର ଭଲ ଫଳ ସ୍ବରୂପ ଧାନ ଗଛର ବିଶେଷ ମହାର୍ଘ ହେବାର ଅବସ୍ଥା ଉପସ୍ଥିତ ହେଲା।

ବର୍ତ୍ତମାନ ଏଠାରେ ଟଙ୍କାକୁ ୭ ଟ କାଠରେ ମାତ୍ର ଏକ ବାରେ ଦୁର୍ମୂଲ୍ୟ ହୋଇଅଛି ଏବଂ ଅନ୍ୟାନ୍ୟ ପରିମାଣରୁ ଅତ୍ୟନ୍ତ ମହାର୍ଘ ହୋଇଅଛି।

କେଉଁଖିଆ ପ୍ରଗଣାନ୍ତର୍ଗତ ଚନ୍ଦ୍ରପୁର—ମୌଜାରେ ଗ ୧୨।୧୨ ଶ ଦଶ୍ୟୁ ବାରଜଣ ସେହି ଘାଟିରୁ ଟ ୨୦।୨ଙ୍କ ଅଳଙ୍କାର ସେଇରେ ଡାକାୟତି କଲେ ବଳରେ ନିକ୍ଷେପ କରି ନେଇଅଛନ୍ତି। ପୁଲିସ ତଦନ୍ତ କରିଅଛି ଅଦ୍ୟାପି ଡକାୟତ ଧରା ହୋଇନାହିଁ।

## ଯାଜପୁର ସମ୍ବାଦ।

ଅଦ୍ୟପର୍ଯ୍ୟନ୍ତ ଯଥେଷ୍ଟ ଜଳ ବର୍ଷା ହୋଇ ନ ଥିବାରୁ ଜଳାଭାବ ହେତୁ ବେତନ ସ୍ଥାନରେ ବେଉଷଣ କାର୍ଯ୍ୟ ବନ୍ଦ ହୋଇଥିଲା ମାତ୍ର ଏ ସପ୍ତାହର ଜଳ ବର୍ଷାରେ ଉକ୍ତ ଅଭାବ ଦୂର ହୋଇ ପୁନଶ୍ଚ ବେଉଷଣ କାର୍ଯ୍ୟ ଚଳୁଅଛି।

ସୁକପଡ଼ା ମୌଜା ରଘୁନାଥ ଗୋଷା ନାମକ ଏକ ଜଣ ବ୍ୟକ୍ତି ସନ୍ଧ୍ୟାରେ ସ୍ନାନ କରିବା ଅବସ୍ଥାରେ ଯେପରି କମ୍ପରେ ଦ ୫ ଟଙ୍କାବଧି ପ୍ରାପ୍ତ ହୋଇଅଛି। ସେହି ମୌଜା ସନ୍ନିକଟ ନେହଲା ମୌଜାର ଜାନକୀ ଦାସ ନାମକ ଏକ ଶତାୟୁର ଯୁବକ ଏକ ପାଲୁଣୀର ବଳାତ୍କାର ଅଭିଯୋଗରେ ପୁଲିସ ଦ୍ବାରା ଚାଲାଣ ହୋଇ ଅଦ୍ୟାପି ହାଜତରେ ବାସ କରୁଅଛି।

ଏ ବର୍ଷ ସରଗଡ଼ା ପ୍ରଗଣାରେ ଲବଣ ମେଘ ପାତ ଥିବାରୁ ସେ ପ୍ରଗଣାର ଧାନ ଗଛର କେନାଲରେ ଅତି ଶାନ୍ତିପୁରରେ ବଢ଼ିଯାଉଅଛି।

ଖରସ୍ରୋତା ଓ ବୈତରଣୀ ନଦୀ ବୃଦ୍ଧି ହେଉଅଛି।

## ସାଧାରଣ ସମ୍ବାଦ।

କୃଷ୍ଣନଗରଠାରେ ବେଲୁନଯୋଗେ ଅନ୍ତରୀକ୍ଷ ବିହାରସକ୍ତ ଚଟକ ମହେନ୍ଦ୍ର ୫୫୦୦ ଫିଟ ଉପରେ ଆକାଶଯାନ ଚଲାଇଥିଲେ। ଏବେ ଭାରତରେ ଅନ୍ୟ କେହି ବିମାନ ଚଳାଇ ନାହାନ୍ତି।

ଚଳମାସ ପ୍ରଥମ ସପ୍ତାହରେ ସରକାର ଅଫିସ ବିଷୟରେ ପଞ୍ଚ ଦୁଇମାସଠାରୁ ଉନ୍ନତ ହୋଇଥିଲା ଏହା ବୃଦ୍ଧିଲାଭ।

ହାବଡ଼ା ଜେଲଖାନାରେ ଜଣେ ବାବୁ ହାଜତଅସାମୀ ପଳାଇବାର ଏକ ବାହାନାରେ ଅନ୍ୟ ବାହାନାରେ ଡାକ୍ତର ଅସୁସ୍ଥତା କରିଅଛି। ଏହା ନାମରେ ଡକାୟତୀର ଅଭିଯୋଗ ଥିଲା ହୋଇଥିଲା। ଏ ଲୋକଟା ଯହିଁରୁ ମାଇକ୍ରୋସ୍କୋପ ଯେ ଅପରେଶନ ତାହା ମନରେ ସନ୍ଦେହ କରି ପଳାଇବାକୁ ଯାହାଥିବା ଉପକରଣମାନଙ୍କ ନିକଟରେ ପ୍ରକାଶ କରିଥିଲେ ସେ ସାହେବ ଚକ୍ରାନ୍ତ ସେ ସାପର ଡାକ୍ତରି ଅଟେ। ଫଳତଃ ଡକାୟତୀ ଏବଂ ଅସୁସ୍ଥତା ନିମିତ୍ତ ପାପର ମାତ୍ରା ଅଧିକ ହୋଇଗଲା।

ଇଂଲଣ୍ଡର ହାଉସଅଫଲର୍ଡ ନାମକ ଜାହାଜ ଏକ ସ୍ପେନିଶ ଟ ୪୭୦୦୦ଙ୍କା ଅପହରଣ କରିବା ମୋକଦ୍ଦମା ଷ୍ଟେଟସ୍‌ମେନର ସମ୍ବାଦ ଦେଇ, ନବାବ ପିଅର ଚେସ ଅବର୍ଷ ଲେଖାଏଁ ଜାଲିଆତି ପାଇଅଛନ୍ତି।

ମାନ୍ଦ୍ରାଜ ବାଙ୍କରେ ଗତବର୍ଷ ୧୬ ଲକ୍ଷ ହୋଇଥିଲା। ଏହା ପୂର୍ବବର୍ଷର ଶହ ପ୍ରତି ୫୨ ଅଧିକ ଅଟେ। ବାଙ୍କର କର୍ମଚାରୀମାନଙ୍କ ବେତନ ବୃଦ୍ଧି ନିଅଛି।

ଜେନୋଆ ବନ୍ଦରରେ ଗୋଟିଏ ବୃହତ ନିଅଛି। ଏହାର ଅଦ୍ଭୁତ ଅର୍ଦ୍ଧଗୋଲାକାର। ଏହା ପ୍ରଥମ ଶ୍ରେଣୀର ମୁକ୍ତା ପଦ ଚଳେ ମାତ୍ର ଇଞ୍ଚରୁ ବେଶୀ ନାହାଁନ୍ତି। ଏଥିର ମୂଲ୍ୟ ସ୍ଥିର ହୋଇ ନାହିଁ।

କଲିକତାରେ ଜଣେ ବେଶ୍ୟାଠାରୁ ଅନ୍ୟ ଜଣେ ଋଣ କରି ଅଦାୟ କରିପାରୁ ନ ଥିଲା। ସେ ହାବଡ଼ାଠାରୁ ନାଉ କରିବାରୁ ସିଡ଼ାଖନାରେ ଅପରାଧୀ ପାଣ ସଙ୍ଗେ ବିଷ ଦେଇ ଅଞ୍ଜନ କରି ଭୂଲ ଆସିଲେ ଅମୂଲ୍ୟ ପଦାର୍ଥରୁ ସେ ଅଚେତ ହୋଇଅଛି। ମୋକଦ୍ଦମା ବିଚାରାଧୀନ। ଅର୍ଥ ହେତୁ କେତେ ପାପ ଘଟାଉଛନ୍ତି କେତେ ଦୁଃଖପାଉଛନ୍ତି।

ଅଫଗାନିସ୍ଥାନରେ ଅନେକ କୃତ୍ରିମ ମୁଦ୍ରା ପ୍ରଚଳିତ ହେବାର ଦେଖି ସେଠା ଦରବାର ତାହା ନିବାରଣ କରିବା ନିମନ୍ତେ କଠିନ ନିୟମ ଅବଲମ୍ବନ କରିଅଛନ୍ତି। ତିନୋଟି ଜାଗାରୁ ଗୋଟିଏ ନେଲସନ ଦେଶ ମଧ୍ୟରେ ବୋଖାରର ଯାତ୍ରୀମାନଙ୍କ ଠାରୁ ବନ୍ଦରେ ଜୁମ୍ପାଣ କରି ନେଉଥିବାରୁ ଖାଦ୍ୟ ପ୍ରଚୁର ଦ୍ରବ୍ୟ ନେଇ ବାହାରେ ନ ଯିବାର ନିୟମ ହୋଇଅଛି।

ଲଣ୍ଡା ବେଗ ନାମ୍ନୀ ଜର୍ମେନ ସ୍ତ୍ରୀଲୋକ ପଡ଼ୁ ୪୬୦ ଜଣ ସ୍ତ୍ରୀଲୋକର ପତ୍ନୀ ବାଲଜରେ ମୋଟା ହୋଇ ଉଠାଯାଇ ଥିବାର ଧରା ପଡ଼ିଅଛି ଏବଂ ଆସାମୀ ମଧ୍ୟ ଗ୍ରାମ ଗାଡ଼ିରେ ଯାଉଥିବା ସମୟରେ ଧରା ହୋଇଅଛି। ମୋକଦ୍ଦମା ବିଚାରାଧୀନ।

ଖାରକଙ୍ଗର କେତେକ ସ୍ଥାନରେ ବନ୍ୟାହେବା ଫସଲ ନଷ୍ଟ ହୋଇଥିବାର ସମ୍ବାଦ ମିଳିଲା। ଏଥିର ଅଧିକ କ୍ଷତି ହେଲେ ଅନେକ ସ୍ଥାନର ଫସଲ ସନ୍ଦେହ ଜନକ।

---

## ପତ୍ରପ୍ରେରକଙ୍କ ପତ୍ର।

ସମ୍ପାଦକ ମହାଶୟ—ଗତ ସପ୍ତାହରେ ପ୍ରକାଶିତ ପତ୍ର ବିଷୟରେ ସମ୍ପୂର୍ଣ୍ଣ ଭାବେ ଉତ୍ତର ଦେବାକୁ ଉଚିତ ନ ହେଲେ ମଧ୍ୟ ଯୋଗ୍ୟତା ଅନୁଯାୟୀ ଅନୁମାନ କରିବାକୁ ହେବ ନିଷ୍ଟ ଯାହା ନ ଜାଣନ୍ତି ଅନ୍ୟଠାରୁ ବୁଝି ନେଇ ଏହା ସ୍ପଷ୍ଟ କରିବା ମଧ୍ୟ ଯୋଗ୍ୟତା ଅଟେ।

ଶ୍ରୀ ପରମାନନ୍ଦ ମହାପାତ୍ର—ବଲଡ଼ସ ଦ୍ବିତୀୟ ଜନିଦାର ସେହିରୂ ବାହାରେ ଫସଲ ନିମନ୍ତେ ମରୁଅଛି ଏଥି ନ ଯାଇ ମୌଜାର ପ୍ରଜାବର୍ଗ ଯେପରି ବ୍ୟବହାର କରି ଆସୁଅଛନ୍ତି ସେହି ପରି କୈଫିୟତ କାରଣ ପ୍ରଜାବର୍ଗ ଡିସ୍ଟ୍ରିକ୍ଟ ଜଜ ଓ କମିଶନର ସାହେବଙ୍କ ନିକଟରେ ଆବେଦନ କରିଅଛନ୍ତି। ସେମାନେ ଅବଶ୍ୟ ସୁବିଚାର କରିବେ ଓ ତାହାର ପ୍ରତିକାର ବନ୍ଦୋବସ୍ତରେ ସର୍ବସାଧାରଣ ସହ ଉଚିତ ଲେଖା ହୋଇ ପାରେ। ଏ ସମ୍ବନ୍ଧର ଶେଷ ପ୍ରେରଣପତ୍ର ପୂର୍ବେ ପ୍ରକାଶିତ ହୋଇଥିଲା।

Digitized by srujanika@gmail.com

ଶ୍ରୀ ସଂଯମ—ବ୍ରାହ୍ମଣମାନେ ବେଦ ବହିର୍ଭୂତ ଅନ୍ୟର ଛତ୍ର ଖଣ୍ଡ ନ କରୁଥିବାରୁ ସେ ଗୋଟିଏ ପେଟୀ ଦୂରର ଜଣେ ବ୍ରାହ୍ମଣ ଶେଷ ହୋଇ ଅନ୍ତର୍ଯ୍ୟ ହେଉଥିଲା । ବ୍ରାହ୍ମଣମାନେ ସ୍ୱଧର୍ମରତ ବୈଶ୍ୟ ଓ ଶୂଦ୍ର ହେଲେଣି ତଥାପି ସେମାନଙ୍କ ତୁଲ୍ୟ ବହୁ ନ ଦେଶରେ ସୁବିଚାର ଦେଖା ନାହିଁ ।

## ପ୍ରେରିତ ପତ୍ର ।

ପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୁହୁଁ ।

The Editor, Utkal Dipika

reference to the theft case :skar of an attestation camp n near Jajpur referred to by of Jajpur in his letter, -6-10, published in your 2nd July 1910, I shall be uch thankful if "Truth" of kindly publishes the result of ice enquiry said to have been nto the case.

e
o } An Ex—A. S. O.

ଶ୍ରୀ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ

ରାବେନ୍ସା କଲେଜରେ ଅଧ୍ୟୟନ କର- [illegible] ପାଇଁ ମାସିକ ୮ ୨୦ ଟଙ୍କା ଲେଖାଏଁ ବୃତ୍ତି ଶ୍ରୀ ବ୍ରଜମୋହନ ସେନାପତିଙ୍କୁ ଦେବାର ସବ କମିଟି ସ୍ଥିର କରି ଥିବାରୁ ଆପଣଙ୍କୁ ଲେଖୁଅଛି ଯେ ଆପଣ ସାଧାରଣଙ୍କ ଜ୍ଞାତାର୍ଥେ ଉତ୍କଳଦୀପିକାରେ ପ୍ରକାଶ କରିବା ହେବେ । ଉକ୍ତ ବୃତ୍ତି ସନ ୧୯୧୦ ଜାନୁଆରୀ ଠାରୁ ସନ ୧୯୧୪ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଦିଆଯିବାର ସ୍ଥିର ହୋଇଅଛି । ଟଙ୍କା ଅଭାବରୁ ଅନ୍ୟାନ୍ୟ ଶିକ୍ଷା ସମ୍ବନ୍ଧୀୟ ବୃତ୍ତିର ବନ୍ଦୋବସ୍ତ କରାଯାଇ ନାହିଁ । ଅନେକ ପ୍ରକାର ଚେଷ୍ଟା କରାଯାଇ ଆମ୍ଭର ସମ୍ପାଦକୀୟ ସମସ୍ତ ସ୍ଥାନରେ ଶିକ୍ଷାପତ୍ରି ପ୍ରଭୃତି ନିମନ୍ତେ ଯେତେକ ଟଙ୍କା ଆଦାୟ ହୋଇଥିଲା ତହିଁରୁ ସ୍ତମ୍ଭାଳ ଚନ୍ଦ୍ର ପାଲିତ ଓ ସାରଙ୍ଗ ଧର ଦାସଙ୍କୁ ଯେତେ ଟଙ୍କା ଦିଆ ଯାଇଅଛି ତହିଁର ହିସାବ ସହିତ ମୋଟ ହିସାବ ଏଥି ପୂର୍ବେ ଉତ୍କଳଦୀପିକାରେ ପ୍ରକାଶ କରାଯାଇଅଛି । ଅଦ୍ୟ ମଧ୍ୟ ଅନେକ ଅବଶ୍ୟ ଅନେକ ଲୋକ ଆପଣାର ସ୍ୱୀକୃତ ଚାନ୍ଦା ଦେବାରେ କୁଣ୍ଠିତ ହେଉ ଅଛନ୍ତି ଜମା ଦେବାକୁ ଅନିଚ୍ଛୁକ ହେଉ ଅଛନ୍ତି । ଏଥିର କାରଣ ଯେତେଦୂର ଅନୁମାନ ହୁଏ ସମ୍ମିଳନୀର କେତେକ ଉନ୍ନତ ଦର୍ଶ ସମ୍ମିଳନୀର କାର୍ଯ୍ୟରେ ବ୍ୟକ୍ତିଗତ ଭାବ ପ୍ରବେଶ କରାଇ ଚାନ୍ଦାଦାତା ମାନଙ୍କୁ ଗୁପ୍ତ ଭାବରେ ଚାନ୍ଦା ଦେବାପାଇଁ ନିଷେଧ କରୁ ଅଛନ୍ତି ।

ସମ୍ମିଳନୀ କାର୍ଯ୍ୟାଳୟ } ଶ୍ରୀ ଗୋକୁଳାନନ୍ଦ-ଚୌଧୁରୀ
୧୧।୮।୧୦ }
କଟକ } ସମ୍ପାଦକ

ପ୍ରିୟ ମହାଶୟ !

କଟକ ଉଡ଼ିଆ ଗୋରକ୍ଷିଣୀ ସଭାଦ୍ୱାରା ପରିଚାଳିତ ଗୋଶାଳାରେ ବର୍ତ୍ତମାନ ୨୨୫ ଗୋଟି ନାନାଜାତୀୟ ଗୋରୁ ପ୍ରତିପାଳିତ ହେଉଅଛନ୍ତି । ଏହି ଗୋଶାଳାର ସମସ୍ତ ବ୍ୟୟ ଚାନ୍ଦା ଓ ଭିକ୍ଷାଦ୍ୱାରା ଚଳେ ଓ ଏହାର ପରିଚାଳନାର ଭାର ସାଧାରଣଙ୍କ ଦୟା ଓ ବଦାନ୍ୟତା ଉପରେ ସମ୍ପୂର୍ଣ୍ଣରୂପେ ନିର୍ଭର କରେ । କାଠଯୋଡ଼ି ନଦୀ ବଢ଼ିଦ୍ୱାରା ବର୍ତ୍ତମାନ ଉକ୍ତ ଗୋଶାଳାରେ ବଢ଼ି-ପାଣି ପଶିବାଦ୍ୱାରା ସମସ୍ତ କଟାଘାସ ସଡ଼ିତ ଗଳି-ପଡ଼ିଅଛି ଓ ଗୋରୁଗୁଡ଼ିକ ବର୍ତ୍ତମାନ ଖାଦ୍ୟ ବଞ୍ଚିତ ହୋଇଅଛନ୍ତି । ସେମାନଙ୍କ ନିମନ୍ତେ ଯେଉଁ ଦାନା ଓ ତୃଣାଦି ସଂଗୃହୀତ ହୋଇଥିଲା ତାହା ସମସ୍ତ ଭାସିଯାଇଅଛି । ବର୍ତ୍ତମାନ ଉକ୍ତ ପ୍ରାଣିମାନଙ୍କୁ ଖାଦ୍ୟ ଦେବାପାଇଁ ଓ ସେମାନଙ୍କ ନିମନ୍ତେ ଆହାର ସଂଗ୍ରହ କରିବାଲାଗି ଆମ୍ଭେମାନେ ବିଶେଷ ଚିନ୍ତାକୁଳିତ ହୋଇଅଛୁଁ । ଗୋରୁମାନେ ଗୋଶାଳା ନିକଟସ୍ଥ ସଡ଼କରେ ଓ ପଡ଼ିଆରେ ବନ୍ଧା ହୋଇ ଖରା ବର୍ଷା ସହ୍ୟ କରୁଅଛନ୍ତି । ଏହି ବିପତ୍ତି ସମୟରେ ଆମ୍ଭେମାନେ ସର୍ବସାଧାରଣଙ୍କ ନିକଟରେ ଭିକ୍ଷାପାତ୍ର ହସ୍ତରେ ଉପସ୍ଥିତ ହେଉ-ଅଛୁ—କେହି ଦୟା ପରବଶ ହୋଇ ଗୋଶାଳାରେ ଉପସ୍ଥିତ ହେଲେ ଗୋରୁମାନଙ୍କର ଦଶା ଉପଲବ୍ଧି କରିପାରିବେ । ଗୃହସ୍ଥଙ୍କ ନିଜହୁଅ ଦେଇ ସୁଜବାର ତିଆରି କରିବାକୁ ଅନ୍ୟୂନ ସାତହଜାର ଟଙ୍କା ବ୍ୟୟ ହେବ । ବଦାନ୍ୟ ସାଧାରଣ ଆମ୍ଭମାନଙ୍କ ପ୍ରାର୍ଥନା ଶୁଣି ଯଥାଶକ୍ତି ସାହାଯ୍ୟ କଲେ ନିଶ୍ଚୟ ଜୀବଗୁଡ଼ିକ ଖାଦ୍ୟ ପାଇବେ—ଆପଣଙ୍କ ପତ୍ରିକା ସାହାଯ୍ୟରେ ଉତ୍କଳର ବଦାନ୍ୟ ସାଧାରଣଙ୍କ ନିକଟରେ କୃପାଭିକ୍ଷା କରୁଅଛୁଁ ।

କଟକ } ବଶମ୍ବଦ
} ଗୋପାଳଚନ୍ଦ୍ର ପ୍ରହରାଜ
୮।୮।୧୦ } ସେକ୍ରେଟେରୀ ଗୋରକ୍ଷିଣୀ ସଭା

ମହାଶୟ !

କାର୍ଯ୍ୟକାରିତା ମନୁଷ୍ୟତାର ପରିଚାୟକ । ମନୁଷ୍ୟ ହୋଇ ପରିଗଣିତ ହେବାକୁ ହେଲେ ସର୍ବାଗ୍ରେ ନିଜର କର୍ତ୍ତବ୍ୟକୁ ବଜାୟ ରଖିବା ନିମନ୍ତେ ସର୍ବଦା ଯତ୍ନବାନ୍ ହେବା ଉଚିତ । ଯେ ନିଜର କର୍ତ୍ତବ୍ୟ ବୁଝିବାକୁ ଅକ୍ଷମ, ଯାହାର ହୃଦୟର ଦୃଢ଼ତା ନାହିଁ ସେ ବ୍ୟକ୍ତିକୁ ପଶୁଠାରୁ ଅ-ଧମ ବୋଇଲେ ଅତ୍ୟୁକ୍ତି ହେବ ନାହିଁ ।

ଅଧୁନାତନ ଉତ୍କଳରେ ଏହିଭଳି ପଶୁର ସଂଖ୍ୟା ବହୁଳ ପରିମାଣରେ ଲକ୍ଷିତ ହୁଏ । ଏଠାରେ ଯେତେ ଯେତେ ସଦନୁଷ୍ଠାନମାନ ହେଲାଣି ତହିଁର ଉତ୍ପତ୍ତି ଓ ଲୟ ଏହି କାର୍ଯ୍ୟର ସାର୍ଥକତା, ସମ୍ପାଦନ କରନ୍ତି । ଉତ୍କଳରେ ଯେତେ କର୍ତ୍ତବ୍ୟନିଷ୍ଠ ପୁରୁଷ ଥାଆନ୍ତେ ତାହାହେଲେ ଆଜି ଉତ୍କଳର ଏ ଦୁରବସ୍ଥା ହୁଅନ୍ତା ନାହିଁ ।

ମାନବର କାର୍ଯ୍ୟାବଳୀ ପ୍ରକୃତି ଓ ଉଚ୍ଚତାର ପରିଚାୟକ । କାର୍ଯ୍ୟ ମାନବର ଅନ୍ତର୍ନିହିତ ପ୍ରକୃତିର ଅନୁରୂପ ପ୍ରକଟିତ । ସେ ଯେଉଁ ଭଳି ପ୍ରକୃତିର ଲୋକ ସେ ଅତି ପ୍ରଚ୍ଛନ୍ନଭାବରେ ରହିଲେହେଁ ତାହାର କାର୍ଯ୍ୟାବଳୀ ତାହାକୁ ଲୋକରେ ପ୍ରକାଶ କରେ । ଉତ୍କଳଗୌରବସ୍ତମ୍ଭ ଉତ୍କଳ-ସମ୍ମିଳନୀର ଅକାଳ ମୃତ୍ୟୁ ଆମ୍ଭମାନଙ୍କର ହୀନତା ଓ ଅସଦ୍ଭାବର ପରିଚାୟକ ନୁହେ କି ?

ଶିକ୍ଷା ସଙ୍ଗେ ସଙ୍ଗେ ମାନବର ବୃତ୍ତି-ବୃତ୍ତି ମାର୍ଜିତ ଓ ପରିଶୁଦ୍ଧ ହୁଏ । ନୀଚତା, ସ୍ୱାର୍ଥପରତା, ପର-ଛିଦ୍ରାନ୍ୱେଷିତା ଓ ଅଳସତା ପ୍ରଭୃତି କୁପ୍ରବୃତ୍ତିସବୁ ହୃଦୟରୁ ଦୂରୀଭୂତ ହୋଇ ଉଦାରତା, ପରୋପ-କାରିତା, ଦେଶହିତୈଷିତା ଓ ଏକତା ପ୍ରଭୃତି ସଦ୍ଗୁଣ ନିଚୟ ସ୍ୱତଃ ଉଦ୍ଭୂତ ହୋଇଥାଏ ମାତ୍ର ଦୁଃଖର ବିଷୟ ଉତ୍କଳରେ ଏହାର ବୈପରୀତ୍ୟ ଲକ୍ଷିତ ହେଉଅଛି । ଶିକ୍ଷିତଙ୍କର ଆଦର୍ଶ ଅଶିକ୍ଷିତ ଗ୍ରହଣ କରି ମନୁଷ୍ୟତା ପ୍ରାପ୍ତ ହୁଅନ୍ତି, ମାତ୍ର ଯେବେ ମନୁଷ୍ୟ ଶିକ୍ଷିତ ହୋଇ ଅଶିକ୍ଷିତଙ୍କ ଠାରୁ ବଳି ବାଡ଼ିଯାଆନ୍ତି, ନାମମାତ୍ର ନାମକୁ ହୁଅନ୍ତି ତେବେ ଶିକ୍ଷିତ ଓ ଅଶିକ୍ଷିତରେ ଅଉ କି [illegible] । ଅଧୁନା ଉତ୍କଳରେ ଭାଇ ଭାଇ ମଧ୍ୟରେ ଯେଉଁ ସଂଘର୍ଷ ଚାଲିଅଛି ତାହା ଅସଦ୍ଭାବର ପରିଚାୟକ ନୁହେ କି ? ଦୁଇ ହସ୍ତରେ ତାଳି ବାଜେ । ଓଡ଼ିଆ ଓ ଓଡ଼ିଶାର ଅନ୍ୟାନ୍ୟ ଅଧିବାସୀଙ୍କ ମଧ୍ୟରେ ଅଧୁନା ଯେପରି ମନୋମାଳିନ୍ୟ ଘଟିଅଛି ତହିଁରୁ ସ୍ପଷ୍ଟ ଅନୁମିତ ହୁଏ ଯେ ଭବିଷ୍ୟତରେ ଉତ୍କଳରେ ଆଉ କୌଣସି ସଦନୁଷ୍ଠାନ ହେବ ସମ୍ଭବପର ନୁହେ । "ଜନ୍ମର ପରର ନ ସୁଣ ବାହୁନନ୍ତ ମୂଳରୁ ଯାତାତ ପାହାଡ଼" । ପ୍ରିୟ ପାଠକେ ! ଉତ୍କଳର ମୁଖୋଜ୍ଜ୍ୱଳ କରିବା ଯେବେ ଏକାନ୍ତ ବାଞ୍ଛନୀୟ ଅଛି ତାହା ! ଓଡ଼ିଆ, ବଙ୍ଗାଳି ଓ ମୁସଲମାନ ସକଳ ବିଶ୍ୱାସଘାତ ତ୍ୟାଗକରି ସମସ୍ତେ ମିଳି ମାତୃପୂଜାର ଶୁଭାନୁଷ୍ଠାନରେ ହୃଷ୍ଟଚିତ୍ତରେ ବ୍ରତୀ ହେବା; କାରଣ ଏହା ଉତ୍କଳ ଜନ-ନୀର ସ୍ତନ୍ୟପାନରେ ଆମ୍ଭମାନଙ୍କର ଶରୀର ପରି ପୁଷ୍ଟ ଏଥିରେ ହିନ୍ଦୁଳି ନାହିଁ, ଏଥିର ଅନ୍ୟଥା କଲେ ମାତୃଦ୍ରୋହ ଦୋଷରେ ନିଶ୍ଚୟ ସମସ୍ତେ ଲିପ୍ତ ହେବା । ଜନ୍ମଭୂମିର ଉନ୍ନତି ସାଧନହିଁ ପ୍ରତ୍ୟେକ ଦେଶବାସୀର କର୍ତ୍ତବ୍ୟ ସୁତରାଂ ଆସ ଭାଇ ! ସମସ୍ତେ ମିଳି ଅନ୍ତ ଆନନ୍ଦରେ ସମସ୍ୱରେ ଗାଅ "ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ" । ଇତି ।

କଟକ } ବଶମ୍ବଦ
୭।୮।୧୯୧୦ } ଶ୍ରୀ ଶ୍ୟାମସୁନ୍ଦର ସାହୁ ।

Split by PDF Splitter
Digitized by srujanika@gmail.com

ନୂତନ ପୁସ୍ତକ !!  ନୂତନ ନାଟକ !!

# “ବାଲୁକାପିଣ୍ଡ” ।

ପରମ ଉପାଦେୟ ବାଳିକା ବରଣର ଉପା-ଖ୍ୟାନ ସତୀ ଚିନ୍ତାମଣି ୮ ସୀତାଦେବୀ କର୍ତ୍ତୃକ ପ୍ରଣୋଦିତ ବାଲିପିଣ୍ଡଦାନ ଘଟଣାଟିକୁ ଅବଲମ୍ବନ କରି ନାଟକାକାରରେ ସୁଲଳିତ ଗୀତସହ ଲିଖିତ ହୋଇଅଛି । ଏ ପୁସ୍ତକ ଯେ ବହୁଜନପ୍ରଶଂସିତ ତାହା ନିମ୍ନରେ କେତୋଟି ପତ୍ରର ଉଦ୍ଧରାଂଶରୁ ଜଣାଯିବ, ଯଥା—

ଶ୍ରୀଯୁତ ଢେଙ୍କାନାଳାଧୀଶ୍ୱର— * *
I may say that on the whole I have been pleased with it * *

ଶ୍ରୀଯୁତ ମୟୂରଭଞ୍ଜାଧୀଶ୍ୱର— * *
It is written quite of the pace of a rising author, destined to leave his mark in the field of *Una* literature * *

ଶ୍ରୀଯୁତ ଅଷ୍ଟଦୁର୍ଗାଧୀଶ୍ୱର— * *
ଏହିପରି ଅଧିକ ନାଟକ ରଚନା କରି ଉତ୍କଳ ଭାଷାର ଶ୍ରୀବୃଦ୍ଧି ସାଧନ କରନ୍ତୁ ।

ବାମଣ୍ଡାର ସୁନାମଧନ୍ୟ ଜମିଦାର
ଶ୍ରୀ ବଳଭଦ୍ର ଦେବ ବର୍ଜ୍ଜୁଅର ; **
ଆପଣଙ୍କ ଭାଷା ସୁଲଳିତ ଓ ସରଳ ଏଣୁ ବଡ ମନୋମୁଗ୍ଧକର ହୋଇଅଛି । ପୁଣ୍ୟ ଶ୍ଳୋକ ବାଲ୍ମି-କୀଙ୍କ ଛାୟା ଅବଲମ୍ବନରେ ଆପଣ ଯେଉଁ ସୁନ୍ଦର ନାଟକ ନିର୍ମାଣ କରିଅଛନ୍ତି ମୁଁ ଏଥି ନିମନ୍ତେ ଧନ୍ୟବାଦ ଦେଉଅଛି ।

ଶ୍ରୀଯୁତ ଗୋପାଳଚନ୍ଦ୍ର ପ୍ରହରାଜ ବି,ଏଲ **
redict that if you persevere in your attempt, your productions will be valuable additions to the drmatic literature of Orissa

ଶ୍ରୀଯୁତ ଶଶିଭୂଷଣ ରାୟ— * *
ଆପଣଙ୍କ ଏହି ଲେଖା ସର୍ବାପେକ୍ଷା ହୃଦୟଗ୍ରାହୀ ଓ ଅତି ପରିଷ୍କାର ହୋଇଅଛି ।

ଏହା ବ୍ୟତୀତ ପ୍ରଧାନ ସାହିତ୍ୟ ସେବକ ବାବୁ ଶ୍ରୀ ପଦ୍ମଚରଣମୋହନ ସେନାପତି ଓ ବାବୁ ରାମଚାନ୍ଦ ମିଶ୍ର ବି, ଏଲ ପ୍ରମୁଖ ବହୁ ବ୍ୟକ୍ତି ଏ ପୁସ୍ତକ ସମ୍ବନ୍ଧେ ଭୂୟସୀ ପ୍ରଶଂସା କରି ଅଭିମତ ଦେଇଅଛନ୍ତି । ସେମାନ ବହୁତ ଥିବାରୁ ସ୍ଥାନା-ଭାବ ବଶତଃ ଏଠାରେ ସନ୍ନିବେଶ ହୋଇ ନ ପାରିଲା ।

୬୦ ପୃଷ୍ଠା ବିଶିଷ୍ଟ ଏହି ପୁସ୍ତକର ମୂଲ୍ୟ ୵ ୫୦ ୷ ମାତ୍ର । ଏ ପୁସ୍ତକ ସଙ୍ଗେ ଯେଉଁମାନେ ୯ ୦ ୷ ମୂଲ୍ୟର ଅଭିନବ ରଙ୍ଗ ଚତୁରଧ୍ୟାୟଯୁକ୍ତ ସର୍ବଜନ ପ୍ରଶଂସିତ ନବନ୍ୟା ପୁସ୍ତକ “ଦମାନ୍ତ ମହାଶାଧ” କ୍ରୟ କରିବେ ସେମାନଙ୍କୁ ଆଗାମୀ ଅଗଷ୍ଟ ଶେଷ ସୁଦ୍ଧା ଉଭୟ ପୁସ୍ତକ ଡାକ ମାସୁଲ ବାଦ୍ ୮ ୦ । ୬ ମୂଲ୍ୟରେ ଦିଆ-ଯିବ । ନିମ୍ନ ସ୍ୱାକ୍ଷରକାରୀଙ୍କଠାରେ ପ୍ରାପ୍ତବ୍ୟ ।

*Chandra Sakhar Pany*
*Examiner of Accounts*
*Dhenkanal, Orissa*

25-5-10

# NOTICE.

## SAVE YOUR EYE SIGHT.



"D" shaped Eye preservers

fitted with best tinted optical flat glass in nickle frame from Rs 5 - to Rs 8-8
" " with 2nd quality glass " 3-8

**PEBBLES.**

Pebble spectacles in metal frame " 4-8
" " Best quality in nickle from Rs 5-8 to " 10
" " Rolled Gold Rs 10 to " 15

*ASTIGMATIC LENSE*

prices on application

Do not use cheap spectacles

The Eye is the most delicate ORGAN AND MUST HAVE THE BEST.

## WILLIAM PIRES,

Registered optician
of the British Optical Association
OF
**LONDON.**

*1910 PATTERN.*



Complete with tools, gas-lamp, bell.

| | | |
|---|---|---|
| Fitted with Continental tyre | Rs | 80 |
| " " Dunlop ... | " | 85 |
| " " French Red ... | " | 95 |

discount 5°/o for Cash
Credit to approved customes

———0———

Carriage Rubber Tyres I can new rubber tyre carriages at 25 °\o cheaper than Calcutta charges and also a saving of Rail charges.

WILLIAM PIRES.
Opposite Union Club, Mission Road,
**CUTTACK.**

ନିମ୍ନଲିଖିତ ଠିକଣାରେ ବାଇସେକଲ, ଚଷମା ଏବଂ ବଗିଗାଡ଼ିର ଭଡ଼ ସନ୍ଧାନ ଖବର ପାଆ ଯାଏ ।

ଉଇଲିୟମ ପାଇରସ
ମିସନ ରୋଡ଼
କଟକ

# NOTICE

Wanted a passed Civil Hospital Assistant for the post of Sub Inspector of Vaccination and a compounder for the dispensary on Rs 25 and Rs 10 per mensem respectively with free quarters. The Vaccination Sub Inspector will get travelling allowances at the rate admissible by Civil Service Regulations. The applications with testimonials will be received by the undersigned up to 8th September next.

Raj Office
Baramba
13—8—1910

Bhagawan Mahapatra
Dewan

# NOTICE

A large commodious house with ample grounds (area about one acre) called the Ghumsar Kotha belonging at present to the Chaudhuries of Bhingarpur and formerly partly to the Tributary Raja of Keonjhor situated on Revenue and rent free land immediately on the Baradanda (i.e. the great Jaggannath Car road at Puri) with the temple of Jaggannath directly in sight, will be sold by public auction on the 6th of September next at 2 P.M. at the said house. The house is fit for the residence of Rajas, Ranies and other noble men and ladies desireous of living permanently or occasionally at Puri or for the Establishment of such charitable institutions as pilgrim rest houses, annachhatras, pilgrim hospitals &c. &c. The great Rath Jatra (i.e. the Jaggannath Car festival procession) passes along the front of the house.

The house was put up to sale in accordance with previous advertisement on the 15 March last but as all the bidders could not attend on that date, the bids were not accepted by the District Judge. The bid this time will be held for 3 days continuously if necessary from the 6th Sept. 1910. The District Judge is expected to be present at Puri on the occasion.

Other particulars may be had on application to the undersigned.

Cuttack,
28-7-10

H. N. Ray,
Common Manager
Bhingarpur Ch's. Estate
under the District. Judge
Cuttack.
Postal address
Hemendra Nath Ray
Common manager
Cuttack

Digitized by srujanika@gmail.com
Split by PDF Splitter

Split by PDF Splitter




ନୂତନ ପୁସ୍ତକ !!    ନୂତନ ନାଟକ !!

## "ବାଳୁକାପିଣ୍ଡ" ।

ପରମ ଉପାଦେୟ ବାଳିକା ଭରତର ସମ୍ପ୍ରଣୀତ ସତୀ ଚିନ୍ତାମଣି ୯ ସୀତାଦେବୀ କର୍ତ୍ତୃକ ଶ୍ରୀରାମଚନ୍ଦ୍ରଙ୍କ ବାଲିପିଣ୍ଡଦାନ ଘଟଣାଟିକୁ ଅବଲମ୍ବନ କରି ନାଟକାକାରରେ ପୁସ୍ତକ ଗୀତସହ ଲିଖିତ ହୋଇଅଛି । ଏ ପୁସ୍ତକ ଯେ ବହୁଜନପ୍ରଶଂସିତ ତାହା ନିମ୍ନରେ କେତୋଟି ପତ୍ରର ଉଦ୍ଧୃତାଂଶରୁ ଜଣାଯିବ, ଯଥା—

ଶ୍ରୀଯୁତ ଢେଙ୍କାନାଳାଧୀଶ୍ୱର— * *
I may say that on the whole I have been pleased with it * *

ଶ୍ରୀଯୁତ ମୟୂରଭଞ୍ଜାଧୀଶ୍ୱର— * *
It is written quite of the pace of a rising author, destined to leave his mark in the field of *Uria* literature * *

ଶ୍ରୀଯୁତ ଅଷ୍ଟଦୁର୍ଗାଧୀଶ୍ୱର— * *
ଏହିପରି ଅଧିକ ନାଟକ ରଚନା କରି ଉତ୍କଳ ଭାଷାର ଶ୍ରୀବୃଦ୍ଧି ସାଧନ କରନ୍ତୁ ।

ବାମଣ୍ଡାର ସ୍ୱନାମଧନ୍ୟ [illegible]
ଶ୍ରୀ ବଳଭଦ୍ର ଦେବ ବଡ଼କୁଅର **
ଆପଣଙ୍କ ଭାଷା ସୁଲଳିତ ଓ ସରଳ ଏଣୁ ବଡ଼ ମନୋମୁଗ୍ଧକର ହୋଇଅଛି । ପୁଣ୍ୟଶ୍ଳୋକ ବାଲ୍ମିକୀଙ୍କ ଛାୟା ଅବଲମ୍ବନରେ ଆପଣ ଯେଉଁ ସୁନ୍ଦର ନାଟକ ପ୍ରଣୟନ କରିଅଛନ୍ତି ମୁଁ ଏଥି ନିମନ୍ତେ ଧନ୍ୟବାଦ ଦେଉଅଛି ।

ଶ୍ରୀଯୁତ ଗୋପାଳଚନ୍ଦ୍ର ପ୍ରହରାଜ ବି,ଏଲ **
redict that if you persevere in your attempt, your productions will be valuable additions to the drmatic literature of Orissa

ଶ୍ରୀଯୁତ ଶଶିଭୂଷଣ ରାୟ— * *
ଆପଣଙ୍କ ଏହି ଲେଖା ସର୍ବାପେକ୍ଷା ହୃଦୟଗ୍ରାହୀ ଓ ଅତି ସରସ ହୋଇଅଛି ।

ଏହା ବ୍ୟତୀତ ପ୍ରଧାନ ସାହିତ୍ୟସେବକ ବାବୁ ଶ୍ରୀ ଫକୀରମୋହନ ସେନାପତି ଓ ବାବୁ ରାମଲାଲ ମିଶ୍ର ବି, ଏଲ ପ୍ରମୁଖ ବହୁ ବ୍ୟକ୍ତି ଏ ପୁସ୍ତକ ସମ୍ବନ୍ଧେ ଭୂୟସୀ ପ୍ରଶଂସା କରି ଅଭିମତ ଦେଇଅଛନ୍ତି । ସେମାନ ବହୁତ ଥିବାରୁ ସ୍ଥାନାଭାବ ବଶତଃ ଏଠାରେ ସନ୍ନିବେଶ ହୋଇ ନ ପାରିଲା ।

୬୦ ପୃଷ୍ଠା ବିଶିଷ୍ଟ ଏହି ପୁସ୍ତକର ମୂଲ୍ୟ ୵୦ ମାତ୍ର । ଏ ପୁସ୍ତକ ସଙ୍ଗେ ଯେଉଁମାନେ ୮ ୦ ୵ ମୂଲ୍ୟର ଅଶୀବ ରଙ୍ଗ ଉପାଧ୍ୟାୟଙ୍କ ସର୍ବଜନ ପ୍ରଶଂସିତ ନବନ୍ୟାସ ପୁସ୍ତକ "ତମାଳ ମଞ୍ଜରୀ" କ୍ରୟ କରିବେ ସେମାନଙ୍କୁ ଆଗାମୀ ଅଗଷ୍ଟ ଶେଷ ପର୍ଯ୍ୟନ୍ତ ଉଭୟ ପୁସ୍ତକ ଡାକମାସୁଲ ବାଦ୍ ୮ ୦ । ୬ ମୂଲ୍ୟରେ ଦିଆଯିବ । ନିମ୍ନ ସ୍ୱାକ୍ଷରକାରୀଙ୍କଠାରେ ପ୍ରାପ୍ତବ୍ୟ ।

25-5-10    *Chandra Sakhar Pany*
*Examiner of Accounts*
*Dhenkanal, Orissa*



# NOTICE.

## SAVE YOUR EYE SIGHT.



"D" shaped Eye preservers
fitted with best tinted optical flat glass in nickle frame from Rs 5-to Rs 8-8
,, ,, with 2nd quality glass ,, 3-8

## PEBBLES.

Pebble spectacles in metal frame,, 4-8
,, ,, Best quality in nickle from Rs 5-8 to ,, 10
,, ,, Rolled Gold Rs 10 to ,, 15

*ASTIGMATIC LENSE*
prices on application

Do not use cheap spectacles
The Eye is the most delicate ORGAN AND MUST HAVE THE BEST.

# WILLIAM PIRES,

Registered optician
of the British Optical Association
OF
## LONDON.

*1910 PATTERN.*



Complete with tools, gas-lamp, bell.
Fitted with Continental tyre Rs 80
,, ,, Dunlop ... ,, 85
,, ,, French Red ... ,, 95
discount 5°/。 for Cash
Credit to approved customes

Carriage Rubber Tyres I can new rubber tyre carriages at 25 °/。 cheaper than Calcutta charges and also a saving of Rail charges.

WILLIAM PIRES.
Opposite Union Club, Mission Road,
## CUTTACK.

ନିମ୍ନଲିଖିତ ଠିକଣାରେ ବାଇସେକଲ, ଚଷମା ଏବଂ ବଚିତ୍ରୀର ସବୁ ସବାଦେ ଖବର ପାଇ ଯାଏ ।

ଉତ୍କଳ ସାଧାରଣ
ମିଶନ ରୋଡ଼
କଟକ


# NOTICE

Wanted a passed Civil Hospital Assistant for the post of Sub Inspector of Vaccination and a compounder for the dispensary on Rs 25 and Rs 10 per mensem respectively with free quarters. The Vaccination Sub Inspector will get travelling allowances at the rate admissible by Civil Service Regulations. The applications with testimonials will be received by the undersigned up to 8th September next.

Raj Office
Baramba
13-8-1910
Bhagawan Mahapatra
Dewan

# NOTICE

A large commodious house with ample grounds (area about one acre) called the Ghumsar Kotha belonging at present to the Chaudhuries of Bhingarpur and formerly partly to the Tributary Raja of Keonjhor situated on Revenue and rent free land immediately on the Baradanda (i.e. the great Jaggannath Car road at Puri) with the temple of Jaggannath directly in sight, will be sold by public auction on the 6th of September next at 2 P.M. at the said house. The house is fit for the residence of Rajas, Ranies and other noble men and ladies desireous of living permanently or occasionally at Puri or for the Establishment of such charitable institutions as pilgrim rest houses, annachhatras, pilgrim hospitals &c. &c. The great Rath Jatra (i.e. the Jaggannath Car festival procession) passes along the front of the house.

The house was put up to sale in accordance with previous advertisement on the 15 March last but as all the bidders could not attend on that date, the bids were not accepted by the District Judge. The bid this time will be held for 3 days continuously if necessary from the 6th Sept. 1910. The District Judge is expected to be present at Puri on the occasion.

Other particulars may be had on application to the undersigned.

Cuttack,
28-7-10
H. N. Ray,
Common Manager
Bhingarpur Ch's. Estate
under the District. Judge
Cuttack.
Postal address
Hemendra Nath Ray
Common manager
Cuttack

Digitized by srujanika@gmail.com

## NOTICE.

Is hereby given that a public meeting will be held at 4-30 p.m. in the office of the Commissioner of the Orissa Division, on Friday the 26th August, 1910, to form a local Committee for the furtherance of the scheme for a Provincial Memorial of His late Most Gracious Majesty King Edward VII, Emperor of India. L. Birley Esq., I. C. S, the Collector of Cuttack, will preside in the unavoidable absence of the Commissioner, in attendance on His Honour the Lieutenant Governor.

All are invited to attend.

*Cuttack, 16-8-10* | *DAYANIDHI DAS, Personal Assistant to Commissioner.*


## ବିଜ୍ଞାପନ ।

ଟ୍ରାମୱାଓ ଚଳାଇବା ପାଇଁ ଉଚ୍ଚ ବଂଶୀୟ ସ୍ବଚ୍ଛବାସୀ ଯୁବକ ଆବଶ୍ୟକ । ଭଲ ବେତନ ଦିଆଯିବ, ଧୀର ଏବଂ ବୁଦ୍ଧିମାନ୍ ଲୋକଙ୍କର ଉନ୍ନତିରେ ଉନ୍ନତିର ଆଶା ଅଛି । କଲିକତା ଟ୍ରାମୱେ କମ୍ପାନୀ ଲିମିଟେଡର ଟ୍ରାଫିକ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଆବେଦନ କରିବାକୁ ହେବ । ନ ୭ମ ନର ଡ଼ଏଲ୍‌ହଉସି ସ୍କ୍ବାର କଲିକତା


## ଉତ୍କଳ ଦୀପିକା ।

## Record of Rights in Revenue Court.

## II.

As we have noticed before, we fail to understand why the production of the Khewat and the Khatian is insisted on in all cases and what advantage either the Court or the parties will derive by it. We are informed that the total number of rent suits instituted in Cuttack annually vary from six to seven thousand. A very large proportion of these cases are decided exparte. We think the production of the Khatian in cases where there is no contest at all is unnecessary and ought not to be insisted upon. The Court should scrutinise the service of summons on the tenant defendant and if it is satisfied that there is no reason to suspect due service of the summons and the tenant does not come forward to oppose the claim of the land-lord, the decree ought to be passed without further ado.

We will now consider the effect of this order on the parties. A landlord suing for the entire rent due to him will have no difficulty in producing the Khatian which he obtained after the last settlement. Nor will there be any difficulty in a case where the joint landlords sue together through a common agent. But where co-sharer landlord who has obtained only an unauthenticated copy of the Khatian from his co-sharer, and who collects and sues for his share of rent separately comes to court, he will have to obtain certified copies of the Khatian in each case. The question now arises—who is to be made liable for this additional cost. If it is intended that the copy will merely be produced for the inspection of court and immediately returned without being kept on the record as an exhibit, the cost will have to be borne by the landlord. The landlords in Orissa are, with few exceptions, indulgent towards their tenants. They are most reluctant to harass their tenants by suits and the intervention of court is sought only in such cases where the tenant is recusant, where he has abandoned his holding or let out or transferred it to a third party without the consent of his landlord. The reluctance of the landlord is due also to some extent to the fact that he cannot receive all the costs incidental to litigation. This additional irrecoverable cost will stand in the way of his realizing bad arrears. Almost every landlord in Orissa, big or small, is overburdened with a heavy list of arrears each year, due to drought, inundation and other calamities over which he has no control and his distress is keen when he is at his wit's end to save his estate from the hammer. The levy of the additional irrecoverable cost will certainly add to his distress and increase his burden. If it is, on the other hand, intended that the cost of obtaining the copy will be included as a part of the cost of the suit payable by the defendant, it will only lead to tenant's ruination. A tenant who, owing to unforeseen calamities mentioned above, or owing to poverty or want of thrift, has been unable to pay off his dues to his landlord and allowed a heavy arrear to accumulate against him, it can very well be imagined how this additional cost will weigh upon him. The ordinary cost of suit is already too much for him and he throws himself upon his landlord's mercy for the remission of interest or penalty decreed against him. The landlords who grant this concession will be unable to show it in future if they have to pay this additional cost out of their own pocket. The interest of the tenant, which Government is so anxious to protect, will thus be seriously affected by the enforcement of this order. The order, while not helping the court in the better administration of justice, will, as has been pointed out above, add to the difficulties and miseries of both the parties. We therefore earnestly draw the attention of the Government to this notice and from whatever source it may have emanated, we hope, the Government with such a considerate Lieutenant Governor as Sir Edward Baker at its head, will take it seriously into consideration, and after duly weighing the advantages and disadvantages pass such orders as may relieve the parties from additional burden.

---

JAJPUR NEWS— Lately a petition signed by some 700 or 800 rate payers of the Jajpur Municipality was submitted to the District Magistrate at head-quarters moving him to interfere against the arbitrary action of the Municipal authorities of Jajpur bringing into immediate operation in the face of and in contravention of the authority of a clear provision of the land (Sec. 88 of the Municipal Act III of 1884) a revised assessment enhancing their existing rates without due enquiry and with a good deal of other irregularities; and as the District Magistrate happened to be out here on tour, the petitioners collected in large numbers to represent their case personally to him. Strange to say, this upset the equanimity of the S. D. O. chairman so much that he uttered in the presence of many gentlemen —— (we omit the words for the sake of decency).

---

ଝିଙ୍ଗଡ଼ ଚରଣ ଓ ଝଣ୍ଡି ପ୍ରଧାନ ... ଗୋପାଳ ବନଦୁର୍ଗା ପ୍ରଭୃତି ମୌଜାରେ ତା ପଣ୍ଡା ଫେଜାଲର ନ ୧୨ ନମ୍ବର ଖାସାନା ମା ୩ ଦଫା ବଢ଼ାଇବାକାରଣ ସରକାରୀ ବ୍ୟୟରେ ୨୯ ଏକର ଜମି ଖରିଦ ହେବାର ଆବଶ୍ୟକ ହେବାରେ ବଙ୍ଗ ଗବର୍ଣ୍ଣମେଣ୍ଟ ତହିଁର ବିଜ୍ଞାପନ ଗତ କଲିକତା ଗେଜେଟରେ ଦେଇଅଛନ୍ତି ।

---

ଗତ ଶନିବାର ବଙ୍ଗୀୟ ବ୍ୟବସ୍ଥାପକ ସଭାର ଯେଉଁ ଅଧିବେଶନ ହେବାର ଥିଲା ତାହା ଅନିବାର୍ଯ୍ୟ କାରଣଯୋଗେ ଚଳିତ ମାସ ତା ୩୦ ରଖ ପର୍ଯ୍ୟନ୍ତ ବନ୍ଦ ହୋଇଅଛି । ମାନ୍ୟବର ନବାବ ସ୍ବଜା ନବୋବଖ୍ସ କାଳର ଯିବାହେତୁ ଦୀର୍ଘକାଳ ଛୁଟୀ ନେଇଥିବାରୁ ମାତ୍ର ଉକ୍ତମଧ୍ୟରେ ଅର୍ଥାତ୍ ଗତ ସୋମବାର ଏ ନଗରରୁ ପ୍ରତ୍ୟାଗତ ହୋଇଥିବାରୁ ଏ ସଭାରେ ଉପସ୍ଥିତ ହୋଇପାରିବେ ।

---

ଗତ ତା ୭ ରଖରେ ଶେଷହେବା ସପ୍ତାହରେ ଭାରତରେ ପ୍ଲେଗ ରୋଗରେ ୭୯୦ ମୃତ୍ୟୁ ହୋଇଥିଲା ଯେ ତହିଁମଧ୍ୟରେ ବମ୍ବେରେ ୩୦୪ ସର୍ବାପେକ୍ଷା ଅଧିକ ଓ ତହିଁ ତଳେ ଯୁକ୍ତପ୍ରଦେଶରେ ୭୮ ଓ ବଙ୍ଗରେ ୪୯ ମୃତ୍ୟୁ ହୋଇଥିଲା । ଏ ସମସ୍ତ ପ୍ରଦେଶରେ ପୂର୍ବ ସପ୍ତାହଠାରୁ ଅଧିକ ମାତ୍ର ଅନ୍ୟାନ୍ୟ ପ୍ରଦେଶରେ ଊଣା ହେବାଦ୍ବାରା

Digitized by srujanika@gmail.com

ଗତ ସପ୍ତାହର ମୋଟ ମୃତ୍ୟୁ ୭୦୭ ସଙ୍ଗେ ଏ ସପ୍ତାହର ମୃତ୍ୟୁ ପ୍ରାୟ ସମାନ ହୋଇଅଛି ।

---

ଗତ ତା ୧୧ ରିଖରେ ଶେଷହେବା ସପ୍ତାହରେ ମଧ୍ୟପ୍ରଦେଶ, ବମ୍ବେଇ, ଦକ୍ଷିଣ, ଗୁଜରାଟ, ରାଜପୁତାନା, ମହୀଶୂର, ହାଇଦରାବାଦ, ବଙ୍ଗ, କୃଷ୍ଣା ପ୍ରଭୃତିରେ ଭଲ ବର୍ଷା ହୋଇଥିଲା ଓ ତହିଁମଧ୍ୟରେ କୃଷ୍ଣା ଓ ପୂର୍ବ ବଙ୍ଗରେ ବର୍ଷା ଅଧିକ ଥିଲା । କେବଳ ଯୁକ୍ତପ୍ରଦେଶ, ମଧ୍ୟ ଭାରତର ପୂର୍ବାଞ୍ଚଳ, ପଞ୍ଜାବର ଦକ୍ଷିଣାଂଶ ଏବଂ ବେଲୁଚିସ୍ଥାନ ଛଡ଼ା ଭାରତର ଅନ୍ୟ କୌଣସି ଅଂଶରେ ବର୍ଷା କାଳର ମୋଟ ବୃଷ୍ଟି ଏ ପର୍ଯ୍ୟନ୍ତ ଶତକଡ଼ା ୨୦ ରୁ ଊଣା ନ ଥିଲା ।

---

ଜାଣ୍ଡି ଜମକ୍ତେ ଯେ ସମସ୍ତ ଭଙ୍ଗୀ ସନ ୧୯୦୪ ସାଲ ମଇ ମାସ ତା ୨୭ ରିଖ ନ ୩୧୫୮ ମର ବିଜ୍ଞାପନ ଅନୁସାରେ ଡେଃ କମିଶନରଙ୍କ ନିକଟରୁ ପଠାଯାଏ ସେ ସମସ୍ତରେ ଡେଃ କମିଶନରଙ୍କର ସମସ୍ତ କ୍ଷମତା ସମ୍ବଲପୁର ଜିଲ୍ଲା ସଦର ସବଡିଭିଜନ ଭାରପ୍ରାପ୍ତ ଏକ୍ଷ୍ଟ୍ରା ଆସିଷ୍ଟାଣ୍ଟ କମିଶନର ବାବୁ ମନ୍ମଥନାଥ ସେନଙ୍କୁ ବଙ୍ଗୀୟ ଲେଫ୍ଟନାଣ୍ଟ ଗବର୍ଣ୍ଣର ଦେୱାନୀ କାର୍ଯ୍ୟବିଧିର ଧା ୭୦ ର ଅନୁସାରେ ପ୍ରଦାନ କଲେ । ଏଥିର ବିଜ୍ଞାପନ ଗତ କଲିକତା ଗେଜେଟରେ ବାହାରି ଅଛି ।

—— * ——

ବଙ୍ଗଲାର ମାନ୍ୟବର ଲେଫ୍ଟନାଣ୍ଟଗବର୍ଣ୍ଣର ତାହାଙ୍କର ପ୍ରାଇଭେଟ ସେକ୍ରେଟେରୀ ଏଭଙ୍କ ଏବଂ ପ୍ରଧାନ ସେକ୍ରେଟେରୀ ସହିତ ଆସନ୍ତା ରବିବାର ତା ୨୧ ରିଖ ରାତିରେ କଲିକତାରୁ ଯାତ୍ରା କରି ତା ୨୨ ରିଖ ସକାଳେ ସମ୍ବଲପୁରରେ ପହଞ୍ଚିବେ । ତା ୨୩ ରିଖ ରାତିରେ ସେଠାରୁ ପ୍ରସ୍ଥାନ କରି ବୁଧବାର ସକାଳ ଘ ୭।୩୨ ମିନିଟରେ ବାଲେଶ୍ୱରରେ ଉପସ୍ଥିତ ହେବେ । ତା ୨୬ ରିଖ ଶୁକ୍ରବାର ରାତି ଘ ୧୦ ଟାରେ ଯାତ୍ରା କରି ଶନିବାର ସକାଳ ଘ ୭। ଘ। ବେଳେ ହାବଡାରେ ପହଞ୍ଚିବେ । ସମସ୍ତ ଭ୍ରମଣ ଖାସ ରେଲଗାଡ଼ିରେ ହେବ ।

---

ଏହି ଅଗଷ୍ଟ ମାସ ତା ୨୭ ରିଖ ଅପରାହ୍ଣ ଘ ୪।୩୦ ମିନିଟ ସମୟରେ ଓଡ଼ିଶାବିଭାଗର କମିଶନର ସାହେବଙ୍କ କଟେଜରେ ସ୍ୱର୍ଗୀୟ ଭାରତ ସମ୍ରାଟ ଏଡ଼ୱାର୍ଡ ୭ମଙ୍କର ପ୍ରାଦେଶିକ ସ୍ମୃତିରକ୍ଷା ସମ୍ବନ୍ଧରେ ସ୍ଥାନୀୟ କମିଟି ଗଠନାର୍ଥ ଗୋଟିଏ ସଭା ହେବ । ଆଯୁକ୍ତ କମିଶନର ସାହେବ ଗସ୍ତରେ ଯାଉଥିବାରୁ କଟକ କଲେକ୍ଟର ଆଯୁକ୍ତ ବରଲି ସାହେବ ସଭାପତିର କାର୍ଯ୍ୟ ନିର୍ବାହ କରିବେ । ସର୍ବସାଧାରଣଙ୍କୁ ଏ ସଭାରେ ଉପସ୍ଥିତ ହେବାକାରଣ ଆସିଷ୍ଟାଣ୍ଟ କମିଶନର ବାବୁ ଦୟାନିଧି ଦାସଙ୍କ ଅନୁରୋଧକ୍ରମେ ପ୍ରାର୍ଥନା କରୁଅଛୁଁ । ଇଂରାଜୀ ବିଜ୍ଞାପନ ସ୍ଥାନାନ୍ତରରେ ପ୍ରକାଶିତ ହେଲା ।

—※※—

ଗତ ଜୁଲାଇ ମାସରେ ହୋଇଥିବା କଲିକତା ବିଶ୍ୱବିଦ୍ୟାଳୟର ବି, ଏଲ, ପରୀକ୍ଷାର ଫଳ ବାହାରି ଅଛି । ପ୍ରଥମ ବିଭାଗରେ ଇଉନିଭର୍ସିଟି ଲ କଲେଜର ଅବିନାଶଚନ୍ଦ୍ର ଚକ୍ରବର୍ତ୍ତୀ ସର୍ବପ୍ରଥମ ଏବଂ ରିପନ କଲେଜର ପ୍ରକାଶଚନ୍ଦ୍ର ସେନଗୁପ୍ତ ୨ୟ ହୋଇଅଛନ୍ତି । ଏ ଶ୍ରେଣୀରେ ଆଉ କେହି ନାହିଁ । ୨ୟ ବିଭାଗରେ ଜ ୧୪୭ ଣ ପାସ କରିଅଛନ୍ତି ଯେ ସେମାନଙ୍କ ମଧ୍ୟରେ ମେଟ୍ରୋପଲିଟାନ ଇନଷ୍ଟିଚ୍ୟୁଟର ଗୌରହରି ରାୟ ପ୍ରଥମ ହୋଇଅଛି । ସର୍ବସୁଦ୍ଧା ଜ ୧୪୯ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଏଠା ରେଭେନସା କଲେଜରେ ବି, ଏଲ, ଶ୍ରେଣୀ ନ ଥିବାହେତୁ ତାହାର ନାମ ନାହିଁ ।

---

କଲିକତା ବିଶ୍ୱବିଦ୍ୟାଳୟ ବିଜ୍ଞାପନ ଦେଇଅଛନ୍ତି କି ଡେଃ କଲେକ୍ଟରୀ ପଦ ସକାଶେ ବିଶ୍ୱବିଦ୍ୟାଳୟର ସନ ୧୯୧୦ ସାଲର ଉଚ୍ଚ ପରୀକ୍ଷୋତ୍ତୀର୍ଣ୍ଣ ଉପାଧିଧାରୀ ବାଛିବେ ଯେ ସେମାନଙ୍କ ମଧ୍ୟରୁ ଜ ୩ ଣ ଶିକ୍ଷାନବିସ ଡେପୁଟୀ କଲେକ୍ଟର ହେବେ । ଯେଉଁମାନେ ଗତ ମାର୍ଚ୍ଚ ମାସର ବି, ଏ, ଓ ବି, ଏସସି, ପରୀକ୍ଷାରେ ଅନର୍ସରେ ପାସ କରିଅଛନ୍ତି ଏବଂ ଯେଉଁମାନେ ସନ ୧୯୦୯ ସାଲର ଏମ୍, ଏ, ପରୀକ୍ଷା ପାସ କରିଅଛନ୍ତି କେବଳ ସେହିମାନେ ଏହି ମାସ ଆସନ୍ତା ତା ୨୧ ରିଖରେ ଆବେଦନ କରିବେ ।

---

ନ୍ୟୁଜିଲାଣ୍ଡ ନାମକରେ ଶୁଖୁଆ ପ୍ରସ୍ତୁତ କଲାପ୍ରାୟ କେହିବାରେ ନ୍ୟୁଜିଲାଣ୍ଡ ପନିର ପ୍ରସ୍ତୁତ କରିବା ପାଶ୍ଚାତ୍ୟ ଖଣ୍ଡରେ ବିଶେଷ ପ୍ରଚଳିତ ଏବଂ ସେ ଅଞ୍ଚଳର ଲୋକେ ଏଠା ପୁରୁଣା ଶୁଖୁଆ ପ୍ରାୟ ପୁରୁଣା ପନିରକୁ ବିଶେଷ ଆଦର କରନ୍ତି । ସୁଇଜରଲାଣ୍ଡ ଦେଶର ଏକ ପର୍ବତରେ ୧୨୫ ବର୍ଷର ପୁରୁଣା ପନିର ମିଳିବାର ଲେଖାଅଛି ଏବଂ ତାହା ଅତିବ ଉପାଦେୟ ବୋଲି ଲୋକେ ଧସପସ ହୋଇ ନଥନ୍ତି । ଶୁଖୁଆ ନ ଖାଇଲା ଲୋକଙ୍କୁ ଶୁଖୁଆ ଯେମନ୍ତ ଗନ୍ଧାଏ ସେମନ୍ତ ପନିର ମଧ୍ୟ ଗନ୍ଧ କରେ ଏମନ୍ତ କି ପନିର ବାକ୍ସ ଗୋଟିଏ ଘରେ ଖୋଲା ହୋଇଥିଲେ ସେ ଅଞ୍ଚଳରେ ରହିବା କଠିନ ମାତ୍ର ଯେଉଁମାନେ ଖାଆନ୍ତି ତାଙ୍କୁ ସେ ଗନ୍ଧ ବଡ଼ ରମଣୀୟ । ଏକ ସ୍ଥଳରେ ପନିରରେ ପୋକ ହୋଇଯାଇଥାଏ ତଥାପି ତାହା ଫୋପାଡ଼ି ଦେବାର ଦ୍ରବ୍ୟ ନ ଥିବାର ଦେଖା ଯାଉଅଛି ଭକ୍ଷଣ କରନ୍ତି ଲୋକଃ ।

---

ଖଣି ସମ୍ବନ୍ଧୀୟ ଗତ ବର୍ଷର ବାର୍ଷିକ ରିପୋର୍ଟରେ ଦେଖାଯାଏ ଯେ ଶସ୍ୟ ଦୁର୍ମୂଲ୍ୟ ହେବାହେତୁ ଯେମନ୍ତ ଅନ୍ୟାନ୍ୟ ବ୍ୟବସାୟର କ୍ଷତି ହୋଇଥିଲା ସେମନ୍ତ ଖଣିରେ ସ୍ୱେଚ୍ଛା କାର୍ଯ୍ୟ କରିବା ଲୋକଙ୍କ ସଂଖ୍ୟା ଊଣା ଥିଲା । ଗତ ବର୍ଷ ଖଣିରେ ଜ ୧୪୦୭୦୧ ଣ କାର୍ଯ୍ୟ କରିଥିଲେ ଏବଂ ତାହା ପୂର୍ବ ବର୍ଷର ଲୋକସଂଖ୍ୟାଠାରୁ ୨୩ ହଜାର ଅର୍ଥାତ ଶତକଡ଼ା ୧୪ ଊଣା ଥିଲା । କାର୍ଯ୍ୟ କରୁଥିବା ଲୋକଙ୍କମଧ୍ୟରେ ୮୮୮୮୫ ପୁରୁଷ ଓ ୪୭୪୩୭ ସ୍ତ୍ରୀଲୋକ ଅଟନ୍ତି, ଅବଶିଷ୍ଟ ବ ୧୨ ବର୍ଷ ବୟସର ଊଣା ପିଲା ଅଟନ୍ତି । ପୂର୍ବ ବର୍ଷାପେକ୍ଷା ମୃତ୍ୟୁର ଅନୁପାତ କମ ଥିବା ସନ୍ତୋଷଜନକ । ବୈଜ୍ଞାନିକ ପ୍ରଣାଳୀରେ ପୂର୍ବଠାରୁ ଅଧିକ ସାବଧାନତାସହିତ କାର୍ଯ୍ୟ ହେଉଥିଲେହେଁ ତହିଁରେ ଅନେକ ଉନ୍ନତ ହେବାର ବାକିଅଛି ଏବଂ ଠିକନ୍ତୁ କର୍ମଚାରୀମାନେ ଲୋକଙ୍କୁ ରୋଜଗାର ଦେବାରେ ସର୍ବଦା ନିଯୁକ୍ତ ଅଛନ୍ତି ।

---

ବଙ୍ଗପ୍ରଦେଶର ରେଭିନ୍ୟୁବୋର୍ଡ ତା ୧୦ ରିଖର କଲିକତା ଗେଜେଟରେ ବିଜ୍ଞାପନ ଦେଇଅଛନ୍ତି କି ସମ୍ବଲପୁର ଜିଲ୍ଲା ଛଡ଼ା ଓଡ଼ିଶା ବିଭାଗର ଜମିଦାରୀ ସମୂହର ମାଲଗୁଜାରୀ ନିମ୍ନଲିଖିତ କିସ୍ତି ଓ ତାରିଖରେ ଦାଖଲ କରିବାକୁ ହେବ ଯଥାଃ—

ସାମୟିକ ବନ୍ଦୋବସ୍ତ ମାହାଲ ସଦରଜମା ଟ ୧୦୧ଙ୍କାର ଅଧିକ ନ ହେଲେ ଏକ କିସ୍ତିରେ ତା ୮ ରିଖ ନବେମ୍ବରରେ

ଏହିନ ଟ ୧୦୧ ଓ ଟ ୫୦୧ଙ୍କା ମଧ୍ୟରେ ହ ୦।୵ ୮ ତା ୨୮ ରିଖ ଅପ୍ରେଲ ଓ ଟ ୦।୵ ତା ୮ ରିଖ ନବେମ୍ବର

ଏହିନ ଟ ୫୦୧ ରୁ ହ ୧୦୦୧ ଯାଏ ଟ ୦। ତା ୨୮ ରିଖ ଅପ୍ରେଲ ଓ ଟ ୦।୵ ତା ୮ ରିଖ ନବେମ୍ବର

ଏହିନ ଟ ୧୦୦୧ ଙ୍କାର ଅଧିକ ଟ ୦। ଲେଖାଏଁ ଉପରଲିଖିତ ଦୁଇ ତାରିଖରେ

ଚିରସ୍ଥାୟୀ ବନ୍ଦୋବସ୍ତି ମାହାଲ ଟ ୦।୵ ତା ୨୮ ରିଖ ଅପ୍ରେଲ ଏବଂ ଟ ୦।୵ ତା ୮ ରିଖ ନବେମ୍ବର

---

ଫରିଦପୁର ଜିଲ୍ଲା ଅନ୍ତର୍ଗତ ଘେଉଗାଲଗ୍ରାମରେ ଗତ ଶ୍ରାବଣମାସ ଦ ୧୧ ତ ଗୋଟିଏ ବିସ୍ଫୋଟସ ହୋଇ ବାୟୁସ୍ତମାନେ ଭବିଷ୍ୟ ବୋଲି ବଡ଼ ପଣ୍ଡିତମାନଙ୍କ ଭିତ୍ତିରେ ସ୍ଥିର କରୁଅଛନ୍ତି ତହିଁ ଅଲଭଳ ବ୍ରାହ୍ମଣାଦି ଗ୍ରାମର ଅନେକ ବାୟୁସ୍ଥ

ଉପଯୁକ୍ତ ସମ୍ମାନ ଗ୍ରହଣ କଲେ । ସେହି ମାସ ତା ୧୯ ତାରିଖରେ କଲିକତାର ଉପଯୁକ୍ତ ହେତୁରେ ଲିପ୍ତ ବରଣଗନ୍ତ ଦେ ଥଇ, ସି, ଏସ ମହୋଦୟ ଆପଣା ସ୍ୱଦେଶହିତ ବ୍ରତ୍ୟ ପ୍ରସୂତିର ହର ଉପାଧି ଗ୍ରହଣ କରିଥିଲେ । ଏ ମହୋଦୟଙ୍କ କୁଳପ୍ରଥାହେତୁ ଲିପ୍ତ ଷଷ୍ଠିଭୂଷଣ ଘୋଷାଲ ମହାଶୟ ଉପଯୁକ୍ତ କାର୍ଯ୍ୟ ସମାହିତ କରିଥିଲେ । ସେହି ମାସ ତା ୧୮ ତାରିଖରେ ବାଣେଶ୍ୱରଠାରେ ଯେଉଁ ଉପଯୁକ୍ତ ହେତୁ ହୋଇଥିଲା ତହିଁରେ ଜ * ଣ ଛାତ୍ରସ୍ଥ ଉପାଧି ଗ୍ରହଣ କଲେ । ବଙ୍ଗଳାର ଭାଗ୍ୟାକରେ ଉପଯୁକ୍ତ ହେତୁ ହର ଛାତ୍ରମାନେ ଉପାଧି ଗ୍ରହଣ ପୂର୍ବକ ବର୍ଣ୍ଣାଶ୍ରମ ଗ୍ରହଣରେ ଶାସ୍ତ୍ର ମର୍ଯ୍ୟାଦା ରକ୍ଷା କରିବା ଅତୀବ ଆନନ୍ଦର ବିଷୟ ।

---

ରେଲଗାଡ଼ି ଚଳୁଥିବା ସମୟରେ ହେତେ ସ୍ୱତନ୍ତ୍ର ବ୍ୟକ୍ତିଙ୍କ ଛଡ଼ାଏଣ ଓ ଖୁନ ହୋଇ ଯାଇଥିବାରୁ ତହିଁସମ୍ବନ୍ଧେ ଗବର୍ଣ୍ଣମେଣ୍ଟ କ ଉପାୟ କରୁଅଛନ୍ତି ଏ କଥା ମାନ୍ୟବର ଭୂପେନ୍ଦ୍ରନାଥ ବସୁ ମହାଶୟ ବଡ଼ଲାଟଙ୍କ ସଭାରେ ପ୍ରଶ୍ନ କରନ୍ତେ ମାନ୍ୟବର ଜାଇନ୍ସ ସାହେବ ମହାଶୟ ଉତ୍ତର କଲେ ଯେ ଏ ବିଷୟରେ ଗବର୍ଣ୍ଣମେଣ୍ଟ ଅଶେଷ ଚିନ୍ତିତ ଅଛନ୍ତି । ଚଳନ୍ତା ରେଲଗାଡ଼ିର ଦସ୍ୟୁତା ନିବାରଣ କିପ୍ରକାରେ ହେବ ଏ ସମସ୍ୟା ଅଟେ । ସମସ୍ତ ପୃଥିବୀରେ ଏଥିର ଆନ୍ଦୋଳନ ଲାଗିଅଛି ମାତ୍ର ତହିଁର ଯଥାର୍ଥ ପ୍ରତିକାର ଏପର୍ଯ୍ୟନ୍ତ ସ୍ଥିର କରାଯାଇ ପାରିନାହିଁ । ସ୍ତ୍ରୀମାନଙ୍କ ଗାଡ଼ିସଙ୍ଗେ ପୁରୁଷଙ୍କ ଗାଡ଼ିର ସମ୍ପର୍କ ରଖିଲେ ଏକ ଦରରେ ରକ୍ଷାର ଉପାୟ ହେଲେହେଁ ଅନ୍ୟ ଦରରେ ଚୋର ଡକାଏତଙ୍କ ପ୍ରବେଶର ସୁବିଧା ଦିଆଯାଇପାରେ । ତଥାପି ଗବର୍ଣ୍ଣମେଣ୍ଟ ଯେତେଦୂର ପାରନ୍ତି ଏହା ଦମନ କରିବାବିଷୟରେ ଚେଷ୍ଟିତ ଅଛନ୍ତି ଏବଂ ଲୋକେ ତହିଁରେ ଆଶ୍ୱସ୍ତ ରହିପାରନ୍ତି ।

---

ସରକାରୀ ବୃଷ୍ଟି ପରୀକ୍ଷକଙ୍କର ବର୍ଷାକାଳର ଦ୍ୱିତୀୟ ପୂର୍ବାଭାସ ଏହି ମର୍ମରେ ବାହାରିଅଛି କି ସାଧାରଣ ଅବସ୍ଥା ଅନୁକୂଳ ଥିବାର ଦେଖାଯାଉଛି । ଚଳିତ ମାସ ଓ ଆଗାମୀ ସେପ୍ଟେମ୍ବର ମାସରେ ବୃଷ୍ଟିର ଅଭାବ ନ ହେବାର ଲେଖାଅଛି । ଆରବ ସାଗରର ବର୍ଷା ସ୍ରୋତ ଦୁର୍ବଳ ରହିବ ଏବଂ ସମ୍ଭବତଃ ଛତାଶରେ ପ୍ରଚୁର ବୃଷ୍ଟି ହେବ । ପଞ୍ଜାବଅଞ୍ଚଳରେ ଅଧିକ ବର୍ଷା ପଡ଼ୁ ନ ଥିବାରୁ ଉତ୍ତର ପଶ୍ଚିମାଞ୍ଚଳର ବର୍ଷାରେ ମଧ୍ୟ ବିଘ୍ନ ହେବାର ଜଣାଯାଏ । ବଙ୍ଗୋପସାଗରର ବୃଷ୍ଟି ସ୍ରୋତ ମଧ୍ୟ ଦୁର୍ବଳଥିବ, ତଥାପି ବଙ୍ଗଦେଶରେ ବୃଷ୍ଟିର ଅଭାବ ହେବ ନାହିଁ ।- ଏଥିରୁ ପଞ୍ଚବର୍ଷା ପକ୍ଷେ ନିରାଶ ହେବାର କାରଣ ନ ଥିଲେହେଁ ବର୍ତ୍ତମାନର ଅବସ୍ଥା ଦେଖି ମନ ନୀରସ ପଡ଼ୁଅଛି । ଲକ୍ଷ୍ମୀପ୍ରଭୃତି ନାନାସ୍ଥାନରୁ ବନ୍ୟାଯୋଗେ ଫସଲ ହାନିହେବାର ଯେମନ୍ତ ସମ୍ବାଦ ଆସୁଅଛି ଏ ପ୍ରଦେଶରେ ମଧ୍ୟ ବନ୍ୟା ଓ ଅତିବୃଷ୍ଟିଯୋଗେ ଫସଲ ନଷ୍ଟ ହୋଇଅଛି ବିଆଳି ଧାନ ଯେମନ୍ତ ଆଶାପ୍ରଦ ହୋଇଥିଲା ପ୍ରଥମେ କେତେକ ଦିନ ବର୍ଷା ଶୁଖିଯାଇ ଅଗଗୁଣାରୁ ମାରିଦେଲା ଏବଂ ପଛଗୁଣାରୁ ପଞ୍ଚବର୍ଷା ସାରିଦେଲା । ବାଲେଶ୍ୱର ଅଞ୍ଚଳରୁ ବୃଷ୍ଟି ଅଭାବେ ଫସଲ ନଷ୍ଟ ହୋଇଥିବାର ସମ୍ବାଦ ମିଳଇ ।

---

ଆମ୍ଭମାନଙ୍କ ଲେଫ୍ଟେଲାଟ ମହୋଦୟଙ୍କ ନିର୍ଦ୍ଦେଶ ମତେ ବଙ୍ଗଳାର ନେତାମାନେ ଚଳିତ ମାସ ତା ୭ ରଖର ବର୍ଜନ ପର୍ବ ପାଳନ କରିବା ତ୍ୟାଗ କରିଥିବା ଅବଗତ ହୋଇ ଯଥୋଚିତ ଆନନ୍ଦିତ ହୋଇଅଛୁଁ । ମାନ୍ୟବର ମହୋଦୟ ଆପଣା କାର୍ଯ୍ୟ.ବଳୀଦ୍ୱାରା ଲୋକଙ୍କର କୃତଜ୍ଞତା ସଞ୍ଚୟ କରୁଅଛନ୍ତି ଏବଂ ତାହାଙ୍କର ସାଧୁ ଅଭିପ୍ରାୟ ଦେଶର ନେତାମାନେ ବୁଝି ପାରୁଅଛନ୍ତି, ଏହା ସୁଖର ବିଷୟ । ବର୍ଜନ ଘୋଷଣାର ଆଉ ପ୍ରୟୋଜନୀୟ ନ ଥିବାର ଲୋକେ ବୁଝି ଅସ୍ତୁ...ଲେ ଏବଂ ବେଳ... ଗବର୍ଣ୍ଣମେଣ୍ଟ ଆଦେଶ ପ୍ରତ୍ୟାହାର ତହିଁର ସହାୟ କଲେ । ବର୍ତ୍ତମାନ ଦେଶର ଲୋକେ ସ୍ୱଦେଶ ଉନ୍ନତି କରିବା ସ୍ୱଦେଶୀ ଦ୍ରବ୍ୟ ଉତ୍ପନ୍ନ କରିବାରେ ବ୍ରତୀ ହେଲେ ଏବଂ ଗବର୍ଣ୍ଣମେଣ୍ଟ ସୁନୟମରେ ତାହା ଚଳାଇ ନେଲେ ସବୁ ଅଡ଼ୁଆ ଘୁଞ୍ଚି ଯିବ । ବର୍ଜନ ନିୟମର ଯେବେ ମୂଳଉଦ୍ଦେଶ୍ୟ ଦେଶୀୟ ଦ୍ରବ୍ୟ ଉତ୍ପନ୍ନ ଓ ବ୍ୟବହାର ବୃଦ୍ଧି କରିବା ହେବେ ତାହା ମନୋଭାବରେ ଦୃଢ଼ ନିଷ୍ଠାପୂର୍ବକ ସେ ନିୟମ ପାଳିବା ଏକାନ୍ତ କର୍ତ୍ତବ୍ୟ, ମାତ୍ର କାର୍ଯ୍ୟତଃ ଦେଖା ଯାଉଅଛି ଯେ ବ ୭ ଶ ହେଲା ଯେଉଁମାନେ କାଳୀମାତା ଓ ଗଙ୍ଗାଜଳ ନାମରେ ନିୟମ କରିଅଛନ୍ତି ସେମାନଙ୍କ କଥା ବେଶିତ ଥାଉ ଯେଉଁ ଶ୍ରେଷ୍ଠ ବ୍ୟକ୍ତି ବା ନେତାମାନେ ସଭା ସମିତିରେ ନିୟମ କରିଅଛନ୍ତି ସେମାନେ ସୁଦ୍ଧା ଅନାୟାସରେ ଛାଡ଼ ଦିଆଯାଇ ପାରିବା ବିଦେଶୀୟ ଦ୍ରବ୍ୟ ବ୍ୟବହାରରୁ ବିରତ ହୋଇ ନାହାନ୍ତି । ଏମନ୍ତ ସ୍ଥଳେ ପୁନଃ ନିୟମ କରି ତାହା ଭାଙ୍ଗିବାର ପାପ ମୁଣ୍ଡାଇବା ଅତ୍ୟନ୍ତ ଶୋଚନୀୟ । ମାନ୍ୟବର ଲେଟ୍‌ଲାଟ ସେ ପାପରୁ ଲୋକଙ୍କୁ ଉଦ୍ଧାର କରି ଧନ୍ୟବାଦର ପାତ୍ର ହୋଇଅଛନ୍ତି । ଦେଶୀୟ ଦ୍ରବ୍ୟ ବ୍ୟବହାର ବିଷୟରେ ସେ କିଛି କହୁ ନାହାନ୍ତି । ଶିଷ୍ଟ ବ୍ୟକ୍ତିମାନେ ନିଷ୍ଠାପୂର୍ବକ ତାହା କଲେ ଜନସାଧାରଣ ସ୍ୱେଚ୍ଛାରେ ସେମାନଙ୍କର ଅନୁଗାମୀ ହେବେ ।

---

ପୂର୍ବବଙ୍ଗ ଓ ଆସାମର ଗବର୍ଣ୍ଣମେଣ୍ଟଙ୍କ ଦ୍ୱାରା ଆଦିଷ୍ଟହୋଇ ସେ ଅଞ୍ଚଳର ମତ୍ସ୍ୟ ଓ ମାଛ ତଦନ୍ତପୂର୍ବକ ମି: କେ, ସି, କେ ମହାଶୟ ଏକ ବିସ୍ତୃତ ଓ ଉପାଦେୟ ରିପୋର୍ଟ ଲେଖିଅଛନ୍ତି । ମତ୍ସ୍ୟଜୀବୀମାନେ ପ୍ରକୃତ ପରିଶ୍ରମସହକାରେ ମାଛ ଧରୁଥିବା ଜମିଦାର ଓ ବ୍ୟବସାୟୀ ମଧ୍ୟସ୍ଥ ଲୋକଙ୍କ ଜମା ଲଭ୍ୟାଂଶ ଆଦାୟ କଲାପରେ ଅତି ଅଳ୍ପମାତ୍ର ଲାଭ ପାଆନ୍ତି ସୁତରାଂ ସେମାନଙ୍କର ଦୁରବସ୍ଥାର ଅନ୍ତ ଶେଷ ନାହିଁ । ଲେଖକ ମହାଶୟ ବଙ୍ଗଳାର ପ୍ରଚଳିତ ପ୍ରବାଦ ଲେଖିବାକୁ ଭୁଲିନାହାନ୍ତି । ତାହା ଏହି "ନଦୀର ଭାତେ ଘୋଡ଼ା--ଜାଲିଆର ଘରେ ତେଲ ।" ଅର୍ଥାତ୍ ମଧ୍ୟସ୍ଥ ଲୋକେ ହାତରେ ସୁନା ପିନ୍ଧନ୍ତି ମାତ୍ର ଜାଲବାଲାର ଛିଣ୍ଡାକନା ପିନ୍ଧା ଛଡ଼ା କିଛି ନାହିଁ । ପରିଶ୍ରମର ସର୍ବାଙ୍ଗ ଶ୍ରେଣୀର ସର୍ବତ୍ର ଏହି ଦଶା । ଶିଳ୍ପକାର୍ଯ୍ୟ ସମ୍ବନ୍ଧୀୟ କାରଖାନାମାନଙ୍କରେ ଯେଉଁମାନେ କାର୍ଯ୍ୟ କରନ୍ତି ସେମାନଙ୍କର ମୂଳ ଅଳ୍ପ ଏବଂ ଦିନ କଷ୍ଟରେ ଅତି ବାହାର ହୁଏ ମାତ୍ର କାରଖାନାର ଅଧିକାରୀ ଓ ବ୍ୟବସାୟୀମାନଙ୍କର ଲାଭ ଲକ୍ଷ ଟଙ୍କା । ବ୍ୟବହାର ସମ୍ବନ୍ଧୀୟ ଏ ନିୟମର ମୀମାଂସା ଅତୀବ କଠିନ । ଯେ ଆପଣାର ରକବାଠାରୁ ଅଧିକ ଲାଭ ପାଇଲା ସେ କଦାପି କୌଣସି ମତର ପାଇଁରେ ଫଣି ଜାଲ ମେଲିବ ନାହିଁ ଏବଂ ସେତେବେଳେ ଯାଏ ଘେରଣାରୁ ଅଳ୍ପ ବେଳେବେଳେ ଯାଏ ଜାଲିଆର ଯେମନ୍ତ ଛିଣ୍ଡାକନା ତାର ଖାଜାର କୁଳର ମଧ୍ୟ ତେମନ୍ତ ଛିଣ୍ଡାଲୁଗା । ଏଥିରେ ଅସନ୍ତୁଷ୍ଟ ବା ବିରସ ହେବାର କୌଣସି କାରଣ ନାହିଁ ମାତ୍ର ପ୍ରତ୍ୟେକ ବ୍ୟବସାୟର ଉନ୍ନତି ହୋଇ ଦେଶର ଶ୍ରୀବୃଦ୍ଧି ସାଧନ ହେବ ଏହା ଚିନ୍ତା କରି ସର୍ବଦ କାର୍ଯ୍ୟରେ ତତ୍ପର ହେବା ସମସ୍ତଙ୍କର କର୍ତ୍ତବ୍ୟ ଏବଂ ଶିକ୍ଷାର ମୁଖ୍ୟ ଉଦ୍ଦେଶ୍ୟ ।

---

ସନ ୧୮୮୨ ସାଲର ଅ ୬ ଉକ୍ତାନୁଯାୟୀ କଟକର ଓଡ଼ିଶା ପ୍ରଦେଶସ୍ଥ କାର୍ଯ୍ୟସ୍ଥ ସଭା ଚଳିତ ମାସ ତା ୧୧ ରଖଠାରୁ ରେଜିଷ୍ଟ୍ରି ହୋଇଥିବାର ଅବଗତ ହେଲୁ । ରେଜିଷ୍ଟ୍ରି ହେବାନିମନ୍ତେ ସଭାକୁ ୮୫୦ ଟଙ୍କା ଫିସ ଦେବାକୁ ପଡ଼ିଅଛି । ସଭା ରେଜିଷ୍ଟ୍ରି ହେବାରୁ ବର୍ତ୍ତମାନ ସଭାକୁ କୌଣସି ଅଚଳନ୍ତି ସମ୍ପତ୍ତି ଦାନ ଦେବା ନିରାପଦ ଅଟେ । ସଭା ରେଜିଷ୍ଟ୍ରି ହେବାନିମନ୍ତେ ଇତିପୂର୍ବରୁ ନୂତନ ନିୟମାବଳୀ ପ୍ରସ୍ତୁତ ହୋଇ ସଭାରେ ଧାର୍ଯ୍ୟ ହୋଇଥିଲା ଓ ସଭାର ଭଣ୍ଡାର ରକ୍ଷାନିମନ୍ତେ ନ୍ୟାସିମାନେ ନିଯୁକ୍ତ ହୋଇଅଛନ୍ତି । ଶ୍ରୀଯୁକ୍ତ ବାବୁ ଜାଗୁଣପ୍ରସାଦ ମେହ, ବାବୁ କମଳଚରଣ ମିତ୍ର, ବାବୁ

Digitized by srujanika@gmail.com

ଉଚିତ ନୁହେଁ । ଅସ୍ମାନଙ୍କର ସୁବିବେଚକ କଲେ-
କ୍ଟର ସାହେବ ମହାଶୟ ଖାସମାହାଲ ପ୍ରଜାଙ୍କର
ଗଛ ସମ୍ବନ୍ଧରେ ଆଇନସଙ୍ଗତ ଅଧିକାରପ୍ରତି
ହସ୍ତକ୍ଷେପ କରିବେ ନାହିଁ ଏବଂ ଆଗାମୀ ଖାସ-
ମାହାଲ ବନ୍ଦୋବସ୍ତରେ ଭ୍ରମ ସଂଶୋଧନପୂର୍ବକ
ପଟ୍ଟାର ସର୍ତ୍ତ ବଦଳାଇବାପ୍ରତି ଯତ୍ନବାନ୍ ହେବେ ।
ଏଥି ମଧ୍ୟରେ କୌଣସି ପ୍ରଜାର ପଇତାଭ ଜମି-
ସ୍ଥିତ ଗଛ କାଟିବା ପ୍ରତି ବାଧା ହେଲେ ସେ
ଅଦାଲତର ସାହାଯ୍ୟ ନେଇ ପାରେ ।

---

### କୃଷିକ୍ଷେତ୍ର ।

ଗତ ଶନିବାର ସନ୍ଧ୍ୟାସମୟରେ ଏଠା ଟାଉନ
ହାଇସ୍କୁଲ ହଲରେ ପାଦ୍ରୀ ଟମସନ ସାହେବ
ଭାରତର ଦୁର୍ଭିକ୍ଷର ମହୌଷଧ ସମ୍ବନ୍ଧରେ ଗୋଟିଏ
ବକ୍ତୃତା କରିଥିଲେ । ଖ୍ରୀଷ୍ଟିଆନ ବିଦ୍ୟାଳୟର
ଛାତ୍ର ଏବଂ ଦେଶୀୟ ଓ ୟୁରୋପୀୟ ଭଦ୍ରଲୋ-
କଙ୍କଦ୍ୱାରା ପୂର୍ଣ୍ଣ ହୋଇଥିଲା । ମାନ୍ୟବର ମଧୁ-
ସୂଦନ ଦାସ ସି, ଅଇ, ଇ, ମହାଶୟ ସଭାପତିର
ଆସନ ଗ୍ରହଣ କରିଥିଲେ । ବକ୍ତା ମହାଶୟ ଧୀର
ଗମ୍ଭୀର ସ୍ୱରରେ କହିଲେ ଯେ ବାଲ୍ୟବିବାହ,
ଋଣଦାୟ, ଏବଂ ଯୁକ୍ତ ବ୍ୟବସାୟ(Co-opera-
tion) ର ଅଭାବ ଭାରତର ଦୁର୍ଭିକ୍ଷ ସାଧନ କରୁ-
ଅଛି । ଏ ସବୁ ନିବାରଣ କରିବା ଏକାନ୍ତ କର୍ତ୍ତବ୍ୟ
ଯୁକ୍ତ ବ୍ୟବସାୟରେ ନିଯୁକ୍ତ ହେଲେ ବହୁଁ
ଉପକାର ହେବ ଏବଂ କୃଷିନିର୍ମାଣରେ ଯୁକ୍ତବ୍ୟବ-
ସାୟର ଆରମ୍ଭ ଯେପରି ସହଜସାଧ୍ୟ ସେପରି
ଉପକାରକ ଅଟେ । ବକ୍ତାମହାଶୟ ସ୍ୱୟଂ ଦକ୍ଷି-
ଣାତ୍ୟର ନେପାଟନଠାରେ ଏହା ଆରମ୍ଭ କରି-
ଅଛନ୍ତି । ସେ କହନ୍ତି ଯେ ଏକଶତ ମାଣ ବା
ତଦୂର୍ଦ୍ଧ୍ୱ ଭୂମିଖଣ୍ଡ ନେଇ କେତେକ ଲୋକ ମିଳି
କୋଟିଏ କୃଷିକ୍ଷେତ୍ର ସଂଗଠନପୂର୍ବକ କାର୍ଯ୍ୟାରମ୍ଭରେ
ମୂଳଧନ ସ୍ଥିର ଓ ତାହା ଅଂଶରେ ବିଭାଗ କରି
କ୍ରୟ କରିବେ । କୃଷକମାନଙ୍କମଧ୍ୟରୁ ଅଧିକାଂଶ
ଣ କଲେ ଭଲ ହେବ ଏବଂ ଜମିଦାରଙ୍କ
ଅଂଶ ସଂଖ୍ୟାରୁ ଅଧିକ ଅଂଶ କ୍ରୟ କରାଯିବ
। କୃଷିକାର୍ଯ୍ୟରେ ଯାହା ଉତ୍ପନ୍ନ ହେବ
ର ଦଶମାଂଶ ଦାନାର୍ଥ ପୃଥକ୍ ରଖି ଅବଶିଷ୍ଟ
ରୁ ଅର୍ଦ୍ଧେକ ଅଂଶୀମାନଙ୍କୁ ଦେଇ ଅର୍ଦ୍ଧେକ
ରେ ରଖିବାକୁ ହେବ ଏବଂ ଗ୍ରାମ ପଞ୍ଚା-
ୟତ ହାତ ରକ୍ଷାପୂର୍ବକ ଟଙ୍କା ଜମା ଦେବାକୁ
। ଏ ପ୍ରଣାଳୀ ଯେପରି ସହଜ ସେପରି
। ବକ୍ତାମହାଶୟ ବକ୍ତୃତା ସାଙ୍ଗ କରି ସେ
ଦିନର ପରବାଗାଇଣ ସୋମବାର
ସମୟରେ ଟାଉନ ହଲକୁ ଆସିବାସକାଶେ
ସଭ୍ୟମାନଙ୍କୁ ଅନୁରୋଧ କରିଥିଲେ
ର ଉନଜଣ ଛଡ଼ା କେହି ସେଦିନ
ନାହିଁ । ସୁତରାଂ ଏପରି ସୁକୃତର କଣ-
ମୂର କନ୍ଥମାତ୍ର ଜଣିବ ହୋଇପାରିଲା ନାହିଁ ।
ଏହା ଆମ୍ଭ ଦେଶର ଲୋକମାନଙ୍କର ନିରୁଦ୍ୟମ-
ତାର ପରିଚୟ ଅଟେ । ଦେଶଲୋକେ ପିଲା
ଇତ୍ୟାଦିର କଥା ଶୁଣିବାକୁ ଅଗ୍ରହ ବଢ଼ାନ୍ତି
ମାତ୍ର କାର୍ଯ୍ୟ କରିବା ବିଷୟ ପଡ଼ିଲେ କେହି
ବାହାରନ୍ତି ନାହିଁ । ସେ ଯାହାହେଉ ପାଦ୍ରୀସା-
ହେବଙ୍କ କଥା ଅମ୍ଭମାନଙ୍କ ମନକୁ ଘେନିଅଛି ।
ତୁଇଦଶମାଣ ଜମି ଗୃହ କରି ଆପଣାର ଉଦର
ପୂରଣ ଅବା ଭଣ୍ଡାରପୂରଣ କରିବା ସ୍ୱାର୍ଥପରତା
ଭିନ୍ନ ଆଉ କିଛି ନୁହେ ମାତ୍ର ଦଶଜଣ ମିଳି
ଅଧିକ ଜମି କୃଷି ଆବାଦ କରିବାରେ ବ୍ରତୀହେଲେ
ନିଜର ଧନାଗମ ସଙ୍ଗେ ଦେଶର ଉନ୍ନତି ହେବ
'ଅଳ୍ପାନାମପି ବସ୍ତୂନାଂ ସଂହତିଃ କାର୍ଯ୍ୟସାଧିକା'
ଏହା ନୀତିଶାସ୍ତ୍ରର ବଚନ । ଦଶଜଣ ମିଳି ଅଳ୍ପ
ଟଙ୍କା ଏକତ୍ରିତ କଲେ ବସ୍ତୁତ ଶୁଖ ସଙ୍ଗେ ବହୁଁ-
ସକାଶେ ବସ୍ତୁର ଭଣ୍ଡାଗାରର ଖନନ ପ୍ରଭୃତି
ନାନାପ୍ରକାର କାର୍ଯ୍ୟ ତଥା ବସ୍ତୁର ଧନାଗମ ଓ
ବସ୍ତୁର ଲୋକର ଉପକାର ହେବ । ପାଦ୍ରୀସାହେ-
ବଙ୍କୁ ଏଠା ଲୋକଙ୍କର ଅକର୍ମଣ୍ୟତା ଓ ନିଶ୍ଚେ-
ଷ୍ଟତା ଉତ୍ତମରୂପେ ଜଣାଅଛି । ସେ ଲୋକଙ୍କର
ଉଦ୍ୟମର ଅପେକ୍ଷା ନ ରଖି ଯଦି ଏଠାରେ
କେତେକ [illegible] ମତାଇ କାର୍ଯ୍ୟରେ ଲଗାଇ
ପାରନ୍ତି ତାହାହେଲେ [illegible] ଗତି ଅର୍ଥ ହେବ
ଓ ଲୋକେ ଦେଖି ଶିଖିବାର ସୁଯୋଗ ପାଇବେ ।

---

### ମଦଦୋକାନର ସ୍ଥାନ ନିର୍ଣ୍ଣୟ ।

ମଦ୍ୟପାନ ଦମନକରିବା ଅଭିପ୍ରାୟରେ
ଗବର୍ଣ୍ଣମେଣ୍ଟ ନିୟମ କରିଅଛନ୍ତି କି ମିଉନିସି-
ପାଲିଟି ମଧ୍ୟରେ ମଦଦୋକାନ ବସାଇବା-
ବିଷୟରେ ଅବକାରୀ ଭାରପ୍ରାପ୍ତ ହାକିମ ଜଲ୍-
ମାଜିଷ୍ଟ୍ରେଟ ମିଉନିସିପଲ କମିଶନରଗଣର
ଚେଅରମନ ପୁଲିସ ସାହେବ ପ୍ରଭୃତିଙ୍କ ପରା-
ମର୍ଶରେ କାର୍ଯ୍ୟ କରିବେ । ଶୁଣାଯାଏ ଏଥି
ସରକାରୀ ଓ ବେସରକାରୀ କର୍ମଚାରୀମାନେ
ପ୍ରତିବର୍ଷ କମିଟି ବସି ଅବକାରୀ ଦୋକାନର
ସ୍ଥାନ ନିରୂପଣ କରନ୍ତି ମାତ୍ର କେବେ କମିଟି
ବସେ ଓ କି ସିଦ୍ଧାନ୍ତ ହୁଏ ଜନସାଧାରଣରେ
କେବେ ପ୍ରକାଶ ହେବାର ଶୁଣିନାହୁଁ । ଅଳ୍ପଦିନ
ହେଲା ଏ ନଗର ଚୌଧୁରୀବଜାର ସଦରରାସ୍ତା-
ସ୍ଥିତ ମଦଦୋକାନଟି ତହିଁ ନିକଟ ଏକ ଗଳି-
ମଧ୍ୟକୁ ଉଠିଯିବାର ପ୍ରସ୍ତାବହେବାରୁ କେତେକ
ସ୍ଥାନୀୟ ଭଦ୍ରଲୋକ ଜଲମାଜିଷ୍ଟ୍ରେଟଙ୍କ ନିକଟରେ
ଆପତ୍ତି କରନ୍ତେ ଅବକାରୀ ଡେପୁଟିକଲେକ୍ଟର
ସେ ସ୍ଥାନକୁ ଆସି ଦେଖିଲେ ଯେ ତାହା ଜଣେ
ଭଦ୍ରପରିବାରର ବାସଗୃହ ଏବଂ ଅନାଥୁଣ୍ଡୀ ଲାଇ-
ବ୍ରେରି (ପୁସ୍ତକାଳୟ) ର ନିକଟ ହେବାରୁ ସେ
ବାଟେ ସ୍କୁଲଛାତ୍ର ଓ ଅନ୍ୟାନ୍ୟ ଭଦ୍ରଲୋକ ସର୍ବଦା
ଗମନାଗମନ କରନ୍ତି । ପ୍ରସ୍ତାବିତଘର ସମ୍ମୁଖ ବା
ପାର୍ଶ୍ୱରେ କେତେଟା ବେଶ୍ୟାଘର ଅଛି ।
ସେଠାରେ ମଦଦୋକାନ ହେଲେ ମଦୁଆମାନେ
ନିର୍ଭୟରେ ଗୋଳମାଳ କରିବେ ଏବଂ ଲଜ୍ଜା
ଥିଲେହେଁ ଯେଉଁମାନେ ଲଜ୍ଜାବଶତଃ ପ୍ରଧାନ
ସଡ଼କରେ ଥିବା ଦୋକାନରେ ମଦ କିଣିବାକୁ
କୁଣ୍ଠିତ ସେମାନେ ପ୍ରଶ୍ରୟ ପାଇବେ । ଡେପୁଟି
କଲେକ୍ଟର ଏ ସବୁ ଅବସ୍ଥା ଦେଖି ପ୍ରସ୍ତାବିତ
ସ୍ଥାନ ଦୋକାନର ଅଯୋଗ୍ୟ ଥିବାର ବିବେଚନା
କରିଅଛନ୍ତି । ମାଜିଷ୍ଟ୍ରେଟଙ୍କ ଆଦେଶ ଜଣାଯାଇ
ନାହିଁ । ମାତ୍ର ସେ ସ୍ଥାନକୁ ଦୋକାନ ଉଠି ଆସି-
ନାହିଁ । ଆମ୍ଭେମାନେ ଅବଗତ ହେଲୁଁ ଯେ
ମିଉନିସିପଲ ଚେଅରମାନଙ୍କ ଆପତ୍ତିରେ ଚୌଧୁରୀ
ବଜାର ଦୋକାନ ସ୍ଥାନାନ୍ତରକୁ ଉଠିଯିବାର
ଅବଶ୍ୟକ ହୋଇଅଛି । କି ହେତୁରେ ଚେଅର୍-
ମାନ ମହାଶୟ ଆପତ୍ତି କରିଅଛନ୍ତି ପ୍ରକାଶ ପାଇ-
ନାହିଁ । ଯେବେ ସର୍ବଦା ବହୁଲୋକର ଗମନା-
ଗମନର ପ୍ରଧାନସଡ଼କ ଏବଂ ଅଦାଲତକଚେରୀ-
ସମ୍ମୁଖ ହେବୁ ହୋଇଥାଏ ତେବେ ତହିଁର
ସଲଗ୍ନ ଟିକିଏ ଉତ୍ତାଳରେ ରହିବା ଉଚିତ ନୁହେ
ବରଂ ଅଧିକ ଅନିଷ୍ଟକର କାରଣ ପ୍ରକାଶ୍ୟ
ସ୍ଥାନରେ ଯାହା ଟିକିଏ ଭୟ ଓ ଲଜ୍ଜା ଥାଏ [illegible]
ଅପେକ୍ଷାକୃତ ଗୋପନୀୟ ସ୍ଥାନରେ ରହେ ନାହିଁ ।
ଏ ନଗରର ମିଉନିସିପଲ କମିଶନରଗଣ ତଥା
ସେମାନଙ୍କର ଚେଅରମାନ ନଗରବାସିଙ୍କ ହିତା-
ର୍ଥେ ଯେବେ ମଦଦୋକାନର ସମୁଚିତ ସ୍ଥାନ
ପ୍ରତି ଦୃଷ୍ଟି ଦେଇଅଛନ୍ତି ତେବେ ସେମାନେ
ଗୋଟିଏ ଗୁରୁତର କର୍ତ୍ତବ୍ୟ ପାଳନରେ ମନୋ-
ଯୋଗୀ ହେବା ହେତୁ ସାଧାରଣଙ୍କର ଅଶେଷ
ଧନ୍ୟବାଦର ପାତ୍ର ଅଟନ୍ତି । ମାତ୍ର ପ୍ରଧାନସଡ଼କରୁ
ଗଳିଭିତରକୁ ଦୋକାନ ଉଠିଗଲେ ସେ
କର୍ତ୍ତବ୍ୟପାଳନ ହେବ ନାହିଁ । ମଦଦୋକାନ
ସବୁ ସହରର ଏକ ପାର୍ଶ୍ୱର ନିର୍ଜନସ୍ଥାନ
ଯଥା ଗଜାବଗିଚା ଛତରପଡ଼ା କଟକଚଣ୍ଡୀ
ଭୁଲସୀପୁର ମଙ୍ଗଲାବାଗ ପ୍ରଭୃତି ଅଞ୍ଚଳକୁ ଘୁଞ୍ଚାଇ-
ଦେବା ଉଚିତ । ବିଶେଷତଃ ମସଜିଦଗଳି
ତେଲଙ୍ଗାବଜାର ଚୌଧୁରୀବଜାର ପ୍ରଭୃତି
ଦାଣ୍ଡସାହି ମଧ୍ୟରେ ମଦଦୋକାନ ରଖିଦେବା
ନିତାନ୍ତ ଅନ୍ୟାୟ । ମଦ ଏବଂ ବେଶ୍ୟା ଏହି ଦୁ-
ଇଟି ଅଧର୍ମ ଓ ଦୁର୍ନୀତିର ପ୍ରଧାନ ପ୍ରବର୍ତ୍ତକ ଓ
ପରସ୍ପରର ସହାୟ । ଏ ଦୁଇର ସଂଯୋଗ ହେତୁ
ଅନିଷ୍ଟକର ତାହା ସମସ୍ତେ ପ୍ରତ୍ୟକ୍ଷ କରୁଅଛନ୍ତି ।
ତଥାପି ଜଲମାଜିଷ୍ଟ୍ରେଟ ମିଉନିସିପଲ କମିଶନର
ପ୍ରଭୃତି ତହିଁର ପ୍ରତିକାର କରୁନାହାନ୍ତି ବଡ଼
ଦୁଃଖର ବିଷୟ ।

---

Split by PDF Splitter
Digitized by srujanika@gmail.com

ହରୋଦଲାଲ ବୋଷ, ବାବୁ ବୈକୁଣ୍ଠନାଥ ଦତ୍ତ ଓ ବାବୁ ରମଣଙ୍କର ଉପ୍ତ ଉକ୍ତ ଦ୍ୟାସୀ ପଦରେ ନିଯୁକ୍ତ ହୋଇଅଛନ୍ତି । ସଙ୍ଘ ଏଗାର ବର୍ଷ ହେଲା ସ୍ଥାପିତ ହୋଇଅଛୁ ଓ ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟରେ ଗରିବ ନିଃସହାୟ ଛାତ୍ରମାନଙ୍କର ଶିକ୍ଷାଭାର ଗ୍ରହଣ କରି ବେତନଧରୁ ଅନେକଙ୍କୁ ଉତ୍ତମ ଶିକ୍ଷାଲାଭ କରାଇଅଛନ୍ତି । ଏହାର ସବିଶେଷ ବାର୍ଷିକ ରିପୋର୍ଟରେ ପ୍ରକାଶିତ ହୁଏ । ଆମ୍ଭେମାନେ ଆଶା କରୁଁ କାୟସ୍ଥମାନେ ଏ ସଙ୍ଘରେ ଯୋଗଦାନ କରି ସଙ୍ଘର ଉନ୍ନତିସାଧନରେ ଯତ୍ନପ- ଶ୍ରେଳାସ୍ତି ଚେଷ୍ଟିତ ହେବେ ।

———

ପୁରୀରୁ ସମ୍ବାଦ ପାଇଅଛୁ ଯେ ଶ୍ରୀଜଗନ୍ନାଥଙ୍କର ଝୁଲଣଯାତ୍ରା ଗତ ସୋମବାର ଆରମ୍ଭ ହୋଇଥିଲା ଆଜି ଶେଷ ହେବ । ଅନ୍ୟାନ୍ୟବର୍ଷ ପ୍ରାୟ ଝୁଲଣର ସାଜସଜ୍ଜା ଏବଂ ପଶୁ ପକ୍ଷୀ ଓ ପୁତ୍ତଳିକାମାନଙ୍କର ଠେଲ କୌଶଳ ଚିତ୍ତାକର୍ଷକ ଏବଂ ସ୍ଥଳରେ ବିବିଧ ଆଲୋକମାଳା ସମ୍ବଳିତ ଝୁଲଣମଣ୍ଡପ ସାଙ୍ଗସାଙ୍ଗି ଆଙ୍ଗଡ଼ାପିଲାଙ୍କର ନୃତ୍ୟ ଗୀତ ହରେ ନୂତନତ ହେଉଅଛୁ । ସନ୍ଧ୍ୟା ପରେ ଠାକୁରମାନେ ଝୁଲଣକୁଞ୍ଜରେ ବିଜେ କରି ପ୍ରାୟ ଘ ୧୧ ଟା ପରେ ପ୍ରତ୍ୟାଗମନ କରୁଅଛନ୍ତି କଳଟାର ସୀମା ନାହିଁ । ମଠମାନଙ୍କ ଓ ଗୃହସ୍ଥମାନଙ୍କର ଝୁଲଣ ମଧ୍ୟ ଏହି ଦିନଠାରୁ ହେଉଅଛୁ । ଗୋପାଳମଠ ଲୁଙ୍ଗ ଓ ମାଧ୍ୱ ମହାପାତ୍ରଙ୍କ ଝୁଲଣ ଓ ମୂର୍ତ୍ତି ସୌନ୍ଦର୍ଯ୍ୟ ସର୍ବୋତ୍କୃଷ୍ଟ ହୋଇଅଛୁ । ମେଘ ଛାଡ଼ିଯାଇଥିବାରୁ ଲୋକେ ସ୍ଥିରରେ ବୁଲି ଯାତଯାତ ଓ ମଠମାନଙ୍କରେ ଝୁଲଣ ଓ ରାସଲୀଳା ପ୍ରଭୃତି ଯାହା ଦେଖୁଅଛନ୍ତି ଗୋପାଳମଠ ଛଡ଼ା ସମସ୍ତ ମଠରେ ଯାତ୍ରାର ଧୂମ ଲାଗିଅଛୁ ।

—୦—

ହୋଲଗ୍ରାମ ପ୍ରଗଣା ପ୍ରୀତିପୁର ନିବାସୀ ବାବୁ ନନ୍ଦ୍ୟାଭନ ଘୋଷ ଗତ ସୋମବାର ୭୬ ବର୍ଷ ବୟସରେ ପୃଷ୍ଠବ୍ରଣରେ ପରଲୋକ ଗମନ କରିଅଛନ୍ତି । ସେ ଜଣେ ନ୍ୟାୟପରାୟଣ ପରୋପକାରୀ ଧର୍ମଭୀରୁ ଲୋକ ବୋଲି ସେ ଅଞ୍ଚଳର ଯାବତୀୟଲୋକ ତାଙ୍କୁ ବିଶେଷ ମାନ୍ୟ ଓ ଭକ୍ତି କରୁଥିଲେ । ସେ ପୂର୍ବେ ବାଲେଶ୍ୱର କଲେକ୍ଟରର ସଦର କାନୁନଗୋଇ ଥିଲେ ସେ ଉକ୍ତକାର୍ଯ୍ୟ ବିଶେଷ ପ୍ରଶଂସା ସହିତ କରି ପେନସନ ଗ୍ରହଣ କଲା ପରେ ଉକ୍ତ ବାଲେଶ୍ୱରର ପ୍ରଧାନ ଜମିଦାର ବାବୁ ରାଧାରମଣ ଦାସଙ୍କର ମେନେଜର ହୋଇ ସୁଖ୍ୟାତି ସହିତ କାର୍ଯ୍ୟ କରିଥିଲେ ପରେ ବୃଦ୍ଧାବସ୍ଥା ହେତୁ କାର୍ଯ୍ୟ ପରିତ୍ୟାଗ କଲେ ମଧ୍ୟ ଯାଜପୁର ଲୋକେଲବୋର୍ଡ଼ର ମେମ୍ବର ଓ ପ୍ରୀତିପୁର ସର୍କଲର ପ୍ରେସିଡେଣ୍ଟ କାର୍ଯ୍ୟ କରୁଥିଲେ । ସନ ୧୮୯୬ ସାଲର ବନ୍ୟା ଓ ଦୁର୍ଭିକ୍ଷ ସମୟରେ ସେ ସହାୟତାରେ ଚାଉଳ ଓ ଅନ୍ନଦାନ କରି ଅନେକ ଲୋକର ପ୍ରାଣରକ୍ଷା କରିଥିଲେ । ଗ୍ରାମ ମଧ୍ୟରେ ଅଥବା ତାଙ୍କ ପରିଚିତ କୌଣସି ଲୋକ ବିପଦଗ୍ରସ୍ତ ହେଲେ ସେ ତତ୍କ୍ଷଣାତ୍ ସେଠାକୁ ଯାଇ ତାଙ୍କୁ ବିପଦରୁ ମୁକ୍ତ କରିବାକାରଣ ସାଧ୍ୟମତ ସାହାଯ୍ୟ କରୁଥିଲେ । ଈଶ୍ୱର ତାହାଙ୍କର ଆତ୍ମାର ମଙ୍ଗଳ ଏବଂ ପରିବାରର ସାନ୍ତ୍ୱନା ବିଧାନ କରନ୍ତୁ ।

—୦—

ଡେପୁଟିକଲେକ୍ଟର ବାବୁ ଶଶିଭୂଷଣ ଶତପଥୀଙ୍କର କନିଷ୍ଠଭ୍ରାତା ଶ୍ରୀମାନ୍ ହେମଚନ୍ଦ୍ର ଶତପଥୀ ବାଉଷ୍ଟସିପ୍ ନିମନ୍ତେ ବିଲାତ ଯାଉଥିବାର କେତେଦିନ ହେଲା ଏ ନଗରରେ ପ୍ରଚାର ହୋଇଥିଲା । ସେ ଗତ ମଙ୍ଗଳବାର ସନ୍ଧ୍ୟା ମେଲ ଟ୍ରେନରେ ଏ ନଗରରୁ ଯାତ୍ରା କଲେ । ତାହାଙ୍କୁ ବିଦାୟଦେବା ଉପଲକ୍ଷରେ ସେହିଦିନ ସନ୍ଧ୍ୟା ସମୟରେ ବାବୁ ବ୍ରଜସୁନ୍ଦର ଦାସ ବି, ଏଙ୍କ କୋଠାରେ ତାହାଙ୍କର ଅନୁଷ୍ଠାନରେ ଗୋଟିଏ ମିଳନ ହୋଇଥିଲା । ପଣ୍ଡିତ ଗୋପୀନାଥ ଶତପଥୀ ମାନ୍ୟବର ମଧୁସୂଦନ ଦାସ ସି, ଆଇ, ଇ, ରାୟ ସୁଦାମଚରଣ ନାୟକ ବାହାଦୁର ବାବୁ ଗୋକୁଳାନନ୍ଦ ଚୌଧୁରୀ ବାବୁ ଗୌରୀଶଙ୍କର ରାୟ ପ୍ରଭୃତି ବ୍ରାହ୍ମଣ ପଣ୍ଡିତ ଅନ୍ୟାନ୍ୟ ଭଦ୍ରଲୋକ ପ୍ରାୟ ଡ ୧୫।୩୦ ଣ ଯୋଗ ଦେଇଥିଲେ । ହଲମରେ ବିଜ୍ଞାପନ ବାହାର ନ ଥିଲା । ଆଗମନ ସମୟରେ ଘୋଷଣା ହୋଇ ନ ଥିଲେ ଅନେକ ଅଧିକ ଲୋକ ଆସିଥାନ୍ତେ । ପ୍ରାୟ ଏକଘଣ୍ଟା କାଳ କଥାବାର୍ତ୍ତା ଉତ୍ତାରୁ ପଣ୍ଡିତ ଗୋପୀନାଥ ଶତପଥୀ ଆଶୀର୍ବାଦ କରି ପଠଦ୍ୱାରା ସଭାର ମଙ୍ଗଳକାମନା ପ୍ରକାଶ କଲେ ଓ ଅନ୍ୟାନ୍ୟକଥା ମଧ୍ୟରେ ହେମଚନ୍ଦ୍ରଙ୍କୁ ଉପଦେଶ ଦିଆଗଲା ଯେ ସେ ଯୋଗ୍ୟତା ଲାଭକରିବା ସଙ୍ଗେ ବିଲାତରେ ଏମନ୍ତ ଚରିତ୍ରତା ଦେଖାଇବେ ଯେ ଓଡ଼ିଶାର ଲୋକ ସେମାନଙ୍କର ହୃଦୟଙ୍ଗମ ହେବ । ସଚ୍ଚରିତ୍ର ସବୁଠାରୁ ମୂଲ୍ୟବାନ୍ । ତାହାହେଲା କେତେ ବିଦ୍ୟା ବୁଦ୍ଧି ଅପେକ୍ଷା ସୁନ୍ଦର ନୁହେ । ପରେ ସଙ୍ଗୀତ ମିଷ୍ଟାନ୍ନ ଜଳଯୋଗରେ ଏହି ଶୁଭକାର୍ଯ୍ୟ ପରିସମାପ୍ତି ହେଲା । ବାବୁ ଶଶିଭୂଷଣ ଶତପଥୀ ଶ୍ରୀମାନ୍ ହେମଚନ୍ଦ୍ରଙ୍କୁ ଶିକ୍ଷାର୍ଥେ ବିଲାତ ପଠାଇବାଦ୍ୱାରା ଅସୀମସାହସ ଦେଖାଇ ଅଛନ୍ତି ଏବଂ ଏହି ମିଳନରେ ସେ ସ୍ପଷ୍ଟ ବୁଝିପାରିବେ ଯେ ତାହାଙ୍କର ଶୁଭାନୁଷ୍ଠାନରେ ଏ ଦେଶବାସିଙ୍କର ଯଥେଷ୍ଟ ସହାନୁଭୂତି ଅଛୁ । ହେମ ବାବୁ ଯଥାସମୟରେ ସଫଳକାମ ହୋଇ ଫେରିଥିବି ମାତୃଭୂମିର ମଙ୍ଗଳସାଧନରେ ଯତ୍ନବାନ୍ ହେବେ ଏହାହିଁ ଆମ୍ଭମାନଙ୍କର ଈଶ୍ୱରଙ୍କଠାରେ ପ୍ରାର୍ଥନା ।

—୦*୦—

## ଘରବାଡ଼ି ଜମିର ଗଛ ।

ଘର ବାଡ଼ି ଜମିର ଗଛ ସମ୍ବନ୍ଧରେ ବର୍ତ୍ତମାନ କଲିକତା ହାଇକୋର୍ଟରେ ଏକ ମୋକଦ୍ଦମା ନିଷ୍ପତ୍ତି ହୋଇଯାଇଅଛୁ । ଖୃଷ ଜମିପ୍ରତି ପ୍ରଜାସ୍ୱତ୍ୱ ଅଛି ଘଟଣ ମାତ୍ର ଘରବାଡ଼ି ଜମି ତ ଯାହା ଖୃଷ ସଂକ୍ରାନ୍ତ ନୁହେ ତହିଁପ୍ରତି ୧୮୮୫ ମସିହାର ବଙ୍ଗଳାର ସମ୍ପତ୍ତି ଆ ୪ ଖଣ୍ଡ ଖଟେ । ଜଣେ ଘରବାଡ଼ି ଜମିର ପ୍ରଜା ଆପଣା ଜମିରୁ ପଣସ ଗଛଟିଏ କାଟି ଅମୃତାରୁ କରିବାରୁ ଜମିଦାର ତାହା ନାମରେ ଛୋଟ ଅଦାଲତରେ କ୍ଷେସାରଦାବୀରେ ନାଲିସ କଲେ । ମୋକଦ୍ଦମା ଜମିଦାରଙ୍କ ହକରେ ଡିକ୍ରୀ ହୁଅନ୍ତେ ପ୍ରଜା ହାଇକୋର୍ଟରେ ମୋସନ କଲା । ବିଚାରପତି ମୁଖର୍ଜୀ ଓ କାରଣ୍ଡ଼ ସାହେବ ମହୋଦୟମାନଙ୍କ ଏଜଲାସରେ ମୋକଦ୍ଦମା ଅଗତ ହୁଅନ୍ତେ ସେମାନେ ଜମିଦାରଙ୍କ ଦାବି ଡିସମିସ କରି ରାୟ ଦେଇଅଛନ୍ତି ଯେ ବଙ୍ଗଳାର ଆଇନର ୨ ଦ ୧୦୮ ଧାରା ଏବଂ ପ୍ରକରଣ ଅନୁଯାୟୀ ରାୟତ ଜମିରେ ଥିବା ସମୟରେ ତହିଁରେ ଯାହା ଲଗାଇଥିବ ତାହା ଉଠାଇ ନେଇପାରେ । ବର୍ତ୍ତମାନ ମୋକଦ୍ଦମାର ଘରବାଡ଼ି ଜମି ବଙ୍ଗଳାର ଆଇନ ଜାରି ହେବା ପୂର୍ବରୁ ରାୟତଙ୍କୁ ଦିଆଯାଇ ଥିଲେ ହେଁ ଉପରୋକ୍ତ ଧାରାର ଉକ୍ତ ପ୍ରକରଣରେ ହିନ୍ଦୁ ଓ ମୁସଲମାନଙ୍କ ଶାସ୍ତ୍ର ବିଧିମାନ ଉଲ୍ଲେଖ ହୋଇଅଛୁ ଏବଂ ସେ ବିଧିମାନଙ୍କରେ ସ୍ପଷ୍ଟ ଲେଖାଅଛୁ ଯେ ପ୍ରଜା ସରକାର ରହିବାସକାଶେ ଯେଉଁ ଜମି ଦେଇଥିବ ସେ ଜମିରେ କରିଥିବା ଘର ବା ଲଗାଇଥିବା ବୃକ୍ଷାଦି ସେ ଜମି ଛାଡ଼ିଯିବା ସମୟରେ ନେଇଯାଇ ପାରେ । ଏ ସବୁ ବିବେଚନା ପୂର୍ବକ ବିଚାରପତିମାନେ ପ୍ରଜା ବାସ କରୁଥିବା ଜମିରେ ଲଗାଇଥିବା ଗଛ ତାହାର ବୋଲି ସିଦ୍ଧାନ୍ତ କଲେ । ମଧ୍ୟ ମୋକଦ୍ଦମାରେ ପଣସ ଗଛ ପ୍ରଜାର ପିତା ଲଗାଇଥିବାରୁ ଗଛରେ ଜମିଦାରଙ୍କର କୌ ଦାବି ହୋଇ ନ ପାରିବାର ଧାର୍ଯ୍ୟ କଲେ । ନଜିର ୧୪ ବାଲମ କଲିକତାର ଉଇ ନୋଟର ପୃ ୯୫୬ ସ୍ଥାନରେ ମିଳିବ । ଏହି ସାଧାରଣ ଭୂମ୍ୟଧିକାରୀ ଓ ପ୍ରଜାର ବହୁ କଳହ ନିଷ୍ପତ୍ତି ପାଇଲା । ମାତ୍ର ଖାସମହାଲରେ ଗବର୍ଣ୍ଣମେଣ୍ଟ ଯେ ପ୍ରଜା ଗଛ ପାରିବାର ନିୟମ କରି ଦଣ୍ଡ ଦେଉଅଛନ୍ତି ଏବଂ କେହି ପ୍ରଜା ଗଛ ତାଙ୍କୁ ଅର୍ଥ ଦଣ୍ଡରେ ଦଣ୍ଡିତ କରୁଅଛନ୍ତି କଦାପି ଆଇନସଙ୍ଗତ ନୁହଇ । ଆ

Split by PDF Splitter

Digitized by srujanika@gmail.com

### ବିଧବାବିବାହ ବିଷୟକ ।

ଗତରବିବାର ଯୁବକସମାଜ ତର୍ଫରୁ ବିଧବାବିବାହର କର୍ତ୍ତବ୍ୟତା ସମ୍ବନ୍ଧରେ ଗୋଟିଏ ସଭା କଲିକତା ଓଭରଟୁନ୍ ହଲରେ ଗତମାସ ୨୬ ତା:ର ବସିଥିଲା । ଶୋଭାବଜାରର ମହାରାଜକୁମାର ଶୈଳେନ୍ଦ୍ର କୃଷ୍ଣ ଦେବ ସଭାପତିର ଆସନ ଗ୍ରହଣ କରିଥିଲେ। ପ୍ରୋକ୍ତସଭା ସର୍ବସାଧାରଣଙ୍କ ସକାଶେ ଉନ୍ମୁକ୍ତ ଥିବାରୁ ସମସ୍ତେ ଆପଣା୨ ମତ ସ୍ୱାଧୀନଭାବରେ ବ୍ୟକ୍ତ କରିଥିଲେ । କବୀରାଜମୁକ୍ତ ଶଚୀନ୍ଦ୍ରପ୍ରସାଦ ବସୁ ମହାଶୟ ଗୋଟିଏ ପ୍ରବନ୍ଧ ପାଠପୂର୍ବକ ବ୍ୟକ୍ତ କଲେ ଯେ ବିଧବାବିବାହ ହିନ୍ଦୁଶାସ୍ତ୍ରାନୁମୋଦିତ ଅଟେ । ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ମହାଶୟ ବିଧବାବିବାହ ଚଳାଇବା ବିଷୟରେ ବିଶେଷ ଚେଷ୍ଟା କରିଥିଲେ ଏବଂ ଦେଶର ନେତାମାନେ ତାଙ୍କ ସପକ୍ଷରେ ଥିଲେ । ହିନ୍ଦୁମାନେ ଶାସ୍ତ୍ର୨ ବୋଲି ଚିଲ୍ଲାଉଥିବା ସମୟରେ ସେମାନେ ଶାସ୍ତ୍ରବିରୁଦ୍ଧ କାର୍ଯ୍ୟ କରିବା ଆଶ୍ଚର୍ଯ୍ୟର ବିଷୟ ଅଟେ ଗୋରୁଚମର ଯୋତା ମାଡିବା ଅଥବା ଧର୍ମପୁସ୍ତକମାନ ଅସ୍ପୃଶ୍ୟଜାତିଙ୍କ କର୍ତ୍ତୃକ ଛପା ଓ ବନ୍ଧ ହେଉଥିବା ସ୍ଥଳେ ସେମାନେ କରୁଣ ଶାସ୍ତ୍ର ମାନ ଭୁଲିଯାଉଛନ୍ତି ବୁଝିବା କଠିନ । ବିଧବାବିବାହ ନ ଥିବାହେତୁ ହିନ୍ଦୁସମାଜ ଦିନକୁଦିନ ଦୁର୍ବଳ ହେଉଅଛି । ଦେଶରେ ଦାରିଦ୍ର୍ୟ ବିରାଜିତ ଥିବାସ୍ଥଳେ ଲୋକସଂଖ୍ୟା ନ ବଢ଼ାଇବା ମତ ବାୟୁରୁ ଶୋଚିତ ଅଟଇ। ଜାପାନ ସଙ୍ଗେ ପୃଥିବୀର ପ୍ରତ୍ୟେକ ସଭ୍ୟଦେଶ ଲୋକସଂଖ୍ୟା ବଢ଼ାଇବାରେ ବ୍ରତୀ ଅଛି । ସାମାଜିକ ବା ରାଜନୈତିକ ଉଭୟ ଦିଗରୁ ହିନ୍ଦୁମାନଙ୍କର ଦୈନନ୍ଦିନ ଦୁର୍ବଳତା ଦେଖିବା ଦୁଃଖଜନକ । ଶେଷରେ କେତେକ ସଭ୍ୟ ବିଧବାବିବାହ ସପକ୍ଷରେ ଆପଣା୨ ଅଭିମତ ପ୍ରକାଶ କଲାଉତ୍ତାରୁ ତର୍କବିତର୍କ ଆରମ୍ଭ ହୁଅନ୍ତେ ଜନୈକ ବକ୍ତା ପ୍ରକାଶ କଲେ ଯେ ହିନ୍ଦୁର ବିବାହବନ୍ଧନ ଅଚ୍ଛେଦ୍ୟ ଅଟେ । ବିଧବା ମଲାବା ପରେ ଆପଣା ସ୍ୱାମିସହିତ ସାକ୍ଷାତ ପାଉଥିବାରୁ ବିଧବାବିବାହ ପ୍ରଚଳନ ହେଲେ ହିନ୍ଦୁଧର୍ମର ମୂଳପତ୍ତନ ନଷ୍ଟହେବ । ଏ ମତ ପ୍ରକାଶ ହୁଅନ୍ତେ ତର୍କବିତର୍କ ଘୋରତର ହୋଇ ଉଠିଲା । ମହମ୍ମଦ ଇଲିୟାସ ମହୋଦୟ ପ୍ରକାଶ କଲେ ଯେ ବିବାହ ଏପରି ଅଚ୍ଛେଦ୍ୟ ହେଲେ ମୃତଦାର ପୁରୁଷମାନେ ତାହା ପାଳନ ନ କରନ୍ତି କାହିଁକି ? ଯଥା ବିଧବା ସ୍ତ୍ରୀମାନେ ପୁନର୍ବାର ବିବାହ କରି ନ ପାରନ୍ତେ ମୃତଦାର ପୁରୁଷମାନେ ପୁଣି କରୁଁପେ ବିବାହ କରନ୍ତି ? ଅନ୍ୟ କେତେକ ଲୋକ ଏଥିଉତ୍ତାରୁ ବକ୍ତୃତା ପ୍ରଦାନ କଲାରୁ ସଭାପତିଙ୍କି ଧନ୍ୟବାଦ ଦିଆଯାଇ ସଭା ଭଙ୍ଗ ହେଲା । ଉତ-ପୂର୍ବେ କୋହିନୂର ରଙ୍ଗ ମଞ୍ଚରେ ହିନ୍ଦୁମାନେ ବିଧବାବିବାହ ନିଷିଦ୍ଧବୋଲି ଏକ ସଭା କରିଥିଲେ । ଆନ୍ଦୋଳନ ଲଗାଇବା ଭଲ ଏବଂ ବିଧବାବିବାହ ସମ୍ବନ୍ଧରେ ଏରୂପ ଆନ୍ଦୋଳନ ଲଗିବାହାର ପରିଶେଷରେ ଧର୍ମର ଜୟ ଅବଶ୍ୟ ହେବ । ଆମ୍ଭେମାନେ ବାରମ୍ବାର କହୁଅଛୁଁ ଯେ ବେଦରେ ଗୋଟିଏ ମାତ୍ର ବିବାହସ୍ତ୍ରୀ ଏବଂ ପୁରୁଷ ଉଭୟଙ୍କ ପକ୍ଷରେ ବିଧି ଅଛି ଏବଂ ମୃତଦାର ଓ ବିଧବାଙ୍କ ସକାଶେ ନିୟୋଗ ଅଛି । ବେଦ ଆମ୍ଭମାନଙ୍କର ପ୍ରଧାନ ଧର୍ମଶାସ୍ତ୍ର । ତହିଁରେ ବାଲ୍ୟବିବାହ ଏକାନ୍ତ ନିଷିଦ୍ଧ । ଆମ୍ଭେମାନେ ବାଲ୍ୟବିବାହ ପ୍ରଚଳନପୂର୍ବକ ଶାସ୍ତ୍ର ବିଧି ଉଲ୍ଲଙ୍ଘନ କରିଥିବା ହେତୁ ବିଧବାବିବାହ ପ୍ରଚଳନ କରିବାକୁ ବାଧ୍ୟ କାରଣ ତାହା ନ ହେଲେ ସମାଜରେ ଯେରୂପ ଅତ୍ୟାଚାର ଓ ବ୍ୟଭିଚାର ଅଭିନୟ ଚଳୁଅଛି ତାହା ନିବାରଣ କରିବାର ଉପାୟ ନାହିଁ । ଯେଉଁମାନେ ତହିଁକି ଅପରୂଜ ଶାସ୍ତ୍ରବୋଲି ବିଧବାବିବାହ ନିଷିଦ୍ଧ କହି ମନେ୨ ଚିପିଠା ଖାଉଅଛନ୍ତି ସେମାନେ ଯେମନ୍ତ ଦେଶ ତେମନ୍ତ ସମାଜଦ୍ରୋହୀ ଅଟନ୍ତି । ପ୍ରକୃତରେ ଯାହା ହିତକର ଓ ଯୁକ୍ତିସଙ୍ଗତ ତାହାହିଁ ଶାସ୍ତ୍ର । ପୁଣି ଯେଉଁମାନେ ଆପଣାବେଳକୁ ଶାସ୍ତ୍ରର ଅପେକ୍ଷା [illegible] ସେମାନେ ଅପରାପର ବିଧବାପ୍ରତି ଶାସ୍ତ୍ର ଖଟାଇବାକୁ ବ୍ୟସ୍ତହେବା ଉପହାସାସ୍ପଦ ନୁହେ କି ?

—*—

### ସଭାସମିତି ବାଦ ।

ଗତ ମାସ ତା ୨ ରଖ ସିମଲାଠାରେ ଭାରତ ବ୍ୟବସ୍ଥାପକ ସଭାରେ ରାଜଦ୍ରୋହ ସଭାସମିତି ବନ୍ଦକରିବା ବିଷୟ ଆଇନର ବିଚାର ହୋଇଥିଲା । ସଭାଗୃହ ଦର୍ଶକ ମଣ୍ଡଳୀରେ ପୂର୍ଣ୍ଣ ହୋଇଥିଲା ଏବଂ ସେଥିମଧ୍ୟରେ ଅନେକ ମହିଳା ମଧ୍ୟ ଥିଲେ । ମାନ୍ୟବର ଜେଙ୍କିନ୍ସ ସାହେବ ମହୋଦୟ ପ୍ରକାଶ କଲେ ଯେ ଏହି ଆଇନର ନୋଟିସ ଅନୁଯାୟୀ ଆଗାମୀ ଅକ୍ଟୋବରମାସ ତା୨୧ ରିଖରେ ଶେଷ ହେବ । ତହିଁ ଉତ୍ତାରୁ ମାର୍ଚ୍ଚମାସ ଶେଷ ପର୍ଯ୍ୟନ୍ତ ସେହି ଆଇନ ପ୍ରବଳ ରହିବ । ସମ୍ବନ୍ଧରେ ସ୍ଥାନୀୟ ଗବର୍ଣ୍ଣମେଣ୍ଟମାନଙ୍କର ମତ ନେଇବାରେ ସେମାନେ ଏକ ବାକ୍ୟରେ ତହିଁ ସପକ୍ଷରେ ମତ ଦେଇ ଅଛନ୍ତି । ବିଶେଷତଃ ବଙ୍ଗଳାର ଲେଫ୍ଟେନାଣ୍ଟ ମାନ୍ୟବର ବେକର ସାହେବଙ୍କ ସେହିମତ ଦେଇ ଥିବାରୁ ତହିଁ ଉପରେ ଆଉ କଥା ନାହିଁ । କୌଣସି ବିବାଦୀୟ ବିଷୟ ସିମଲାରେ ନ ପଡିବାର ପୂର୍ବରୁ ନିୟମ ଥିଲେହେଁ ବର୍ତ୍ତମାନ ଗତାସ୍ୱାତର ପ୍ରଥା ବିଶେଷ ହୋଇ ଥିବାରୁ ସେ ଆପତ୍ତି ଅଚଳ ଅଟେ । ଭାରତ ଗବର୍ଣ୍ଣମେଣ୍ଟ ଏହି ଆଇନାନୁସାରୀ ଜାରି ହୋଇଥିବା ନୋଟିସର ମିଆଦ ବଢ଼ାଇବା କାରଣ ପ୍ରସ୍ତାବ କାହାନ୍ତି ତେଣୁ ତହିଁ ଉପରୁ ଯେ ବଢ଼ାଇବାକୁ ହେବ ଏମନ୍ତ କିଛି କଥା ନାହିଁ । ତଥାପି କଲିକତାଠାରେ ଏହାର ଶେଷ ନିଷ୍ପତ୍ତି ହେବା ଉଚିତ ଏବଂ ବର୍ତ୍ତମାନ କେବଳ ଚଳନ୍ତାର ସମ୍ମାନ ମିଆଦ ବଢ଼ାଇବା ବାଞ୍ଛନୀୟ । ଏହା କହି ପାଣ୍ଡୁଲିପି ଅର୍ପଣ କଲାରୁ ସଭ୍ୟମାନଙ୍କ ମଧ୍ୟରେ ମାନ୍ୟବର ଗୋଖେଲ ଓ ମାନ୍ୟବର ଭୂପେନ୍ଦ୍ର ନାଥ ବସୁ ମାନ୍ୟବର ମଦନମୋହନ ମାଳବ୍ୟ ପ୍ରଭୃତି ଜଣ ୧୨ ବେସରକାରୀ ମେମ୍ବର ଉକ୍ତ ଆଇନର ବିପକ୍ଷରେ ସୁନ୍ଦର ଯୁକ୍ତିସିଦ୍ଧ ବକ୍ତୃତା କରିଥିଲେ । ମାନ୍ୟବର ଗୋଖେଲ ମହାଶୟ କହିଲେ ଯେ ଆଇନ କରିବା ଏକ କଥା ମାତ୍ର ତାହା ଚଳାଇବା ସ୍ୱତନ୍ତ୍ର ଏବଂ ମୁଦ୍ରାଯନ୍ତ୍ର ଆଇନ ସମ୍ବନ୍ଧରେ ଦେଖାଯାଇ ଅଛି ଯେ ପୁରାତନ ମୁଦ୍ରା ଯନ୍ତ୍ର ବା ସମ୍ବାଦପତ୍ର ତହିଁ ମଧ୍ୟରେ ନ ଆସିଲେ ନୂଆ ସେମାନଙ୍କଠାରୁ ଜାମିନ ତଲବ କରିବାରେ ଅନେକ ହାକିମ ବ୍ୟସ୍ତ ହେଲେ ଏବଂ ପରିଶେଷେ ଗବର୍ଣ୍ଣମେଣ୍ଟଙ୍କୁ ଆଦେଶ ପ୍ରଚାର କରିବାକୁ ପଡିଲା । ସଭା ସମିତି ବନ୍ଦ ସମ୍ବନ୍ଧୀୟ ଆଇନ ହେବାବେଳେ ତାହା ଅନେକ ଦିନ ଜାରୀ ହୋଇ ନ ରହିବାର ଆଶା ଦିଆଯାଇଥିଲା କିନ୍ତୁ ଏବେ ବର୍ତ୍ତମାନ ଦେଶର ଅବସ୍ଥା ଅନେକ ପରିବର୍ତ୍ତିତ ହୋଇ ଶାନ୍ତି ବିରାଜିତ ହୋଇଥିବା ସ୍ଥଳେ ଏହା ପ୍ରଚଳିତ ରଖିବା ଯୁକ୍ତିସଙ୍ଗତ ନୁହଇ । ମହାମାନ୍ୟ ଲର୍ଡ ମିଣ୍ଟୋ ମହୋଦୟ ପାଞ୍ଚବର୍ଷକାଳ ଭାରତର ଶାସନକାର୍ଯ୍ୟ ଚଳାଇ ପ୍ରଭୂତ ଅଭିଜ୍ଞତା ଲାଭ କରି ଯେବେ ଏ ଆଇନ ବନ୍ଦ କରି ଯାଇ ନ ପାରିଲେ ତାଙ୍କର ଉତ୍ତରାଧିକାରୀ ଭାରତର ଅବସ୍ଥାରେ ଅନଭିଜ୍ଞ ଥାଇଁ ଏଠାକୁ ନୂତନ ହୋଇ ଆସି ଯେ ତାହା ବନ୍ଦ କରିବେ ଏହା କଦାପି ସମ୍ଭବ ନୁହଇ । ଫଳତଃ ଆଇନଟି ଏହିପ୍ରକାର ଚିରସ୍ଥାୟୀ ହେବାକୁ ବସିଲା । ଏ ଭଳି ଦମନନୀତି ସମ୍ବଳିତ ଆଇନଜାରି ରହିଲେ ଦେଶର ଅବସ୍ଥା ଉନ୍ନତ ହୋଇ ପାରିବ ନାହିଁ କିମ୍ବା ଗବର୍ଣ୍ଣମେଣ୍ଟଙ୍କ କାର୍ଯ୍ୟ ସମ୍ବନ୍ଧରେ ସମୁଚିତ ସମାଲୋଚନା ସମ୍ଭବ ନୁହେ । ଅନ୍ୟ ବେସରକାରୀ ଓ ସରକାରୀ ସଭ୍ୟମାନେ ଆଇନର ସପକ୍ଷରେ ମତ ଦେଲାରୁ ମାନ୍ୟବର ଜେନ୍କିନ୍ସ ମହୋଦୟ ତହିଁର ଉତ୍ତରରେ ଦେଶର ଅବସ୍ଥା ଅନେକ ପରିମାଣରେ ଶାନ୍ତ ହୋଇଥିବାର ସ୍ୱୀକାରପୂର୍ବକ କହିଲେ ଯେ ଅଦ୍ୟାପି ରାଜଦ୍ରୋହୀ ଦଳ ନିର୍ମୂଳ ହୋଇ ନାହାନ୍ତି ଏବଂ ସେମାନେ ଅନେକ ଚକ୍ରାନ୍ତ କରି ପ୍ରକୃତ ରାଜଦ୍ରୋହ କାର୍ଯ୍ୟର ସୂତ୍ରପାତ କରୁଅଛନ୍ତି । ଏବେ ୨ ସ୍ଥାନରେ ଗୋଟାସପତ୍ରମାନ

Split by PDF Splitter



ନେଇ କୂଅରେ ପକାଇବା ଦ୍ୱାରା ଓଲଟା ହବି ହତ ଯାଉଥିବା ଭଳି ଭ୍ରମାତ୍ମକ କଥାମାନ ଅଶିକ୍ଷିତ ଲୋକଙ୍କ ମଧ୍ୟରେ ରଟାଇ ସରକାରୀ କର୍ମଚାରୀଙ୍କ କାର୍ଯ୍ୟରେ ବାଧା ଦେଉଅଛନ୍ତି । ଏହିସବୁ ଯୁକ୍ତି ଦେଖାଇ ଆଇନ ନିର୍ବନ୍ଧ କରିବାର ପ୍ରସ୍ତାବ କରନ୍ତେ ମହାମାନ୍ୟ ସମ୍ପ୍ରତି ବଡ଼ଲାଟ ମହୋଦୟ ପ୍ରକାଶ କଲେ ଯେ ରାଜଦ୍ରୋହୀ ଦଳ ଅଦ୍ୟ ଦେଶରେ ଥିବା ବିଷୟ ସଭ୍ୟମାନେ ଅସ୍ୱୀକାର କରିପାରିବେ ନାହିଁ । ଆଗଅପେକ୍ଷା ଦେଶର ଅବସ୍ଥା ଭଲ ହୋଇଥିବାର ସଭ୍ୟମାନଙ୍କଠାରୁ ଶୁଣି ସେ ଆନନ୍ଦିତ ହୋଇଅଛନ୍ତି ମାତ୍ର ତାଙ୍କର କାର୍ଯ୍ୟକାଳ ଶେଷ ହୋଇ ଆସିଅଛି ଏବଂ ରାଜଦ୍ରୋହ ସମ୍ବନ୍ଧୀୟ ଆଇନ ଉଠାଇ ଦେଇ ଅବା ତତ୍କାଳ ସକାଶେ ସ୍ଥଗିତ କରି ସେ ତାଙ୍କର ଉତ୍ତରାଧିକାରୀଙ୍କ ହାତ ବାନ୍ଧି ରଖିବା ସଙ୍ଗତ ବିବେଚନା କଲେ ନାହିଁ । ଏ ରକମ ଅତ୍ୟାବଶ୍ୟକୀୟ ଆଇନର ବିଚାର ସିମଲାରେ ହେବା ଠିକ୍ ନୁହେଁ । ଯେଉଁ ବେସରକାରୀ ସଭ୍ୟମାନେ ଏହି ଆଇନର ବିପକ୍ଷରେ ମତ ଦେଲେ ସେମାନେ ନିର୍ଭୟ ଓ ସରଳଭାବରେ ଯୁକ୍ତିସଙ୍ଗତ ତଥା ଯଥାଯୋଗ୍ୟ କଥାମାନ କହିଅଛନ୍ତି ଏବଂ ତାଙ୍କର ସମସ୍ତ କଥାରେ ସେ ଏକମତ ହେଲେହେଁ ସିମଲାଠାରେ ତାହାର ବିଚାର ନ ହୋଇ କଲିକତାର ବର୍ତ୍ତି ଅଧିବେଶନରେ ବିଚାର ହେବା ଦେଶପକ୍ଷେ ଭଲ । କଲିକତାରେ ବିଚାର ହେଲେ ଫଳ କି ହେବ ତାହା ଅବଶ୍ୟ ବୋଲିଯାଇ ନ ପାରେ ତଥାପି ବେଳେବେଳେ ଯେ ତାହା ସାବଧାନତାସହିତ ଦେଶର ଉଚିତ ଅବସ୍ଥା ଦେଖି ବିଚାର ହେବ ଏଥିରେ ସନ୍ଦେହ ନାହିଁ । ଅତଃପର ମହାମତ ନିଆଯାଇ ଅଧିକାଂଶ ସଭ୍ୟଙ୍କ ମତରେ ଆଇନଟି ବିଧିବଦ୍ଧ ହେଲା ଏବଂ ବର୍ତ୍ତି ସାମୟିକ ଅଧିବେଶନ ହୋଇ ସଭା ଭାଙ୍ଗିଲା । କର୍ତ୍ତାଙ୍କ ବିଚାର ଉପରେ ଆମ୍ଭେମାନେ ହାତ ଦେଇ ନ ପାରୁଁ ମାତ୍ର ଆମ୍ଭମାନଙ୍କ ହୃଦୟରେ ମହାମାନ୍ୟ ଲର୍ଡ଼ ମିଣ୍ଟୋ ମହୋଦୟ ବିଶେଷ ସମ୍ମାନ ସହିତ ଯେମନ୍ତ ନରମ ଗରମରେ ଶାସନକାର୍ଯ୍ୟ ଚଳାଇ ଅଶାନ୍ତି ତିରୋହିତ କଲେ ସେମନ୍ତ ଏହି ଆଇନ ତଥା ମୁଦ୍ରାଯନ୍ତ୍ରସମ୍ବନ୍ଧୀୟ ଆଇନ ଉଠାଇ ଦେଇଯାଉଥିଲେ ଦେଶର କିଛିମାତ୍ର ଅମଙ୍ଗଳ ଘଟନ୍ତା ନାହିଁ ଅଥଚ ତାଙ୍କର ନାମ ଭାରତବାସିଙ୍କ ହୃଦୟରେ ପ୍ରାତଃସ୍ମରଣୀୟ ହୋଇ ରହନ୍ତା ।

—※—

( ପ୍ରାପ୍ତ )

## ବିଦାୟ ସଭା ।

କଲିକତାର ଉତ୍କଳୀୟ ଛାତ୍ରମାନେ ଗଭର୍ଣ୍ଣମେଣ୍ଟ ଓଡ଼ିଆ ମେସରେ ଏକତ୍ରିତ ହୋଇ ଗତ ୧୪ ତାରିଖ ରବିବାର ଦିନ ଶ୍ରୀଯୁକ୍ତ ହେମଚନ୍ଦ୍ର ଶତପଥିଙ୍କର ବିଲାତ ଯାତ୍ରା ଉପଲକ୍ଷରେ ଏକ ବିଦାୟସଭା କରିଥିଲେ । ଅତି ଅଳ୍ପଦିନ ସକାଶେ ସେ କଲିକତାକୁ ଆସିଥିବାରୁ ଏବଂ ସେଥିମଧ୍ୟରୁ ବେଶୀ ସମୟ ସଭାସକାଶେ ଦେଇପାରି ନ ଥିଲେ ତାହାଙ୍କ ବନ୍ଧୁମାନଙ୍କର ଅନୁରୋଧ ରକ୍ଷା କରି କେତେକ ବନ୍ଧୁଙ୍କ ସହିତରେ ସେ ରବିବାର ଦିନ ସ ୨ ଘଣ୍ଟା ସମୟରେ ଭବାନୀପୁରରୁ ଆସି ମେସରେ ପହଞ୍ଚିଲେ । ତାଙ୍କୁ ଦେଖିବା ନିମିତ୍ତ ତାଙ୍କର ବନ୍ଧୁମାନେ ବ୍ୟଗ୍ରତାପୂର୍ବକରେ ବସି ରହିଥିଲେ । ପହଞ୍ଚିବା ମାତ୍ରକେ କେତେକ ସମୟ କଥାବାର୍ତ୍ତାରେ ଗଲା । ତାପରେ ଠିକ୍ ଅପରାହ୍ଣ ସମୟରେ ସଭାର କାର୍ଯ୍ୟ ଆରମ୍ଭ ହେଲା । ଶ୍ରୀଯୁକ୍ତ ବୈକୁଣ୍ଠନାଥ ଦାସ ବି. ଏ. ମହାଶୟ ସଭାପତିର ଆସନ ଗ୍ରହଣ କରିଥିଲେ । କଲିକତାର ସମସ୍ତ ଉତ୍କଳୀୟ ଛାତ୍ରଙ୍କ ବ୍ୟତୀତ ନବାଗତ କେତେକ ସମ୍ବଲପୁରର ଭଦ୍ରବ୍ୟକ୍ତି ସଭାରେ ଯୋଗଦାନ କରିଥିଲେ । ସର୍ବପ୍ରଥମେ ସଭାଙ୍କ ଉଦ୍ଦେଶ୍ୟରେ ଲିଖିତ ଗୋଟିଏ ସଙ୍ଗୀତ ହରମୋନିୟମ ସହଯୋଗରେ ଜଣେ ଛାତ୍ର ଗାଇଥିଲେ । ତତ୍ପରେ ଅଭିନନ୍ଦନ ପତ୍ର ପଠିତ ହୋଇଥିଲା । ତାହାର ପ୍ରତିଲିପି ଏହି :—

ସୋଦରପ୍ରତିମ ଶ୍ରୀଯୁକ୍ତ ହେମଚନ୍ଦ୍ର ଶତପଥି
ସୁହୃଦ୍ ବରେଷୁ

ଭାଇ,

ଆଜି ଭାରତର ଗୃହଦ୍ୱାରରେ ନବଜାଗରଣ । ଏ ଜାଗରଣ ମଧ୍ୟରେ ଓଡ଼ିଶାର ସ୍ଥାନ ନାହିଁ କହିଲେ ଚଳେ । ସେଥିମଧ୍ୟରେ ତୁମ୍ଭର ବିଦେଶ ଗମନ ଓ ଜ୍ଞାନ ଅର୍ଜ୍ଜନ ପ୍ରତି ଏ ଅନୁରାଗ ଆମ୍ଭମାନଙ୍କ ପ୍ରତି ଅତି ଆନନ୍ଦର ସମ୍ବାଦ ଏହା କହିବା ବାହୁଲ୍ୟ ମାତ୍ର । ପ୍ରଭୁ ତୁମ୍ଭର ଯାତ୍ରା ନିରାପଦ କରି ତୁମ୍ଭର ହୃଦ୍‌ଗତ ବାସନା ପୂର୍ଣ୍ଣ କରି ଶୀଘ୍ର ତୁମ୍ଭଙ୍କୁ ସ୍ୱଦେଶକୁ ଫେରାଇ ଆଣନ୍ତୁ ଏବଂ ଆମ୍ଭେମାନେ ତୁମ୍ଭର ସାହଚର୍ଯ୍ୟ ଲାଭ କରି ଧନ୍ୟ ହେଉଁ ।

ସ୍ୱଦେଶର ମଙ୍ଗଳସାଧନ ନିମିତ୍ତ ଜନର ନାନାବିଧ ବାଧା ବିଘ୍ନ ନ ମାନି, ଅଳ୍ପକାଳ ନିମିତ୍ତ ହେଉ ପଛକେ ଆତ୍ମୀୟ ସ୍ୱଜନଙ୍କର ସ୍ନେହ ମମତା ଛାଡ଼ି ତୁମ୍ଭେ ଅସୀମ ସାହସରେ ବିଦେଶଗମନ ନିମିତ୍ତ କୃତସଙ୍କଳ୍ପ ହୋଇଅଛ । ଯାଅ, ଭାଇ, କର୍ତ୍ତବ୍ୟର ପଥ ସରଳ ନ ହେଲେହେଁ ତାହା ଯେ ସୁନ୍ଦର ଏବଂ ଶେଷରେ ମଙ୍ଗଳ ବିଧାୟକ ଏଥିରେ ସନ୍ଦେହ ନାହିଁ । ତୁମ୍ଭେ କର୍ତ୍ତବ୍ୟକୁ ଗୁରୁ ଆଉ ସବୁ ଭୁଲି ପାରିଅଛ ଏଥିନିମିତ୍ତ ଆମ୍ଭେମାନେ ତୁମ୍ଭଙ୍କୁ ହୃଦୟ ସହିତ ଅଭିବାଦନ କରୁଅଛୁଁ ।

ଆଜି ତୁମ୍ଭଙ୍କୁ ଅଭିବାଦନ କରିବା ସଙ୍ଗେ ସଙ୍ଗେ ମଧ୍ୟ ତୁମ୍ଭର ପିତାମାତା ପ୍ରଭୃତି ଗୁରୁଜନମାନଙ୍କ ପ୍ରତି ଆମ୍ଭମାନଙ୍କର ସ୍ନେହ ଭକ୍ତି ଜଣାଇବାର କଥା । ସେମାନେ ତୁମ୍ଭପ୍ରତି ସେମାନଙ୍କର ସକଳ ସ୍ନେହ ଭୁଲି ସମାଜର ମଙ୍ଗଳସାଧନ ନିମିତ୍ତ ଯେଉଁ ମହାପ୍ରାଣତାର ନିଦର୍ଶନ ଦେଇଅଛନ୍ତି, ତାହା ପ୍ରତ୍ୟେକ ଉତ୍କଳ ଗୃହସ୍ଥର ଅନୁକରଣୀୟ,

ଯାଅ, ଭାଇ, ଯାଅ । ନିଜର ଲକ୍ଷ୍ୟପ୍ରତି ଦୃଷ୍ଟି ରଖି ସ୍ୱଦେଶର ଅତୀତଗୌରବ ଓ ଅନ୍ଧକାରପୂର୍ଣ୍ଣ ବର୍ତ୍ତମାନକୁ ଭୁଲିବ ନାହିଁ। ବିଦେଶୀୟ ଓ ବିଜାତୀୟ ସଂସର୍ଗରେ କୌଣସିପ୍ରକାରେ ଆପଣାକୁ ହୀନ କରିବାକୁ ଦେବନାହିଁ । ସତ୍ୟ, ନ୍ୟାୟ ଓ ମଙ୍ଗଳର ପଥକୁ ଶ୍ରେୟ ପଥ ଜାଣି ପ୍ରେୟକୁ ପ୍ରାଣପଣରେ ଛାଡ଼ିବ ।

ସେ ଦିନ ନିଶ୍ଚୟ ସୁଖକର ହେବ ଯେଉଁଦିନ ତୁମ୍ଭେ ବିଦେଶଲବ୍ଧ ନାନାଜ୍ଞାନ ବିଜ୍ଞାନ ମଣ୍ଡିତ ହୋଇ ଆମ୍ଭମାନଙ୍କ ସଙ୍ଗ ଆସି ମିଶିବ । ସେହି ଗୌରବମୟ ଦିନପ୍ରତି ଚାହିଁ ବସିଅଛୁଁ ।

ପ୍ରଭୁ ସେହି ସୁଦିନ ସନ୍ନିକଟବର୍ତ୍ତୀ କରନ୍ତୁ । ଇତି

କଲିକତା<br>ତା ୧୪।୮।୧୯୧୦ } ତୁମ୍ଭର ଭାଇ<br>କଲିକତାର ଉତ୍କଳୀୟ<br>ଛାତ୍ରବୃନ୍ଦ ।

ଅଭିନନ୍ଦନପତ୍ର ପଠିତହେବା ପରେ ସଭା ଉପଲକ୍ଷରେ ଲିଖିତ ଗୋଟିଏ ଓଡ଼ିଆ କବିତା ପଠିତ ହେଲା ଏବଂ କେତେକ ବନ୍ଧୁ ସେମାନଙ୍କର ନିଜନିଜର ମନ୍ତବ୍ୟ ବ୍ୟକ୍ତ କରିଥିଲେ । ଏ ସବୁ ଶୁଣିବା ପରେ ସଭାପତିଙ୍କ ଅନୁରୋଧ କ୍ରମେ ଶ୍ରୀଯୁକ୍ତ ଶତପଥୀ ସଂକ୍ଷିପ୍ତ ଭାବରେ ନିଜର ମନୋଭାବ ବ୍ୟକ୍ତ କରିଥିଲେ । ତାଙ୍କ ସକାଶେ ପ୍ରତ୍ୟେକ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବାକୁ ବନ୍ଧୁମାନଙ୍କୁ ଅନୁରୋଧ କରି ଏବଂ କୃତକାର୍ଯ୍ୟ ହୋଇ ସ୍ୱଦେଶକୁ ଫେରିଆସିଲେ ନିଜର ଦରିଦ୍ର ଦେଶପାଇଁ ନିଜର ଶକ୍ତିସାମର୍ଥ୍ୟ ଦେବା ପାଇଁ ଅଙ୍ଗୀକାର କରି ହୃଦୟର ଭାବ ବାହୁଲ୍ୟ ହେତୁରୁ ବେଶୀ କିଛି କହିପାରିବେ ନାହିଁ ବୋଲି ବ୍ୟକ୍ତ କରିଥିଲେ । ତତ୍ପରେ ସଭାପତି ମହାଶୟ ଦୁଇ ଚାରୋଟି ସୁନ୍ଦର କଥାରେ ଆପଣାର ବକ୍ତବ୍ୟ ଶେଷ କରିଥିଲେ । ଶେଷରେ ଗୋଟିଏ ବିଦାୟସଂଗୀତ ହୋଇ ସଭା ଭଙ୍ଗ ହେଲା । ହେତୁର ସମସ୍ତେ ସାମାନ୍ୟ ମିଷ୍ଟାନ୍ନ ଭୋଜନ କରିଥିଲେ, ପୂର୍ବରୁ ବନ୍ଧୁମାନଙ୍କ ସଙ୍ଗରେ ଶ୍ରୀଯୁକ୍ତ ଶତପଥିଙ୍କର ଫଟୋ ନେବାର ବନ୍ଦୋବସ୍ତ ହୋଇଥିଲା

Digitized by srujanika@gmail.com

ନୂତନ ପୁସ୍ତକ !! ନୂତନ ନାଟକ !!

# "ବାଲୁକାପିଣ୍ଡ" ।

ପରମ ଉପାଦେୟ ବାଲିକା ଚରିତ ସମ୍ପୁଣର ସତୀ ଶିରୋମଣି ୬ ସୀତାଦେବୀ କର୍ତ୍ତୃକ ଶ୍ରୀରାମଙ୍କ ଉଦ୍ଦେଶ୍ୟରେ ବାଲିପିଣ୍ଡଦାନ ଘଟଣାକୁ ଅବଲମ୍ବନ କରି ନାଟକାକାରରେ ପୁସ୍ତକ ନୀତିସହ ଲିଖିତ ହୋଇଅଛି । ଏ ପୁସ୍ତକ ଯେ ବହୁଜନପ୍ରଶଂସିତ ତାହା ନିମ୍ନରେ ଲେଖାଯାଇ ପତ୍ରର ଉଦ୍ଧୃତାଂଶରୁ ଜଣାଯିବ, ଯଥା—

ଶ୍ରୀଯୁତ ଢେଙ୍କାନାଳାଧୀଶ୍ୱର— * *
I may say that on the whole I have been pleased with it * *

ଶ୍ରୀଯୁତ ମୟୂରଭଞ୍ଜାଧୀଶ୍ୱର— * *
It is written quite of the pace of a rising author, destined to leave his mark in the field of Uria literature * *

ଶ୍ରୀଯୁତ ଅଠଗଡ଼ାଧୀଶ୍ୱର— * *
ଏହିପରି ଅଧିକ ନାଟକ ରଚନା କରି ଉତ୍କଳ ଭାଷାର ଶ୍ରୀବୃଦ୍ଧି ସାଧନ କରନ୍ତୁ ।

ବାମଣ୍ଡାର ସ୍ୱନାମଧନ୍ୟ ରାଜଭ୍ରାତା
ଶ୍ରୀ ବଳଭଦ୍ର ଦେବ ବର୍ମ୍ମ ଠାକୁର * *
ନାଟକଙ୍କ ଭାଷା ସୁଲଳିତ ଓ ସରଳ ଏଣୁ ବଡ଼ ମନୋଜ୍ଞ ହୋଇଅଛି । ପୁଣ୍ୟ ଶ୍ଳୋକ ବାଲ୍ମୀକିଙ୍କୁ ଅବଲମ୍ବନରେ ଆପଣ ଯେଉଁ ସୁନ୍ଦର ପ୍ରଣୟନ କରିଅଛନ୍ତି ମୁଁ ଏଥି ନିମନ୍ତେ ସାଧୁବାଦ ଦେଉଅଛି ।

ଶ୍ରୀଯୁତ ଗୋପାଳଚନ୍ଦ୍ର ପ୍ରହରାଜ ବି,ଏଲ **
I predict that if you persevere in your attempt, your productions will be valuable additions to the drmatic literature cf Orissa

ଶ୍ରୀଯୁତ ଶଶିଭୂଷଣ ରଥ— * *
ଆପଣଙ୍କ ଏହି ଲେଖା ସର୍ବାଂଶେ ହୃଦୟଗ୍ରାହୀ ଓ ଅତି ଉତ୍ତମ ହୋଇଅଛି ।

ଏହା ବ୍ୟତୀତ ପ୍ରଧାନ ସାହିତ୍ୟ ସେବକ ବାବୁ ଶ୍ରୀ ପଣ୍ଡିତ ମୋହନ ସେନାପତି ଓ ବାବୁ ରାମପାଳ ମିଶ୍ର ବି, ଏଲ ପ୍ରମୁଖ ବହୁ ବ୍ୟକ୍ତି ଏ ପୁସ୍ତକ ସମ୍ବନ୍ଧେ ଭୂୟସୀ ପ୍ରଶଂସା କରି ଅଭିମତ ଦେଇଅଛନ୍ତି । ସେମାନ ବହୁଳ ଥିବାରୁ ସ୍ଥାନାଭାବ ବଶତଃ ଏଠାରେ ସନ୍ନିବେଶ ହୋଇ ନ ପାରିଲା ।

୭୦ ପୃଷ୍ଠା ବିଶିଷ୍ଟ ଏହି ପୁସ୍ତକର ମୂଲ୍ୟ ଙ୍କ ୦ ଚାରି ଅଣା ମାତ୍ର । ଏ ପୁସ୍ତକ ସଙ୍ଗେ ଯେଉଁମାନେ ୦ ଚାରି ଅଣା ମୂଲ୍ୟର ଅତୀବ ରଙ୍ଗରହସ୍ୟପୂର୍ଣ୍ଣ ସର୍ବଜନ ପ୍ରଶଂସିତ ନବୀନ ପୁସ୍ତକ "ଦମାଲ୍ ମହାପାତ୍ର" କ୍ରୟ କରିବେ ସେମାନଙ୍କୁ ଆଗାମୀ ଅଗଷ୍ଟ ଶେଷ ସୁଦ୍ଧା ଉଭୟ ପୁସ୍ତକ ଡାକ ମାସୁଲ ବାଦ ୦ । ୬ ମୂଲ୍ୟରେ ଦିଆଯିବ । ନିମ୍ନ ସ୍ୱାକ୍ଷରକାରୀଙ୍କଠାରେ ପ୍ରାପ୍ତବ୍ୟ ।

*Chandra Sakhar Pany*
*Examiner of Accounts*
*Dhenkanal, Orissa*

*25 5-10*

# NOTICE.

## SAVE YOUR EYE SIGHT.



"D" shaped Eye preservers fitted with best tinted optical flat glass in nickle frame from Rs 5 - to Rs 8-8
" " with 2nd quality glass " 3-8

**PEBBLES.**

Pebble spectacles in metal frame " 4-8
" " Best quality in nickle from Rs 5-8 to " 10
" " Rolled Gold Rs 10 to " 15

*ASTIGMATIC LENSE*
prices on application

Do not use cheap spectacles
The Eye is the most delicate ORGAN AND MUST HAVE THE BEST.

## WILLIAM PIRES,

Registered optician
of the British Optical Association
OF
**LONDON.**

*1910 PATTERN.*



Complete with tools, gas-lamp, bell.

| | |
|---|---|
| Fitted with Continental tyre | Rs 80 |
| " " Dunlop ... | " 85 |
| " " French Red ... | " 95 |

discount 5% for Cash
Credit to approved customes

——0——

Carriage Rubber Tyres I can new rubber tyre carriages at 25 % cheaper than Calcutta charges and also a saving of Rail charges.

WILLIAM PIRES.
Opposite Union Club, Mission Road,
**CUTTACK.**

ନିମ୍ନଲିଖିତ ଠିକଣାରେ ବାଇସେକଲ, ଚଷମା ଏବଂ ଘଣ୍ଟା ଘଡ଼ିର ଭଲ ସନ୍ଧାନ ଖବର ପାଇ ପାରିବ ।

ଉଇଲିୟମ ପାୟାରସ୍,
ମିଶନ ରୋଡ଼
କଟକ

# NOTICE

A large commodious house with ample grounds (area about one acre) called the Ghumsar Kotha belonging at present to the Chaudhuries of Bhingarpur and formerly partly to the Tributary Raja of Keonjhor situated on Revenue and rent free land immediately on the Baradanda (i e. the great Jaggannath Car road at Puri) with the temple of Jaggannath directly in sight, will be sold by public auction on the 6th of September next at 2 P M. at the said house. The house is fit for the residence of Rajas, Ranies and other noble men and ladies desireous of living permanently or occasionally at Puri or for the Establishment of such charitable institutions as pilgrim rest houses, annachhatras, pilgrim hospitals &c. &c. The great Rath Jatra (i.e. the Jaggannath Car festival procession) passes along the front of the house.

The house was put up to sale in accordance with previous advertisement on the 15 March last but as all the bidders could not attend on that date, the bids were not accepted by the District Judge. The bid this time will be held for 3 days continuously if necessary from the 6th Sept. 1910. The District Judge is expected to be present at Puri on the occasion.

Other particulars may be had on application to the undersigned.

Cuttack, 28-710

H. N. Ray,
Common Manager
Bhingarpur Ch's. Estate
under the District. Judge
Cuttack.
Postal address
Hemendra Nath Ray
Common manager
Cuttack

# ବିଜ୍ଞାପନ ।

ଯେ କୌଣସି ଡାକ୍ତର ବ୍ୟବସାୟୀ ବା ଅନ୍ୟ ବ୍ୟକ୍ତି ଗୋମାଂସ ଭକ୍ଷଣର କୁଫଳ ବିଷୟରେ ଉତ୍କୃଷ୍ଟ ପ୍ରବନ୍ଧ ଲେଖିବ ଏବଂ ଗୋମାଂସ ଭକ୍ଷଣରେ ଯକ୍ଷ୍ମା, କୁଷ୍ଠ ଏବଂ ସେପ୍ରକାର ଅନ୍ୟାନ୍ୟ ରୋଗ ହେବାର ପ୍ରମାଣ ଦର୍ଶାଇବ ତାହାକୁ ଟ ୧୦୦୦୧ ଙ୍କା ପୁରସ୍କାର ଦିଆଯିବ । ଏ ପ୍ରବନ୍ଧ ସନ ୧୯୧୦ ସାଲ ଡିସେମ୍ବରମାସ ତା ୩୦ ରଖ ଅଥବା ତହିଁପୂର୍ବେ ଶ୍ରୀଯୁକ୍ତ ଏଂ ସେଦଜ ସୋରବଜ ସଦରବଜାର କଟକ ଠିକଣାରେ ପଠାଇବେ ଅନ୍ୟାନ୍ୟ ବିଷୟ ତାହାଙ୍କ ପତ୍ରଦ୍ୱାରା ବୁଝିବ ।

ଶ୍ରୀ ଜେ, ଏଚ୍, ଯଶାବା

Split by PDF Splitter



NOTICE.

WANTED, for the Lady Fraser Girl's School at Baripada, Mourbhanj State, a qualified Head Mistress on Rs 20 per month (rising to Rs 30) with free quarters. Applicants should state age, residence, qualifications and experience and submit copies of testimonials. The selected candidate shall have to join at once. Apply to the undersigned by the 15th September 1910

Baripada, 20-8-1910 | S. N. Chakravarti, Superintendent of Education, Mourbhanj State

ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଓଡ଼ିଶା ଡିଭିଜନ୍ ବନ୍ଦୋବସ୍ତ ସବ ସେଟେଲ୍ମାର, ଅ: ସେଟଲାର, ଡ୍ରାଫ୍ଟ ପବ୍ଲିକେସନ୍ ଡାଇରେକ୍ଟର ଓ ରେକର୍ଡ କିପର୍ ଅସିଷ୍ଟାଣ୍ଟ; ଡେମନ୍ଷ୍ଟ୍ରେଟର ଡାଃ ୧୨ଟଙ୍କାରୁ ଅବଶ୍ୟକ ହେବେ । କାର୍ଯ୍ୟପ୍ରାର୍ଥୀମାନେ ନିଜର ପ୍ରଶଂସାପତ୍ର ନକଲ ସହିତ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟ ସେପ୍ଟେମ୍ବର ତା ୨୦ ରଖ ପୂର୍ବରୁ ଅବେଦନପତ୍ର ପଠାଇବେ । ଇତି । ତା ୨୨।୮।୧୦

Brahmananda Das
Assistant Settlement officer
at Hd. quarters

# ଉତ୍କଳ ଦୀପିକା ।

## Mr. Roosevelt on Citizenship.

The Ex-President Mr. Theodore Roosevelt delivered a remarkable address at the Sorbonne, Paris, on 23rd April last. A full text of the address has been published in the Hindustan Review, July number. We have not space here to quote the address in *extenso*. It has made an immense impression in Europe and America. One of the leading journals remarks,—"No nobler lesson of Civic duty ever fell from human lips". No greater eulogy could have been bestowed on Mr. Roosevelt. We quote from his address a few passages which we trust will be appreciated by our readers.

"Let those who have keep, let those who have not strive to attain a standard of cultivation and scholarship, yet let us remember that these stand second to certain other things. There is need of a sound body; and even more need of a sound mind. But above mind and above body stands character—the sum of those qualities which we mean when we speak of a man's force and courage, of his good faith and sense of honour. * * * * We must ever remember that no keenness or subtleness of intellect, no polish no cleverness, in any way make up for the lack of solid qualities. Self-restraint, self-mastery, common sense, the power of accepting individual responsibility and yet of acting in conjunction with others, courage and resolution—these are the qualities which mark a masterful people. Without them no people can control itself, or save itself from being controlled from the outside. * * * * Character must show itself in the man's performance both of the duty he owes himself and of the duty he owes the State. The man's foremost duty is owed to himself and his family; and he can do this duty only by earning money, by providing what is essential to material well-bieng; it is only after this has been done that he can hope to build a higher superstructure on the solid material foundation; it is only after this has been done that he can help in movements for the general well-being. He must pull his own weight first, and only after this can his surplus strength be of use to the general public. * * Nevertheless, while laying all stress on this point, let us with equal emphasis insist, that this material well-being represents nothing but the foundation, though indispensable, is worthless unless upon it is raised the superstructure of a higher life. That is why I decline to recognise the mere multi-millionaire, the man of mere wealth as an asset of value to any country. If he has earned or uses his wealth in a way that makes him of real benefit, of real use—why, then he does become an asset of worth. * * * The man who, for any cause for which he is himself accountable, has failed to support himself and those for whom he is responsible, ought to feel that he has fallen lamentably short of his prime duty. But the man who, having far surpassed the limit of providing for the wants, of himself and of those depending upon him, piles up a great fortune, for the acquisition or retention of which he returns no corresponding benefit to the nation as a whole, should himself be made to feel, that so far from being a desirable, he is an unworthy citizen of the community; that he is to be neither admired nor envied."

As to journalists, he says—"The power of the journalist is great, but he is entitled neither to respect nor admiration because of that power unless it is used aright. He can do, and he often does, great good. He can do, and he often does, infinite mischief. All journalists, all writers should bear testimony against those who deeply discredit it. Offences against taste and morals, which are bad enough in a private citizen, are infinitely worse if made into instruments for debauching the community through a news-paper. Mendacity, slanders sensationalism, inanity, rapid triviality, all are potent factors for the debauchery of the public mind and conscience. The excuse advanced for vicious writing, that the public demands it, can no more be admitted than if it were advanced by the purveyors of food who sell poisonous adulterations." * * * "If a man's effeciency is not guided and regulated by a moral sense, then the more effecient he is, the worse he is, the more dangerous to the body politic. Courage, intellect, all the masterful qualities, serve but to make a man more evil if they are used merely for that man's own advancement, with brutal indifference to the rights of others."

---

ଗତ ତା ୧୮ ରଖରେ ଶେଷ ହେବା ସପ୍ତାହରେ ଆରବସାଗର ଏବଂ ବଙ୍ଗସାଗର ଉଭୟ ବର୍ଷା ହେବା ଲାଗି ଥିଲା । ଅରବସାଗର ସ୍ରୋତହେତୁ ବହାର ଯୁକ୍ତପ୍ରଦେଶ ଓ ଦକ୍ଷିଣୋତ୍ତରରେ ଏବଂ ବଙ୍ଗୀୟ ସ୍ରୋତଦ୍ୱାରା ଦକ୍ଷ ପୂର୍ବ ଅଞ୍ଚଳରେ ବର୍ଷା ହୋଇଥିଲା । ବର୍ଷାର ପରିମାଣ ଅଧିକ ଥିଲା ଯଥା ଉ୧୧ ଗୋଡ଼ର ହୋଇଥିଲା । ମଧ୍ୟପ୍ରଦେଶ ଓ ବମ୍ବା ପ୍ରଭୃତ ଜଳ ପଡ଼ିଥିଲା ।

—※—

ଗତ ତା ୧୩ ରଖରେ ଶେଷ ହେବା ସପ୍ତାହରେ ଭାରତରେ ପ୍ଲେଗରୋଗରେ ମୃତ୍ୟୁ ୧୦୩୭ ଥିଲା ଯେ ତହିଁ ମଧ୍ୟରେ ବମ୍ବେର ୩୧୩ ହାଇଦ୍ରାବାଦ ୨୩୩ ଯୁକ୍ତପ୍ରଦେଶ ୧୨୧ ମଧ୍ୟପ୍ରଦେଶ ୭୦ ଏବଂ ବଙ୍ଗ ୭୬ ଉଲ୍ଲେଖଯୋଗ୍ୟ । ଏ ସମସ୍ତ ପ୍ରଦେଶରେ ପୂର୍ବ ସପ୍ତାହପ୍ରତି ମୃତ୍ୟୁ ବଢ଼ିଅଛି । ମାନ୍ଦ୍ରାଜର ରାଜପୁତାନା ଓ ମଧ୍ୟଭାରତରେ ଅଳ୍ପ ବଢ଼ିଅଛି । କେବଳ ବ୍ରହ୍ମ ଓ ପଞ୍ଜାବରେ କମ ଜଣା ଦେଖାଯାଏ । ପୂର୍ବବର୍ତ୍ତୀ ଗତ ସପ୍ତାହର ମୃତ୍ୟୁ ୭୧୦ ଥିଲା ଏଥର ୩୨୭ ବଢ଼ିଅଛି । ଏଣିକି କ୍ରମେ ବଢ଼ିବାର ଆଶଙ୍କା ହୁଅଇ

—※—

ଏ ବର୍ଷ ଜଗତ୍‌ସିଂହପୁରର ଅଧୀନ ସବରେଜିଷ୍ଟ୍ରାର ଅଫିସ ଗତ ଜୁଲାଇ ମାସ ତା ୨୩ ରଖରୁ ଥାଇ ଏକବର୍ଷ ରହିବାର ବନ୍ଦୋବସ୍ତ ମେଣ୍ଟ ମଞ୍ଜୁର କରିଅଛନ୍ତି । ସେଠାରେ ଯେଉଁ ପରିମାଣ ଦଲିଲ ରେଜିଷ୍ଟ୍ରି ହୁଅଇ ତହିଁରେ ସେ ଅଞ୍ଚଳ ସଦର ସବଡ଼ିଭିଜନ ରେଜିଷ୍ଟ୍ରି ଅଫିସ ରହିବା ଆବଶ୍ୟକ । ହୁଏ ଅଫିସ ଏହି ସ୍ଥାନରେ ନ ହୋଇ ଉକ୍ତ ସ୍ଥାନରେ ହେଲେ କାର୍ଯ୍ୟ ଅଧିକ ବଢ଼ିବା ସମ୍ଭବ !

Digitized by srujanika@gmail.com

Split by PDF Splitter



NOTICE.

WANTED, for the Lady Fraser Girl's School at Baripada, Mourbhanj State, a qualified Head Mistress on Rs 20 per month (rising to Rs 30) with free quarters. Applicants should state age, residence, qualifications and experience and submit copies of testimonials. The selected candidate shall have to join at once. Apply to the undersigned by the 15th September 1910

Baripada, 20-8-1910 — S. N. Chakravarti, Superintendent of Education, Mourbhanj State

ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଓଡ଼ିଶା ରିଭିଜନ୍ ବନ୍ଦୋବସ୍ତ ସଦର ହେଡ଼ ପେସ୍କାର, ଅ: ପେସ୍କାର, ଡ୍ରାଫ୍ଟସମ୍ୟାନ୍ ହେଡ଼ ଡାକେଟେର ଓ ରେକର୍ଡ଼ କିପର୍ ଅସିଷ୍ଟାଣ୍ଟ ନବେମ୍ବର ମାସ ତା ୧ ଦିନଠାରୁ ଆବଶ୍ୟକ ହେବେ । କାର୍ଯ୍ୟପ୍ରାର୍ଥୀମାନେ ନିଜର ପ୍ରଶଂସାପତ୍ର ନକଲ ସହିତ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟ ସେପ୍ଟେମ୍ବର ତା ୨୦ ରଖ ପୂର୍ବରୁ ଆବେଦନପତ୍ର ପଠାଇବେ । ଇତି । ତା ୨୨।୮।୧୦

Brahmananda Das
Assistant Settlement officer
at Hd. quarters

ଉତ୍କଳ ଦୀପିକା ।

## Mr. Roosevelt on Citizenship.

The Ex-President Mr. Theodore Roosevelt delivered a remarkable address at the Sorbonne, Paris, on 23rd April last. A full text of the address has been published in the Hindustan Review, July number. We have not space here to quote the address in *extenso*. It has made an immense impression in Europe and America. One of the leading journals remarks,—"No nobler lesson of Civic duty ever fell from human lips". No greater eulogy could have been bestowed on Mr. Roosevelt. We quote from his address a few passages which we trust will be appreciated by our readers.

Let those who have keep, let those who have not strive to attain a high standard of cultivation and scholarship. yet let us remember that these stand second to certain other things. There is need of a sound body; and even more need of a sound mind. But above mind and above body stands character—the sum of those qualities which we mean when we speak of a man's force and courage, of his good faith and sense of honour. * * * * We must ever remember that no keenness or subtleness of intellect, no polish no cleverness, in any way make up for the lack of solid qualities. Self-restraint, self-mastery, common sense, the power of accepting individual responsibility and yet of acting in conjunction with others, courage and resolution—these are the qualities which mark a masterful people. Without them no people can control itself, or save itself from being controlled from the outside. * * * * Character must show itself in the man's performance both of the duty he owes himself and of the duty he owes the State. The man's foremost duty is owed to himself and his family; and he can do this duty only by earning money, by providing what is essential to material well-bieng; it is only after this has been done that he can hope to build a higher superstructure on the solid material foundation; it is only after this has been done that he can help in movements for the general well-being. He must pull his own weight first, and only after this can his surplus strength be of use to the general public. * * Nevertheless, while laying all stress on this point, let us with equal emphasis insist, that this material well-being represents nothing but the foundation, though indispensable, is worthless unless upon it is raised the superstructure of a higher life. That is why I decline to recognise the mere multi-millionaire, the man of mere wealth as an asset of value to any country. If he has earned or uses his wealth in a way that makes him of real benefit, of real use—why, then he does become an asset of worth. * * * The man who, for any cause for which he is himself accountable, has failed to support himself and those for whom he is responsible, ought to feel that he has fallen lamentably short of his prime duty. But the man who, having far surpassed the limit of providing for the wants, of himself and of those depending upon him, piles up a great fortune, for the acquisition or retention of which he returns no corresponding benefit to the nation as a whole, should himself be made to feel, that so far from being a desirable, he is an unworthy citizen of the community; that he is to be neither admired nor envied."

As to journalists, he says—"The power of the journalist is great, but he is entitled neither to respect nor admiration because of that power unless it is used aright. He can do, and he often does, great good. He can do, and he often does, infinite mischief. All journalists, all writers should bear testimony against those who deeply discredit it. Offences against taste and morals, which are bad enough in a private citizen, are infinitely worse if made into instruments for debauching the community through a news-paper. Mendacity, slanders sensationalism, inanity, rapid triviality, all are potent factors for the debauchery of the public mind and conscience. The excuse advanced for vicious writing, that the public demands it, can no more be admitted than if it were advanced by the purveyors of food who sell poisonous adulterations." * * * "If a man's effeciency is not guided and regulated by a moral sense, then the more effecient he is, the worse he is, the more dangerous to the body politic. Courage, intellect, all the masterful qualities, serve but to make a man more evil if they are used merely for that man's own advancement, with brutal indifference to the rights of others."

---

ଗତ ତା ୧୮ ଦିନରେ ଶେଷ ହେବା ସପ୍ତାହରେ ଆରବସାଗର ଏବଂ ବଙ୍ଗସାଗର ଉପସ୍ଥ ବର୍ଷା ଯୋଗ ଜାଗ୍ରତ ଥିଲା । ଆରବସାଗର ସ୍ରୋତହେତୁ ବିହାର ଯୁକ୍ତପ୍ରଦେଶ ଓ ଦକ୍ଷିଣୋତ୍ତରରେ ଏବଂ ବଙ୍ଗୀୟ ସ୍ରୋତଦ୍ୱାରା ବ୍ରହ୍ମ ପୂର୍ବବଙ୍ଗ ଆସାମରେ ବର୍ଷା ହୋଇଥିଲା । ବର୍ଷାର ପରିମାଣ ଅଧିକ ନଥିଲା ୧୨ ଇଞ୍ଚ ହୋଇଥିଲା । ମଧ୍ୟପ୍ରଦେଶ ଓ ବମ୍ବେ ପ୍ରଭୃତି ଜଳ ପାଇଥିଲା ।

—*—

ଗତ ତା ୧୩ ଦିନରେ ଶେଷ ହେବା ସପ୍ତାହରେ ସାରା ଭାରତରେ ପ୍ଲେଗରେ ମୃତ୍ୟୁ ୧୦୩୨ ଥିଲା ସେ ସବୁ ମଧ୍ୟରେ ବମ୍ବେ ୩୧୩ ହାଇଦରାବାଦ ୨୩୩ ଯୁକ୍ତପ୍ରଦେଶ ୧୨୧ ମଧ୍ୟପ୍ରଦେଶ ୨୦ ଏବଂ ବଙ୍ଗ ୨୭ ଉଲ୍ଲେଖଯୋଗ୍ୟ । ଏ ସମସ୍ତ ପ୍ରଦେଶରେ ପୂର୍ବ ସପ୍ତାହପ୍ରତି ମୃତ୍ୟୁ ବଢ଼ୁଅଛି । ମାନ୍ଦ୍ରାଜର ରାଜସ୍ଥାନ ଓ ମହୀଶୂର ରାଜ୍ୟରେ ଅଳ୍ପ ବଢ଼ିଅଛି । କେବଳ ବ୍ରହ୍ମ ଓ ପଞ୍ଜାବରେ କମୁଥିବା ଦେଖାଯାଏ । ପୂର୍ବ ସପ୍ତାହର ମୃତ୍ୟୁ ୭୧୦ ଥିଲା ଏଥର ୩୨୨ ବଢ଼ିଅଛି । ଏଣିକି ଆହୁରି ବଢ଼ିବାର ଆଶଙ୍କା ହେଉଅଛି

—*—

ଏ ବର୍ଷ ଜଗନ୍ନାଥପୁରର ଅଧିକା ସବ-ରେଜିଷ୍ଟ୍ରାର ଅଫିସ ଗତ ଜୁଲାଇ ମାସ ତା ୧୩ ରିଖରୁ ଆଉ ଏକବର୍ଷ ରହିବାର ବନ୍ଦୋବସ୍ତ ମେଣ୍ଟ ମଞ୍ଜୁର ହୋଇଅଛନ୍ତି । ସେଠାରେ ସେଟଲମେଣ୍ଟ ଦଲିଲ ରେଜିଷ୍ଟ୍ରି ହୁଅନ୍ତେ ଅଫିସରେ ଯେ ଅଧିକ ସମୟ ଧନ୍ଦା ଲୋଡ଼ିବ ରେଜିଷ୍ଟ୍ରି ଦଫ୍ତର ରହିବା ଆବଶ୍ୟକ । ଦୂର ଅଫିସ ଏବେ ସ୍ଥାନରେ ନ ହୋଇ ଉକ୍ତ ସ୍ଥାନରେ ହେବାରୁ କାର୍ଯ୍ୟ ଅଧିକ ବଢ଼ିବା ସମ୍ଭବ !

Digitized by srujanika@gmail.com

Split by PDF Splitter



ଆଗାମୀ ସନ ୧୯୧୧ ସାଲର ସେନସସ ବା ମନୁଷ୍ୟ ଗଣନା ସମ୍ବନ୍ଧରେ ସନ ୧୯୧୦ ସାଲର ୧୬ ନମ୍ବର ଆଇନ ଜାରୀ ହୋଇଅଛି ଓ ତାହାର ନାମ ସନ ୧୯୧୧ ସାଲର ଲୋକ-ଗଣନା ବା ସେନସସ ଆଇନ ହୋଇଅଛି । ଏହି ଆଇନର ଅନ୍ୟାନ୍ୟ ବିଷୟ ମଧ୍ୟରେ ଧା ୫ ଦ୍ୱାରେ ବିଧାନ ହୋଇଅଛି ଯେ ଜିଲ୍ଲା ମାଜିଷ୍ଟ୍ରେଟ ଲିଖିତ ଆଦେଶଦ୍ୱାରା ଯେଉଁ ବ୍ୟକ୍ତିମାନଙ୍କୁ ସେ କାର୍ଯ୍ୟ କରିବା ନିମନ୍ତେ ନିଯୁକ୍ତ କରିବେ ସେମାନଙ୍କୁ ସେ କାର୍ଯ୍ୟ କରିବାକୁ ହେବ । ସେ କାର୍ଯ୍ୟ କରିବାକୁ ଯେଉଁମାନେ ଅସମ୍ମତ ହେବେ ବା ତ୍ରୁଟି କରିବେ ସେମାନେ ଦଣ୍ଡବିଧି ଆଇନର ଧା ୧୮୭ ସ ମତେ ଦଣ୍ଡ ପାଇବେ ।

---

ଆଜକାଲି ଲୋକେ ମନଯାଉଥିବା କଥା ପ୍ରଥମେ ଢାକାରେ ଉଠିଲା । ପୂର୍ବବଙ୍ଗ ଓ ଆସାମଗବର୍ଣ୍ଣମେଣ୍ଟ କୃଷିପରୀକ୍ଷକଙ୍କ ନିକଟକୁ ଘିଅ ପରୀକ୍ଷା କରିବା କାରଣ ପଠାଇଲେ ମାତ୍ର ତହିଁରେ କୌଣସି ସ୍ୱାସ୍ଥ୍ୟହାନି ବା ଅନ୍ୟ ଦୋଷ ଦେଖା ନ ଯିବାରୁ ସେ ବିଷୟ ଲୋକଙ୍କୁ ଜଣାଇ ଦିଆଗଲା । କଲିକତାରେ ମଧ୍ୟ ଏ ସେହି କଥା ଉଠାଯାଇଥିଲା ଏବଂ କେହି ୨ ପାଳଖାଇ ମରିଯିବାର କଥିତ ହୁଏ । ଏ ଦେଶରେ ପୂର୍ବକାଳରୁ ଖାଦ୍ୟ ଧୋଇ ଖାଇବାର ରୀତି ପ୍ରଚଳିତ ଅଛି । ବଜାରରୁ ଧୋଇନେବା ଏବଂ ପାକ ଘୋଡ଼ାଇ ରଖିବା ଜଳ ବା ଲୁଗା ମଧ୍ୟ ପରୀକ୍ଷା କରି ରଖିବା ଉଚିତ । ସ୍ୱାସ୍ଥ୍ୟରକ୍ଷା ବ୍ୟବହାରରେ ବିଧାନ ଭଣାଅଛି । ଫଳରୁ ଏହି ବିଷୟରେ ପାଳଖିଅ ଜଣା ହେଲେ ଉପକାର ଅଛି ।

---

ଆକାଶ ବିମାନଗାମୀ ପଣ୍ଡିତ ହେନ୍ଲେ ମହାଶୟ ଲନାର୍କଠାରେ ୬୨୫୦ ଫୁଟ ଉଚ୍ଚରେ ବିମାନ ଚଳାଇ ଥିବାର କଥିତ ହୁଏ । ପୃଥିବୀ ମଧ୍ୟରେ ଅନ୍ୟ କେହି ପଣ୍ଡିତ ଏତେ ଉଚ୍ଚରେ ବିମାନ ଚଳାଇ ନାହାନ୍ତି । ଘଣ୍ଟାଏକାଳ ଗତ ହେଲା ରହିବାରୁ ସେ ମେଘର ଅନ୍ତରାଳରେ ରହି ଗଲେ । ସୁତରାଂ ନ ଦିଶିବାରେ ଲୋକେ ଦେଖି ନ ପାରି ଚମତ୍କୃତ ହେଲେ । ଅଳ୍ପ ଏକଘଣ୍ଟା ପରେ ସେ ୧୫ ମାଇଲ ଦୂରବର୍ତ୍ତୀ ସ୍ଥାନରେ ଓହ୍ଲାଇଲେ । ସେ କହନ୍ତି ଯେ ୬୦୦୦ ଫିଟ ଉପରେ ଶୀତ ଅତ୍ୟନ୍ତ ଅସହ୍ୟ ଅଟେ । ଫ୍ରାନ୍ସ ଦେଶରେ ଆକାଶ ବିମାନରେ ସୀମାନ୍ତ ପ୍ରଦେଶ ବୁଲି ଦେଖିବା ଦୈନିକ ବ୍ୟାପାର ହୋଇ ପଡ଼ିଅଛି । ଅଳ୍ପକାଳ ମଧ୍ୟରେ ଆକାଶ ବିମାନ ପୃଥିବୀର ସର୍ବତ୍ର ବିଚରଣ କରିବାର ଆଶା ହୁଅଇ ।

—※—

ଓଡ଼ିଶା ଡିଭିଜନର ଜିଲ୍ଲାର ସନ ୧୯୧୦ ସାଲ ଜୁନ ମାସର ଜନ୍ମ ମୃତ୍ୟୁର ବିବରଣ ଯଥା:—

| ଜିଲ୍ଲା | ଜନ୍ମ | ମୃତ୍ୟୁ |
|---|---|---|
| କଟକ | ୨୫୨୨ | ୪୧୬୬ |
| ବାଲେଶ୍ୱର | ୩୨୬୩ | ୧୮୨୩ |
| ପୁରୀ | ୩୮୫୧ | ୨୯୨୨ |
| ସମ୍ବଲପୁର | ୩୮୦୬ | ୨୧୯୩ |

କଟକ ବାଲେଶ୍ୱର ଓ ପୁରୀ ଏହି ତିନି ଜିଲ୍ଲାର ଜନ୍ମ ଶତକଡ଼ା ୪୨ ରୁ ୪୫ ଓ ମୃତ୍ୟୁ ୨୦ ରୁ ୨୪ ଥିଲା କେବଳ ସମ୍ବଲପୁରର ଶତକଡ଼ା ଯଥାକ୍ରମେ ୫୩ ଓ ୪୧ ଥିଲା । ଓଲାଉଠା ମୃତ୍ୟୁ ସମ୍ବଲପୁରରେ ଅଧିକ ଥିଲା ଓ ଅନ୍ୟ ତିନି ଜିଲ୍ଲାରେ ଯଥାକ୍ରମେ ୨, ୧୮ ଓ ୧୪ ଥିଲା ବସନ୍ତରୋଗରେ ସମ୍ବଲପୁରରେ ୨୬ ଓ ବାଲେଶ୍ୱରରେ ୧୧ ମୃତ୍ୟୁ ହୋଇଥିଲା । ମୋଟରେ ଜନ୍ମ ଅଧିକ ଓ ମୃତ୍ୟୁ ହାସ ଶୁଭ ଅଟେ ।

—※—

ମାନ୍ୟବର ବଙ୍ଗେଶ୍ୱର ସର ବେକର ବାହାଦୂର ଗତ ତା ୨୪ ରଖ ବୁଧବାର ସକାଳେ ବାଲେଶ୍ୱରରେ ପ୍ରବେଶ ହୋଇ ଯଥା ସମାରୋହରେ ଅଭ୍ୟର୍ଥିତ ହୋଇଥିଲେ । ସେଠାରେ ମିଉନିସିପାଲିଟୀ, ଜିଲ୍ଲାବୋର୍ଡ଼, ମୁସଲମାନ ସଭା ଓ ବ୍ୟାସଦେବ ବା ଜାଗୃତ ସଭାର ଅଭିନନ୍ଦନ ପତ୍ରମାନ ଗ୍ରହଣ ଓ ସେ ସମସ୍ତର ଏକ ସଙ୍ଗରେ ଉତ୍ତର ପ୍ରଦାନ କରିଥିଲେ । ସେଥିର ସାର ମର୍ମ ବାହାରରେ ପ୍ରକାଶ କରିବୁଁ । ଅଭ୍ୟାଗତ୍ୟ କାର୍ଯ୍ୟ ମଧ୍ୟରେ ପ୍ରଥମରୁ ଶ୍ରୀ ରାଜା ବୈକୁଣ୍ଠନାଥ ଦେ ବାହାଦୁର ଏବଂ ୨ୟ ଦଳ ଶ୍ରୀ ସାମନ୍ତ ରାଧାଚରଣ ଦାସଙ୍କର ସନ୍ଧ୍ୟା ଡିନରର ଆମନ୍ତ୍ରଣରେ ଯୋଗଦାନ ଓ ଆନନ୍ଦ ଉପଭୋଗ କରିଥିଲେ । ଗତ କାଲି ସ୍ନାନଯାତ୍ରା ପରିଦର୍ଶନ କରି ରାତ୍ରରେ କଲିକତାକୁ ପ୍ରସ୍ଥାନ କରିଥିବେ ।

---

ଶ୍ରୀରାମପୁର ସରକାରୀ ବୟନ ବିଦ୍ୟାଳୟର ପ୍ରଥମ ବାର୍ଷିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଛାତ୍ରଗଣଙ୍କର ନାମ ପ୍ରକାଶ ହୋଇଅଛି । ଲୁଗାବୁଣାରେ ୮ ଜଣ ଏବଂ ସୂତାକଟାରେ ୬ ଜଣ ପାସ କରିଅଛନ୍ତି ଏବଂ ଉଭୟ ଶାଖାରେ ଶ୍ରୀରାମଚନ୍ଦ୍ର ଭଟ୍ଟାଚାର୍ଯ୍ୟ ପ୍ରଥମ ଏବଂ ନରେନ୍ଦ୍ରକୁମାର ବୋଷ ୨ୟ ସ୍ଥାନ ଅଧିକାର କରିଅଛନ୍ତି । ଉତ୍ତୀର୍ଣ୍ଣ ଛାତ୍ରମଧ୍ୟରେ ବ୍ରାହ୍ମଣ ଏବଂ କାୟସ୍ଥସଂଖ୍ୟା ଅଧିକ । ଏଥିରୁ ପାଠକମାନେ ଦେଖିବେ ଯେ ବ୍ୟବସାୟ ଶିକ୍ଷାରେ ଉଚ୍ଚଜାତୀୟ ହିନ୍ଦୁମାନେ ଦୃଷ୍ଟି କରୁଅଛନ୍ତି ଏବଂ ଏହା ମଙ୍ଗଳସୂଚକ ଅଟେ । ପ୍ରକୃତରେ ବର୍ତ୍ତମାନ ବଙ୍ଗଦେଶରେ ଅନେକ ବ୍ରାହ୍ମଣ କାୟସ୍ଥାଦି ଲୁଗାବୁଣା କାର୍ଯ୍ୟରେ ନିର୍ବାହ ହେଉଅଛନ୍ତି । ଉତ୍ତୀର୍ଣ୍ଣ ଛାତ୍ରମାନେ ବିଦ୍ୟାଳୟରୁ ବାହାର ବ୍ୟବସାୟରେ ପ୍ରବୃତ୍ତ ହେଲେ ଉନ୍ନତ ହେବ ସନ୍ଦେହ ନାହିଁ ।

—※—

କଲିକତାର ରାୟବାହାଦୂର ନରେନ୍ଦ୍ରନାଥ ସେନ ମହାଶୟଙ୍କଦ୍ୱାରା ପରିଚାଳିତ "ଇଣ୍ଡିଆନ ମିରର" ନାମକ ସମ୍ବାଦପତ୍ର ପଞ୍ଚାଶବର୍ଷ ଅତିକ୍ରମ କରିଅଛି । ସେ ପତ୍ରିକା ପ୍ରଥମେ ପାକ୍ଷିକ ପରେ ସାପ୍ତାହିକ ଓ ଶେଷରେ ଦୈନିକ ହୋଇଅଛି । ସୁବିଖ୍ୟାତ ମନମୋହନ ଘୋଷ ମହାଶୟ ଏଥିର ପ୍ରଥମ ସମ୍ପାଦକ ଏବଂ ନରେନ୍ଦ୍ର ବାବୁ ତାଙ୍କର ସହଯୋଗୀ ଥିଲେ । ଘୋଷ ମହାଶୟ ବିଲାତ ଯିବାରୁ ସମ୍ପାଦକୀୟ ଭାର ନରେନ୍ଦ୍ର ବାବୁଙ୍କ ଉପରେ ପଡ଼ିଲା ଏବଂ ସେ ଯେମନ୍ତ ଦକ୍ଷତା, ପରିଶ୍ରମଶୀଳତା ଏବଂ ସଦବୁଦ୍ଧିରେ ତାହାକୁ ଚଳାଇ ଅଛନ୍ତି ତାହା ଅନ୍ୟତ୍ର ଦେଖାଯାଏ ନାହିଁ । ଆମ୍ଭେମାନେ ସହଯୋଗିଙ୍କି ନବବର୍ଷରେ ସ୍ୱାଗତ ସମ୍ଭାଷଣ ପୂର୍ବକ ତାଙ୍କର ଦୀର୍ଘଜୀବନ କାମନା କରୁଅଛୁଁ । ସମ୍ବାଦପତ୍ର ସୁଦକ୍ଷରୂପେ ଚଳାଇ ସେହି ଏକା ଗବର୍ଣ୍ଣମେଣ୍ଟରୁ ଉପାଧି ପାଇଅଛନ୍ତି ।

—o※o—

ବଙ୍ଗପ୍ରଦେଶର ସନ ୧୯୦୯।୧୦ ସାଲର ଇନ୍‌କମ୍‌ଟିକସ ବିବରଣୀରୁ ପ୍ରକାଶ ଯେ ଏହି ବର୍ଷ ପ୍ରାୟ ୫୬ଲକ୍ଷ ଟଙ୍କା ଆୟ ହୋଇଥିଲା । ମାତ୍ର ପୂର୍ବ ବର୍ଷର ଆୟ ୫୭ଲକ୍ଷ ଟଙ୍କା ଥିଲା । ପାଟର ତୋଲଣୀ, କୋଟ, ଚର୍ମ, କପାଲୁଗା ଓ ଲକ୍ଷା ବ୍ୟବସାୟ ଊଣା ପଡ଼ିବା ହେତୁ ଆୟ ଊଣା ହୋଇଅଛି । ଅନ୍ୟ ବିଭାଗରେ ସବୁ ନିମ୍ନ ଅର୍ଥାତ୍ ଟ ୧୦୦୦ ରୁ ଟ ୧୨୫୦ ବା ପର୍ଯ୍ୟନ୍ତ ଆୟ କରିବା ଟିକସଦାତାଙ୍କ ସଂଖ୍ୟା ଗଣନାରେ ୪ ଜଣ ବଢ଼ିବାହାସ ଜଣା ଯାଉଅଛି ଯେ କେବଳ ବଡ଼ ୨ ବ୍ୟବସାୟିଙ୍କ ଲାଭ ପୂର୍ବବର୍ଷାପେକ୍ଷା ଊଣା ହୋଇଥିଲା । ଯାହାହେଉ ଆୟ ଊଣା ହେବା ସ୍ଥଳେ ନିମ୍ନ ଶ୍ରେଣୀର କରଦାତା ସଂଖ୍ୟା ବୃଦ୍ଧି ଚିନ୍ତ ଅବଶ୍ୟ ବୋଧ ହୁଅଇ ଏବଂ ଏଥିରୁ ଅନୁମାନ ହୁଏ ଯେ ଅସେସରଗଣ ଜାଲ ମେଲିବାରେ ତ୍ରୁଟି ନ କରି ବରଂ ଅଧିକରେ ବିସ୍ତାର କରିଅଛନ୍ତି ।

—o—

ନିମ୍ନଶ୍ରେଣୀ ଯଥା ପଣ୍ଡା ବ୍ରାହ୍ମଣମାନେ ର ମନ୍ଦିରର ସଙ୍କୁଡ଼ ଭୋଗ ପ୍ରସ୍ତୁତ କ ସ୍ଥଳେ ବେଢ଼ା ମଧ୍ୟରେ ଉଚ୍ଚ ଶ୍ରେଣୀର ମାନେ ସେହି ପ୍ରସାଦ ଗ୍ରହଣ କଲେ ପତି କୌଣସି ପ୍ରାୟଶ୍ଚିତ୍ତ ଯୋଗ୍ୟ ହେ ନାହିଁ ଜଣେ ପତ୍ରପ୍ରେରକ ଏହି ପ୍ର 'ଉତ୍କଳବାସିନୀ' ଉତ୍ତର ଦେ ସ୍ଥଳରେ ଯନ୍ତ୍ରମାନେ ଦେବତା ମହାପ୍ରସାଦ ବୋଲି ଜ୍ଞାନ କରନ୍ତି

Digitized by srujanika@gmail.com